# ଧରିତ୍ରୀ DHARITRI

ଢେଙ୍କାନାଳ, ଶୁକ୍ରବାର, ଜୁନ୍ ୨୪/୨୦୨୨ (୧୪ ପୃଷ୍ଠା) | Dhenkanal, Friday, June 24/2022 | Page 14 | ₹ 7.00 | ★★★★★

୧୮ଶ ଭାଗ ୧୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-


# ଶିବସେନା ବିଭାଜନମୁହାଁ, ବିଦ୍ରୋହୀ ମଜଭୁତ

**ମୁମ୍ବାଇ/ଗୁଅହାଟୀ/ନୂଆଦିଲ୍ଲୀ,୨୩।୬**

ମହାରାଷ୍ଟ୍ର ରାଜନୀତି ଚଳଚଞ୍ଚଳ। ଶିବସେନାର ଅସନ୍ତୁଷ୍ଟ ନେତା ଏକନାଥ ସିନ୍ଦେଙ୍କ ବିଦ୍ରୋହ ଦିନକୁ ଦିନ ମଜଭୁତ ହେବାରେ ଲାଗିଛି। ଏଥିସହ ଶିବସେନା ଅଧକ୍ଷ ଉଦ୍ଧବ ଠାକ୍ରେଙ୍କ ନେତୃତ୍ୱାଧୀନ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ସରକାର ପତନ ଆଡ଼କୁ ମୁହାଁଇଛି। ଇତିମଧ୍ୟରେ ସହଯୋଗୀ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ କଂଗ୍ରେସ ଉଦ୍ଧବଙ୍କ ପ୍ରତି ସମର୍ଥନ ଜାରି ରହିବ ବୋଲି ଘୋଷଣା କରିଛନ୍ତି। ତେବେ କ୍ଷମତା ରାଜନୀତିରେ ସଂଖ୍ୟାବଳର ସର୍ବାଧିକ ମହତ୍ତ୍ୱ ଥିବାରୁ ସିନ୍ଦେଙ୍କ ପଲା ଭାରି ରହିଛି। ସିନ୍ଦେ ଗୁଆହାଟୀରେ ଥିବା ତାଙ୍କ ଅନୁଗତ ବିଧାୟକମାନଙ୍କୁ ଧରି ନିଜକୁ ଶିବସେନାର ଏକ ଭିନ୍ନ ଗୋଷ୍ଠୀ ରୂପେ ସ୍ୱୀକୃତି ଦେବା ପାଇଁ ବିଧାନସଭା ବାଚସ୍ପତି ଓ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇପାରନ୍ତି। ଏପରି ହେଲେ ସିନ୍ଦେ ଗୋଷ୍ଠୀ ସମର୍ଥନରେ ମହାରାଷ୍ଟ୍ରରେ ଭାଜପା ପୁନର୍ବାର ସରକାର ଗଠନ କରିପାରେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କୁ ମୁଖ୍ୟମନ୍ତ୍ରୀ ଓ ସିନ୍ଦେଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇପାରେ ବୋଲି ଆଲୋଚନା ହେଉଛି।

୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାରେ ଶିବସେନାର ୫୫ ସଦସ୍ୟ ରହିଛନ୍ତି। ଗୁଆହାଟୀ ହୋଟେଲରେ ବିଦ୍ରୋହୀ ନେତା ଏକନାଥ ସିନ୍ଦେଙ୍କ ସହ ମୋଟ ୪୨ ବିଧାୟକ ଅଛନ୍ତି। ସେମାନଙ୍କ ମଧ୍ୟରୁ ୩୫ ଶିବସେନାର ହୋଇଥିବାବେଳେ ୭ ହେଉଛନ୍ତି

**ମହାରାଷ୍ଟ୍ର ସଙ୍କଟ**


ଏକନାଥ ସିନ୍ଦେ


ଉଦ୍ଧବ ଠାକ୍ରେ

- **ଗୁଆହାଟୀ ହୋଟେଲରେ ୪୨ ବିଧାୟକଙ୍କ ସହ ଏକନାଥ ସିନ୍ଦେଙ୍କ ଶକ୍ତି ପ୍ରଦର୍ଶନ**
- **ଉଦ୍ଧବଙ୍କ ସମର୍ଥନରେ ମମତା କହିଲେ, ଗଣତନ୍ତ୍ର ଉପରେ ବୁଲ୍‌ଡୋଜର ଚଢ଼ାଯାଉଛି**
- **ସଙ୍କଟ ସମୟରେ ଉଦ୍ଧବଙ୍କ ସହ ରହିଛୁ: କଂଗ୍ରେସ-ଏନ୍‌ସିପି**

ସ୍ୱାଧୀନ ବିଧାୟକ। ଦଳବଦଳ ନିରୋଧୀ ଆଇନ ବଳରେ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ସିନ୍ଦେଙ୍କୁ ୩୭ ଶିବସେନା ବିଧାୟକଙ୍କ ସମର୍ଥନ ଜରୁରୀ। ମୁମ୍ବାଇରେ ଥିବା ଅନ୍ୟ ୩ ଶିବସେନା ବିଧାୟକ ମଧ୍ୟ ସିନ୍ଦେଙ୍କୁ ସମର୍ଥନ ଘୋଷଣା କରିଥିବା ତାଙ୍କ ଶିବିର ପକ୍ଷରୁ କୁହାଯାଇଛି। ଏଥିସହ ସେମାନଙ୍କୁ ମଧ୍ୟ ଗୁଆହାଟୀକୁ ନେବା ପାଇଁ ଉଦ୍ୟମ ଚାଲିଥିବା ଜଣାପଡ଼ିଛି। ସିନ୍ଦେଙ୍କୁ ଆଉ ଅନ୍ୟୂନ ୨ ଶିବସେନା ବିଧାୟକଙ୍କ ସମର୍ଥନ ମିଳିଲେ ସେ ଦଳର ଏକ ସ୍ୱତନ୍ତ୍ର ଗୋଷ୍ଠୀ ରୂପେ ମାନ୍ୟତା ପାଇବେ। କେବଳ ବିଧାୟକ ନୁହନ୍ତି, ଶିବସେନାର ୪୦୦ରୁ ଊର୍ଦ୍ଧ୍ୱ ପୂର୍ବତନ କର୍ପୋରେଟର ଓ କେତେଜଣ ଏମ୍‌ପି ମଧ୍ୟ ସିନ୍ଦେଙ୍କୁ ସମର୍ଥନ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ସିନ୍ଦେଙ୍କ ପୁଅ ତଥା ଲୋକ ସଭା ସଦସ୍ୟ ଶ୍ରୀକାନ୍ତ ସିନ୍ଦେ ଅଛନ୍ତି। ଅନ୍ୟପକ୍ଷେ ଭାଜପାର ୧୦୬ ବିଧାୟକ ଥିବାରୁ ସିନ୍ଦେଙ୍କ ସମର୍ଥନରେ ଗୈରିକ ଦଳ ପୁନର୍ବାର ମହାରାଷ୍ଟ୍ର ଦଖଲ ପାଇଁ ଉଦ୍ୟମ ଜୋର୍‌ଦାର କରିଛି। ଫଡ୍‌ନବିସଙ୍କୁ ମୁଖ୍ୟମନ୍ତ୍ରୀ କରାଇବା ଦାବିରେ ଭାଜପା ପକ୍ଷରୁ ଅନେକ ସ୍ଥାନରେ ବ୍ୟାନର ପୋଷ୍ଟର ଲଗାଯାଇଛି। ଶିବସେନାର ବିଦ୍ରୋହୀ ଗୋଷ୍ଠୀ ପକ୍ଷରୁ ଲଗାଯାଇଥିବା ପୋଷ୍ଟରଗୁଡ଼ିକରେ ସିନ୍ଦେଙ୍କ ସହ ତାଙ୍କ ରାଜନୈତିକ ଗୁରୁ ଧର୍ମବୀର ଆନନ୍ଦ ଦିଘେ ଓ ଦଳର ପ୍ରତିଷ୍ଠାତା ବାଲାସାହେବ ଠାକ୍ରେଙ୍କ ଫଟୋ ରହିଛି। ସେଥିରୁ ଉଦ୍ଧବ ଓ ତାଙ୍କ ପୁଅ ଆଦିତ୍ୟ ଠାକ୍ରେଙ୍କୁ ବାଦ୍ ଦିଆଯାଇଛି।

ଏନ୍‌ସିପି-କଂଗ୍ରେସ ସହ କରାଯାଇଥିବା ମହା ବିକାଶ ମେଣ୍ଟରୁ ଶିବସେନା ଓହରିଲେଯାଇ ମୁମ୍ବାଇକୁ ଫେରିବେ ବୋଲି ଉଦ୍ଧବଙ୍କ ଆଗରେ ସିନ୍ଦେ ଗୋଷ୍ଠୀ ସର୍ତ୍ତ ରଖିଥିବାବେଳେ ଗୁରୁବାର ଶାସକ ମେଣ୍ଟର ବୈଠକ ପରେ ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ କହିଛନ୍ତି, ଏଥିପାଇଁ ସେମାନଙ୍କୁ ୨୪ ଘଣ୍ଟା ଭିତରେ ମୁମ୍ବାଇକୁ ଫେରିବାକୁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ପଡ଼ିବ। ତା' ପରେ ଶରଦ ପାୱାରଙ୍କ ଏନ୍‌ସିପି ଏବଂ କଂଗ୍ରେସ ସହ ☞ପୃଷ୍ଠା-୪

## ପାଣିଭର୍ତ୍ତି ଗାତରେ ବୁଡ଼ି ୪ ଶିଶୁ ମୃତ

- **ଭାରତମାଳା ଯୋଜନାରେ ଖୋଳାଯାଇଥିଲା**
- **ଗାଧୋଇବା ବେଳେ ଜଣକ ପରେ ଜଣେ ବୁଡ଼ିଗଲେ**

**କୋରାପୁଟ/ଦଶମନ୍ତପୁର,୨୩।୬(ସ୍ୱ.ପ୍ର./ଡି.ଏନ.ଏ.):** କୋରାପୁଟ ସଦର ଥାନା ଅନ୍ତର୍ଗତ ମାଝିଗୁଡ଼ା ଗ୍ରାମ ନିକଟରେ ଗୁରୁବାର ଅପରାହ୍ନରେ ଏକ ଦୁଃଖଦ ଘଟଣା ଘଟିଛି। ରାସ୍ତାକଡ଼ରେ ଖୋଳାଯାଇଥିବା ଗାତରେ ପଡ଼ି ୪ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୩ ଜଣ ନାବାଳିକା ଏବଂ ଜଣେ ନାବାଳକ ରହିଛନ୍ତି। ମୃତ ଶିଶୁମାନେ ହେଲେ ସମରା ଶୁକିଙ୍କ ଝିଅ ବିମଳା ଶୁକି (୬), ରାଇତା ଶୁକି (୪), ରବି ହନ୍ତାଳଙ୍କ ପୁଅ ମଧୁସୂଦନ ହନ୍ତାଳ (୬), ସୁନିଆ ଅନ୍ତରଙ୍କ ଝିଅ ପୂର୍ଣ୍ଣ ଅନ୍ତର। ଏହି ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଦଶମନ୍ତପୁର ବ୍ଲକ ଅଧୀନ ମାଝିଗୁଡ଼ା ଗ୍ରାମ ନିକଟରେ ଭାରତମାଳା ଯୋଜନାରେ ରାସ୍ତାରେ ବିରାଟକାୟ ଗାତ ଖୋଳାଯାଇଥିଲା। ବର୍ଷା ହେବାରୁ ଉକ୍ତ ଗାତରେ ପୋଖରୀ ସଦୃଶ ପାଣି ଜମି ରହିଥିଲା। ସମ୍ପୃକ୍ତ ୪ ଶିଶୁ ଅପରାହ୍ନରେ ସେଠାକୁ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ଜଣକ ପରେ ଜଣେ ପାଣିରେ ବୁଡ଼ିଯାଇଥିଲେ। ସୂଚନା ପାଇ ଗ୍ରାମବାସୀ ଏବଂ କୋରାପୁଟ ଅଗ୍ନିଶମ ବାହିନୀ ପହଞ୍ଚି ସମସ୍ତଙ୍କୁ ପାଣିରୁ ବାହାର କରିଥିଲେ। ସମସ୍ତଙ୍କୁ ସ୍ଥାନୀୟ ମେଡିକାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ କେତେଜଣ ଗ୍ରାମବାସୀ କୁହନ୍ତି, ଗାଁ ଦେଇ ଯାଉଥିବା ଭାରତମାଳା ରାସ୍ତା କାର୍ଯ୍ୟ ଲାଗି ଗାତ ଖୋଳାଯାଇଥିଲା। ଡାଇଭର୍ସନ ପାଇଁ ବିକଳ୍ପ ରାସ୍ତା ନ ଥିଲା। ବୁଧବାର ପ୍ରବଳ ବର୍ଷା ହୋଇ ଗାତରେ ପାଣି ଜମିରହି ପୋଖରୀ ସଦୃଶ ହୋଇଛି। ପିଲାମାନେ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ସଙ୍କଟଗ୍ରସ୍ତ ଶିଶୁ ଓ ଶିକ୍ଷା**









ନୂଆଦିଲ୍ଲୀରେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରୁଛନ୍ତି ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ।

## ଆଜି ନାମାଙ୍କନ କରିବେ ଦ୍ରୌପଦୀ ମୁର୍ମୁ

**ରାଷ୍ଟ୍ରପତି ନିର୍ବାଚନ**

**ପ୍ରସ୍ତାବକ ହେଲେ ୨ ବିଜେଡି ମନ୍ତ୍ରୀ**

**ଭୁବନେଶ୍ୱର,୨୩।୬(ବ୍ୟୁରୋ)**

ଏନ୍‌ଡିଏ ତରଫରୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଦ୍ରୌପଦୀ ମୁର୍ମୁ ଶୁକ୍ରବାର ନାମାଙ୍କନ ଦାଖଲ କରିବେ। ଗୁରୁବାର ବିଜେଡିର ୨ କ୍ୟାବିନେଟ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଟୁକୁନି ସାହୁ ନାମାଙ୍କନ ପତ୍ରରେ ପ୍ରସ୍ତାବକ ଭାବେ ସ୍ୱାକ୍ଷର କରିଛନ୍ତି। ଶୁକ୍ରବାର ନାମାଙ୍କନପତ୍ର ଦାଖଲ ସମୟରେ ବିଜେଡିର ଏହି ୨ କ୍ୟାବିନେଟ ମନ୍ତ୍ରୀ ଉପସ୍ଥିତ ରହିବେ। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ ଆସନ୍ତାକାଲି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପଦ ପାଇଁ ନାମାଙ୍କନ ଦାଖଲ କରିବେ। ଏ ନେଇ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ମୋ' ସହ କଥା ହୋଇଛନ୍ତି। ଏହି ସମୟରେ ବିଜେଡି ତରଫରୁ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଟୁକୁନି ସାହୁ ଉପସ୍ଥିତ ରହିବେ। ଉଭୟ ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ସେଠାରେ ସେମାନେ ନାମାଙ୍କନପତ୍ରରେ ସ୍ୱାକ୍ଷର କରିବା ସହ ଆସନ୍ତାକାଲି ଦିଲ୍ଲୀରେ ଉପସ୍ଥିତ ରହିବେ।

ସୂଚନାଯୋଗ୍ୟ, ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିବା ପାଇଁ ବୁଧବାର ମୁଖ୍ୟମନ୍ତ୍ରୀ ସବୁ ଦଳକୁ ଟୁଇଟ କରି ଅପିଲ କରିଥିଲେ। ଦଳମତ ନିର୍ବିଶେଷରେ ସମସ୍ତ ବିଧାୟକ ସର୍ବସମ୍ମତି କ୍ରମେ ମୁର୍ମୁଙ୍କୁ ସମର୍ଥନ କରିବାକୁ ସେ କହିଛନ୍ତି।

## ଥାନା ପରିସରରେ ଦେହରେ ନିଆଁ ଲଗାଇଦେଲେ

- **ପୋଲିସ ଉପରୁ ଭରସା ନ ପାଇ ଚରମ ପଦକ୍ଷେପ**
- **ଜମିବାଡ଼ି ବିବାଦକୁ ନେଇ ଥାନାରେ ହୋଇଥିଲା ଅଭିଯୋଗ**
- **ଶରୀରର ୯୦ରୁ ଊର୍ଦ୍ଧ୍ୱ ଭାଗ ପୋଡ଼ିଯାଇଛି**
- **ପୁତୁରା ସାଗର ଗିରଫ**

**କଟକ ସଦର ୨୩।୬(ଡି.ଏନ୍.ଏ.)**


ପୁଣି ସନ୍ଦେହ ଘେରକୁ ଆସିଛି ପୋଲିସର କାର୍ଯ୍ୟ। ନ୍ୟାୟ ପାଇବାକୁ ଥାନାକୁ ଆସୁଥିବା ଲୋକେ ଯେପରି ନିରାଶ ହୋଇ ନ ଫେରିବେ ସେଥିପାଇଁ ପୋଲିସ ବ୍ୟବସ୍ଥାକୁ ୫-ଟି ଅନ୍ତର୍ଭୁକ୍ତ କରାଯାଇଛି। ହେଲେ କିଛି କିଛି କାର୍ଯ୍ୟ ପୋଲିସର ଛବି ମଳିନ କରୁଛି। ଯାହାକି ଗୁରୁବାର କଟକ ଜିଲା କିଶନନଗର ଥାନା ପରିସରରେ ଘଟିଥିବା ଏକ ଅଭାବନୀୟ ଘଟଣାରୁ ସ୍ପଷ୍ଟ ହେଉଛି। ଜମିବାଡ଼ି ବିବାଦକୁ ନେଇ ଥାନାରେ ଅଭିଯୋଗ କରିଥିବା ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ପୋଲିସ ନିକଟରୁ ନ୍ୟାୟ ନ ପାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଥାନା ପରିସରରେ




ଗୁରୁବାର ପୂର୍ବାହ୍ନ ୧୧ଟାରେ ଗୁଣନିଧି ବିଶୋୟୀ ନାମକ ଜଣେ ବ୍ୟକ୍ତି ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଥାନା କର୍ମଚାରୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ☞ପୃଷ୍ଠା-୪




# ପାଶ୍ୱାନଙ୍କ ବଙ୍ଗଳାରେ ରହିବେ କୋବିନ୍ଦ


ରାଷ୍ଟ୍ରପତି ରାମନାଥ କୋବିନ୍ଦ




**ନୂଆଦିଲ୍ଲୀ,୨୩।୬**

ଆଉ ଦିନ କେଇଟା ବାକି ରହିଲା। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅବସର ନେବେ। ଦେଶର ପ୍ରଥମ ନାଗରିକରୁ ସାଧାରଣ ନାଗରିକ ପାଲଟିବା ପରେ କୋବିନ୍ଦଙ୍କୁ ରାଇସିନା ହିଲ୍ ଛାଡ଼ିବାକୁ ପଡ଼ିବ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଦେଶର ଏହି ସର୍ବୋଚ୍ଚ ସାମ୍ବିଧାନିକ ପଦ ପାଇଁ ହେବାକୁ ଥିବା ନିର୍ବାଚନରେ ବିଜୟୀ ହେବା ପରେ ରାଷ୍ଟ୍ରପତି ଭବନରେ ରହିବେ। ତେଣୁ କୋବିନ୍ଦଙ୍କ ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ରାମବିଳାସ ପାଶ୍ୱାନ ପୂର୍ବରୁ ରହୁଥିବା ବଙ୍ଗଳାରେ ବ୍ୟବସ୍ଥା କରାଯାଇଛି।

ରାଜନୈତିକ ପାଣିପାଗ ବିଶେଷଜ୍ଞ ରୂପେ ପରିଚିତ ରାମବିଳାସ ପାଶ୍ୱାନ ଉଭୟ ଏନ୍‌ଡିଏ ଏବଂ ପୂର୍ବରୁ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଅମଳରେ ମନ୍ତ୍ରୀ ଥିଲେ। ଏହି ସମୟରେ ସେ ୩ ଦଶନ୍ଧି ଧରି ନୂଆଦିଲ୍ଲୀର ୧୨ ଜନପଥ ବଙ୍ଗଳାରେ ରହୁଥିଲେ। ୨୦୨୦ ଅକ୍ଟୋବରରେ ୭୪ ବର୍ଷୀୟ ଦଳିତ ନେତା ପାଶ୍ୱାନଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଚିରାଗ ପାଶ୍ୱାନଙ୍କ ଦଖଲରେ ସେହି ବଙ୍ଗଳା ରହିଥିଲା। ସେଠାରେ ସେ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)ର ଦଳୀୟ କାର୍ଯ୍ୟକ୍ରମ ଆୟୋଜନ କରୁଥିଲେ। ଦାଦା ପଶୁପତି କୁମାର ପାରସଙ୍କ ସହ ମତଭେଦ ପରେ ଏଲ୍‌ଏଜପିରେ ବିଭାଜନ ହୋଇଥିଲା। ବାରମ୍ବାର ନୋଟିସ କରାଯିବା ପରେ ଗତ ଏପ୍ରିଲରେ ଚିରାଗ ଉକ୍ତ ବଙ୍ଗଳା ଖାଲି କରିଥିଲେ। ଲୁଟିଏନ୍ସ ଦିଲ୍ଲୀର ବଡ଼ ବଙ୍ଗଳାଗୁଡ଼ିକ ମଧ୍ୟରୁ ଅନ୍ୟତମ ଏହି ଘର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ବୈଷ୍ଣବଙ୍କୁ ପୃଥ୍ୱୀରାଜ ରୋଡ୍‌ରେ ଏକ ବଙ୍ଗଳା ଦିଆଗଲା, ଯେଉଁଠି ସେ ଏବେ ରହୁଛନ୍ତି। ରାଷ୍ଟ୍ରପତି କୋବିନ୍ଦଙ୍କ କାର୍ଯ୍ୟକାଳ ଜୁଲାଇ ୨୪ରେ ଶେଷ ହେବ। ଅବସର ନେବା ପରେ କୋବିନ୍ଦ ସେହି ବଙ୍ଗଳାରେ ରହିବେ। ରହଣି ପାଇଁ ସେଠାରେ ବ୍ୟବସ୍ଥା କରାଯାଉଥିବାବେଳେ କୋବିନ୍ଦଙ୍କ ଝିଅ ଉକ୍ତ ବଙ୍ଗଳାକୁ ପରିଦର୍ଶନରେ ଯାଇଥିଲେ।

# ଦ୍ରୌପଦୀଙ୍କୁ ସମର୍ଥନ ଦେବନି କଂଗ୍ରେସ: ନରସିଂହ

**ଭୁବନେଶ୍ୱର/ବଲାଙ୍ଗୀର ଅଫିସ, ୨୩।୬(ବ୍ୟୁରୋ)**

ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ହୋଇଛନ୍ତି। ଯାହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମର୍ଥନ କରିସାରିଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ୨ ମନ୍ତ୍ରୀ ଟୁକୁନି ସାହୁ ଏବଂ ଜଗନ୍ନାଥ ସାରକାଙ୍କୁ ମଧ୍ୟ ଦ୍ରୌପଦୀଙ୍କ ପ୍ରାର୍ଥିପତ୍ର ଦାଖଲ ସମୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ମିଳିବା ପରେ ସେମାନେ ଦିଲ୍ଲୀ ଗସ୍ତ କରିଛନ୍ତି। ଏ ବାବଦରେ ରାଜ୍ୟ କଂଗ୍ରେସ କୌଣସି ନିଷ୍ପତ୍ତି ସ୍ପଷ୍ଟ ଭାବେ ନେଇପାରି ନ ଥିଲା। ଯେହେତୁ ଦ୍ରୌପଦୀ ଓଡ଼ିଆ ଝିଅ ତେଣୁ ଏହାକୁ ନେଇ ରାଜ୍ୟ କଂଗ୍ରେସ ମଧ୍ୟ ଦ୍ୱନ୍ଦ୍ୱରେ ରହିବା ସ୍ୱାଭାବିକ କଥା। ହେଲେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ଗୁରୁବାର ନିଜର ଆଭିମୁଖ୍ୟକୁ ସ୍ପଷ୍ଟ କରିଛି। ଦ୍ରୌପଦୀ ମୁର୍ମୁଙ୍କୁ କଂଗ୍ରେସ ସମର୍ଥନ ଦେବ ନାହିଁ ବୋଲି କଂଗ୍ରେସ ଘୋଷଣା କରିଛି।

କଂଗ୍ରେସର ବରିଷ୍ଠ ନେତା ତଥା ବିଧାୟକ ନରସିଂହ ମିଶ୍ର କହିଛନ୍ତି, ଦ୍ରୌପଦୀ ମୁର୍ମୁ ଜଣେ ଭଲ ମଣିଷ ଓ ଭଲ ବିଧାୟିକା। ତାଙ୍କୁ ସେ ବ୍ୟକ୍ତିଗତ ଭାବେ ଜାଣନ୍ତି ଏବଂ ଉଭୟଙ୍କ ମଧ୍ୟରେ ସମ୍ପର୍କ ବହୁତ ଭଲ। ହେଲେ ଭାଜପା ନୀତି ଆଦର୍ଶରେ ବିଶ୍ୱାସ କରୁଥିବାରୁ କଂଗ୍ରେସ ତାଙ୍କୁ ସମର୍ଥନ ଦେବ ନାହିଁ। ତାଙ୍କ ପ୍ରାର୍ଥିତ୍ୱ ଘୋଷଣା ହେବା ପୂର୍ବରୁ ବିରୋଧୀ ନିଜ ପ୍ରାର୍ଥୀ ଚୂଡ଼ାନ୍ତ କରିସାରିଛି। ଜଣଙ୍କୁ ପ୍ରାର୍ଥୀ ଭାବେ ଛିଡ଼ା କରିବା ପରେ ଅନ୍ୟ ଜଣଙ୍କୁ ସମର୍ଥନ କରିବା ଠିକ୍ କଥା ନୁହେଁ ବୋଲି ନରସିଂହ କହିଛନ୍ତି। ଅନ୍ୟପଟେ ଦ୍ରୌପଦୀଙ୍କୁ ସମର୍ଥନ ଲାଗି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ଆମନ୍ତ୍ରଣକୁ ନରସିଂହ କଟାକ୍ଷ କରି କହିଛନ୍ତି, ଯଦି ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଆ ପ୍ରୀତି ଅଛି ବୋଲି କହୁଛନ୍ତି ତେବେ ଜଣେ ଅଣଓଡ଼ିଆଙ୍କୁ କାହିଁକି ରାଜ୍ୟ ସଭା ପଠାଇଛନ୍ତି। ରାଜ୍ୟରେ ଓଡ଼ିଆ ପ୍ରାର୍ଥୀ ନ ଥିଲେ କି ବୋଲି ନରସିଂହ ପ୍ରଶ୍ନ କରିଛନ୍ତି।

# ନାମାଙ୍କନ ସମୟରେ ରହିବେ ଓଡ଼ିଶାର ୮ ଭାଜପା ବିଧାୟକ

**ଭୁବନେଶ୍ୱର,୨୩।୬(ବ୍ୟୁରୋ)**

ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ହୋଇଛନ୍ତି। ମୁର୍ମୁଙ୍କ ପ୍ରାର୍ଥିତ୍ୱକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ସମର୍ଥନ କରିସାରିଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ୨ ମନ୍ତ୍ରୀ ଟୁକୁନି ସାହୁ ଏବଂ ଜଗନ୍ନାଥ ସାରକାଙ୍କୁ ମଧ୍ୟ ଦ୍ରୌପଦୀଙ୍କ ପ୍ରାର୍ଥିପତ୍ର ଦାଖଲ ସମୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ମିଳିବାପରେ ସେମାନେ ଦିଲ୍ଲୀ ଗସ୍ତ କରିଛନ୍ତି। ସେହିପରି ଭାଜପାର ୮ ଜଣ ବିଧାୟକ ମଧ୍ୟ ଏହି ଅବସରରେ ଦିଲ୍ଲୀ ଗସ୍ତ କରିଛନ୍ତି। ତେବେ ନାମାଙ୍କନ ସମୟରେ ଓଡ଼ିଶାର ୩ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଆଉ କେତେଜଣ ଏମ୍‌ପି ରହିବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଦିଲ୍ଲୀରେ ରହୁଥିବା ଓଡ଼ିଶାର କେତେଜଣ ପରିଚିତ ଚେହେରାଙ୍କୁ ମଧ୍ୟ ଏହି ସମୟରେ ଉପସ୍ଥିତ ରହିବାକୁ କୁହାଯାଇଥିବା ଆଲୋଚନା ହେଉଛି।

# ଗୋପାଳପୁର ବିଜେଡି ବିଧାୟକ ଅଛି: ପ୍ରଦୀପ

■ବିଧାନସଭା ଟ୍ରେଜେରି ବେଞ୍ଚର ୨୬ନଂ. ସିଟ୍ ରହିଛି
■ୱେବ୍‌ସାଇଟ ତଥ୍ୟରେ ଦର୍ଶାଯାଇଛି


ବିଧାୟକ ପ୍ରଦୀପ ପାଣିଗ୍ରାହୀ

**ବ୍ରହ୍ମପୁର ଅଫିସ/ଗୋପାଳପୁର,୨୩।୬**

ଦଳରୁ ବହିଷ୍କୃତ ବିଷୟ ଗଣମାଧ୍ୟମରେ ପ୍ରସାରଣ ହୋଇଛି ଓ ନିଜେ ଶୁଣିଛି। ତେବେ ଏବେ ମଧ୍ୟ ମୁଁ ବିଜେଡିର ବିଧାୟକ ଅଛି। ବିଧାନସଭା ୱେବ୍‌ସାଇଟରେ ଶାସକ ଦଳ ତଥା ଟ୍ରେଜେରି ବେଞ୍ଚରେ ୨୬ନଂ. ସିଟ୍ ମୋ ପାଇଁ ଉଦ୍ଦିଷ୍ଟ ଅଛି। ଏହା କହିଛନ୍ତି, ଗୋପାଳପୁର ବିଧାୟକ ଡ. ପ୍ରଦୀପ ପାଣିଗ୍ରାହୀ। ଦୀର୍ଘଦିନ ପରେ ସେ ନିଜ ନିର୍ବାଚନମଣ୍ଡଳୀର ସିନ୍ଧିଗାଁକୁ ଗୁରୁବାର ଆସି ନୂତନ ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିଲେ। ଏହି ଅବସରରେ ଖବରଦାତାଙ୍କ ସହ ଆଲୋଚନା ପ୍ରସଙ୍ଗରେ ଉପରୋକ୍ତ ସୂଚନା ଦେଇଥିଲେ।

ପ୍ରଦୀପ ଆହୁରି କହିଥିଲେ, ବିଭିନ୍ନ କାରଣରୁ ସେ ନିର୍ବାଚନମଣ୍ଡଳୀକୁ ଆସିପାରି ନ ଥିଲେ। ହନୁମାନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେଇ ଖୁସି ଲାଗୁଛି। ଆଗାମୀ ଦିନରେ ରାଜନୀତି କି ମୋଡ଼ ନେବ ତାହା ଆପଣମାନେ ଜାଣିପାରିବେ। ଗଞ୍ଜାମ ଜିଲା ଓ ଗୋପାଳପୁର ଅଞ୍ଚଳର ବିକାଶ ସମେତ ସମସ୍ତ କାର୍ଯ୍ୟକ୍ରମରେ ସାମିଲ ହେବେ। ତାଙ୍କ ଅଭିଯୋଗ ଅନୁସାରେ ବ୍ଲକ, ଏନ୍‌ଏସି ଓ ଅନ୍ୟ ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଯାଉ ନ ଥିବାରୁ ଆସିପାରୁ ନାହାନ୍ତି। ଏଣିକି ରୀତିମତ ଆସିବାକୁ ପାଣିଗ୍ରାହୀ ସ୍ପଷ୍ଟ କରିଛନ୍ତି। ବିଜେଡି ବା ଦଳର କୌଣସି ନେତାଙ୍କ ବିରୋଧରେ ସେ ଟିପ୍ପଣୀ ନ ଦେଇ ଚତୁରତାର ସହିତ ବୟାନ ଦେଇଛନ୍ତି।

ବିଧାୟକ ପାଣିଗ୍ରାହୀ ଭୁବନେଶ୍ୱରରୁ ଆସି ଜଗନ୍ନାଥପୁର ଛକରେ ପହଞ୍ଚିଥିଲେ। ସେଠାରୁ ବହୁ ସଂଖ୍ୟକ ଲୋକ ତାଙ୍କୁ ଶୋଭାଯାତ୍ରାରେ ସିନ୍ଧିଗାଁ ମନ୍ଦିର ପର୍ଯ୍ୟନ୍ତ ନେଇଥିଲେ।

## ‘ପ୍ରଦୀପ ବିଜେଡିରେ ନାହାନ୍ତି’

### ରଙ୍ଗେଇଲୁଣ୍ଡା ବ୍ଲକ ବିଜେଡି ସଭାପତିଙ୍କ ପ୍ରତିକ୍ରିୟା

ଗୋପାଳପୁର ନିର୍ବାଚନୀମଣ୍ଡଳୀ ବିଜେଡି ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ହଠାତ୍ ସାମ୍ବାଦିକ ସମ୍ମିଳନୀ ଡକାଯାଇଥିଲା। ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ବ୍ଲକ ସଭାପତି ଅଜିତ ଦାସ ନିଜ ବିବୃତିରେ ଗୋପାଳପୁର ବିଧାୟକ ଆସି ଯେଉଁ ବିବୃତି ଦେଇଛନ୍ତି ସେ ମାନସିକ ଭାରସାମ୍ୟ ହରାଇଛନ୍ତି। ଗୋପାଳପୁର ଶାନ୍ତି ବାତାବରଣକୁ ଭଙ୍ଗ କରିବା ନିମନ୍ତେ ବକ୍ତବ୍ୟ ଦେଇଥିଲେ। ସେ ବିଜେଡିରେ ନାହାନ୍ତି କି କୌଣସି କାର୍ଯ୍ୟରେ ଯୋଗଦେଉ ନାହାନ୍ତି। ବିଜେଡିରେ ସଦସ୍ୟତା କିମ୍ବା ସଦସ୍ୟ ଅଛନ୍ତି କୌଣସି ଚିଠି ଥିଲେ ଗଣମାଧ୍ୟମକୁ ପ୍ରଦାନ କରନ୍ତୁ। ଯଦି ତାଙ୍କର ୨୬ ନମ୍ବର ସିଟ୍ ତେବେ ସେ ସେଠାରେ କାହିଁକି ବସୁନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ବ୍ଲକ ଓ ଏନ୍‌ଏସି ବୈଠକରେ ବିଧାୟକଙ୍କୁ ଡକା ଯାଉନଥିବା ଅଧ୍ୟକ୍ଷଙ୍କର ଇଚ୍ଛାଧୀନ ବୋଲି ସେ କହିଥିଲେ। ଏଥି ସହ ଗତ ୨ ବର୍ଷ ହେଲା ବିଧାୟକ ନିର୍ବାଚନ ମଣ୍ଡଳୀକୁ ଆସୁନାହାନ୍ତି, ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଅଛନ୍ତି। ବହିଷ୍କାର ହୋଇଥିବା ବିଧାୟକଙ୍କର କାର୍ଯ୍ୟକ୍ରମରେ ଜନ ପ୍ରତିନିଧିମାନେ ନ ଯିବା ପାଇଁ କୁହାଯାଇଛି। ଯଦି ଯିବେ ତ ଦଳ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦାସ ଖବରଦାତାଙ୍କ ଆଗରେ ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ଉପସଭାନେତ୍ରୀ ଏସ୍.ରାଜେଶ୍ୱରୀ ଦୋରା, ୫୪ ନମ୍ବର ଜିଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ୫୫ ନମ୍ବର ଜିଲା ପରିଷଦ ସଭ୍ୟ ତଅପୋଇ ଦାସ, ଅଧ୍ୟକ୍ଷଙ୍କ ପ୍ରତିନିଧି ସି.ଏଚ୍. ନରେଶ, ଉପାଧ୍ୟକ୍ଷଙ୍କ ପ୍ରତିନିଧି ଓ ବ୍ଲକ ଯୁବ ସଭାପତି ବିନୋଦ ମହାଙ୍କୁଡ଼, ଛାତ୍ର ସଭାପତି ମିଳେନ୍ଦ୍ର ପ୍ରଧାନ, ଡି.ଶୋଭା ଓ ଅନ୍ୟମାନେ ଉପସ୍ଥିତ ଥିଲେ।


ଶିବସେନା ଏମ୍‌ପି ସଞ୍ଜୟ ରାଉତ୍‌ଙ୍କ ସହ ବିଦ୍ରୋହୀ ଶିବିରରୁ ଫେରିଆସିଥିବା ୨ ବିଧାୟକ କଲ୍ଲେଶ ପାଟିଲ ଓ ନୀତିନ ଦେଶମୁଖ ମୁମ୍ବାଇରେ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି।



ଶିବସେନାର ବିଦ୍ରୋହୀ ନେତା ଏକନାଥ ସିନ୍ଦେଙ୍କ ସମର୍ଥକମାନେ ଠାଣେ ହନୁମାନ ମନ୍ଦିର ପାର୍ଟି ଅଫିସ୍‌ରୁ ଶୋଭାଯାତ୍ରାରେ ବାହାରିଛନ୍ତି। ସେମାନେ ଧରିଥିବା ବ୍ୟାନରରେ ସିନ୍ଦେଙ୍କ ସହ ତାଙ୍କ ରାଜନୈତିକ ଗୁରୁ ଧର୍ମବୀର ଆନନ୍ଦ ଦିଘେ ଓ ଦଳର ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେ ଫଟୋ ରହିଛି। ସେଥିରୁ ଉଦ୍ଧବ ଓ ତାଙ୍କ ପୁଅ ଆଦିତ୍ୟ ଠାକ୍‌ରେଙ୍କୁ ବାଦ୍ ଦିଆଯାଇଛି।

## ରାଜ୍ୟ ଖବର

# ବଦଳି କରାଇଦେବାକୁ କହି ୩୪ଲକ୍ଷ ଠକେଇ

■ଠକାମିର ଶିକାର ହେଲେ ଶିକ୍ଷକ
■ଜେଲ ଗଲେ ଅଭିଯୁକ୍ତ

**ପଦ୍ମପୁର,୨୩।୬(ଡି.ଏନ.ଏ.)**

ନିଜକୁ ଶିକ୍ଷା ବିଭାଗର ସେକ୍ସନ ଅଫିସର ପରିଚୟ ଦେଇ ବଦଳି କରାଇଦେବାକୁ କହି ଶିକ୍ଷକଙ୍କଠାରୁ ୩୪ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଜଣେ ଯୁବକଙ୍କୁ ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ପୋଲିସ ଗିରଫ କରିଛି। ସେ ହେଲେ କୋରାପୁଟ ଜିଲା ଜୟପୁର ଥାନା ଅଞ୍ଚଳର ସଂଗ୍ରାମ କେଶରୀ ବାରିକ। ଗୁରୁବାର ପୂର୍ବାହ୍ନରେ ତାଙ୍କୁ କୋର୍ଟ ଚାଲାଣ ପରେ ଭଦ୍ରକ ଜେଲକୁ ପଠାଇ ଦିଆଯାଇଛି। ତାଙ୍କ ନିକଟରୁ ଏକ କାର୍, ମୋବାଇଲ, ୧୩୦ ଗ୍ରାମ୍ ସୁନା ଓ ନଗଦ ୪୦ ହଜାର ଟଙ୍କା ଜବତ କରାଯାଇଛି।


ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ ସୂଚନା ଦେଉଛନ୍ତି।


ସାବରଙ୍ଗ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ ସୂଚନା ଦେଇ କହିଛନ୍ତି, ସାବରଙ୍ଗ ଅଞ୍ଚଳର ସୌଭାଗ୍ୟ ରଞ୍ଜନ ମହାପାତ୍ର ପ୍ରାଥମିକ ଶିକ୍ଷକ ଭାବେ ସୁନ୍ଦରଗଡ଼ ଜିଲାରେ କାର୍ଯ୍ୟରତ ଅଛନ୍ତି। ଗତ ମାର୍ଚ୍ଚରେ ସଂଗ୍ରାମ କୌଣସି ସୂତ୍ରରୁ ସୌଭାଗ୍ୟଙ୍କ ମା’ଙ୍କ ସହ ଫୋନ ମାଧ୍ୟମରେ ଯୋଗାଯୋଗ କରି ନିଜକୁ ଶିକ୍ଷା ବିଭାଗର ସେକ୍ସନ ଅଫିସର ପରିଚୟ ଦେଇଥିଲେ। ସୌଭାଗ୍ୟଙ୍କୁ ନିଜ ଜିଲା ତଥା ଭଦ୍ରକକୁ ବଦଳି କରାଇ ଦେବେ ବୋଲି ତାଙ୍କୁ କହିଥିଲେ। ଏଥିପାଇଁ ବିଭିନ୍ନ କିସ୍ତିରେ ଅନ୍‌ଲାଇନ ଟ୍ରାନ୍ସଫର ମାଧ୍ୟମରେ ୩୪ଲକ୍ଷ ୮ ହଜାର ୧୧୫ ଟଙ୍କା ଠକି ନେଇଛନ୍ତି। ସୌଭାଗ୍ୟଙ୍କ ବାପା ରତ୍ନାକର ମହାପାତ୍ର ସେନାରେ ଯୋଗଦେଇ ଶହୀଦ ହୋଇଥିଲେ। ସରକାରଙ୍କ ପକ୍ଷରୁ ମିଳିଥିବା ଅର୍ଥରାଶି ତାଙ୍କ ସ୍ତ୍ରୀ ସୌଦାମିନୀଙ୍କ ନାଁରେ ଜମା ଥିଲା। ପ୍ରଥମ ପର୍ଯ୍ୟାୟରେ ବଦଳି ପାଇଁ ୫ଲକ୍ଷ ଟଙ୍କା ଆବଶ୍ୟକ ବୋଲି କହିବାରୁ ସୌଦାମିନୀଙ୍କ ଆକାଉଣ୍ଟରୁ ସଂଗ୍ରାମଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଥିଲା। ପରେ ବିଭିନ୍ନ ବାହାନା କରି ୯୨ଥର ତାଙ୍କଠାରୁ ଅନ୍‌ଲାଇନରେ ଟଙ୍କା ନେଇଛନ୍ତି। ପରେ ବଦଳି ଅର୍ଡର ମାଗିବାରୁ ସଂଗ୍ରାମ ସୌଭାଗ୍ୟ ଓ ତାଙ୍କ ମା’ଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଏନେଇ ଗତ ୧୪ ତାରିଖରେ ସୌଭାଗ୍ୟଙ୍କ ଅଭିଯୋଗକ୍ରମେ ସାବରଙ୍ଗ ଥାନାରେ ମାମଲା (ନଂ.୧୧୦/୨୨)ରୁଜୁ ହୋଇଥିଲା। ଅଭିଯୁକ୍ତ ସଂଗ୍ରାମ କୌଣସି କାମରେ ବାସୁଦେବପୁର ଆସିଥିବା ଖବର ପାଇ ସାବରଙ୍ଗ ଥାନାଧିକାରୀ ଶୋଭେନ କୁମାର ସ୍ୱାଇଁ ଓ ଗ୍ରାମାଞ୍ଚଳ ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ମିଳିତ ଉଦ୍ୟମରେ ତାଙ୍କୁ ବୁଧବାର ଗିରଫ କରାଯାଇଛି। ସେ ବିଭିନ୍ନ ଠକେଇ ମାମଲାରେ ସମ୍ପୃକ୍ତ ଥିବାବେଳେ ନାମୀଦାମୀ ହୋଟେଲରେ ବିଳାସପୂର୍ଣ୍ଣ ଜୀବନ ଯାପନ କରିବା ସହ ସୁନାଗହଣା କିଣିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।


ଜବତ ହୋଇଥିବା ନଗଦ ଟଙ୍କା ଓ ସୁନାଗହଣା।

# ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ

**ବାରିପଦା ଅଫିସ,୨୩।୬:** ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଗୁରୁବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ ସୁମିତା ଜେନା ଏହାର ବିଚାର କରି ଅଭିଯୁକ୍ତ ଶମ୍ଭୁ ସିଂ(୨୯)ଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୩ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତ। ଜରିମାନା ଅନାଦେୟ ଅଧିକ ୪ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହା ସହିତ ଆଇନ ସହାୟତା କର୍ତ୍ତୃପକ୍ଷ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୪ଲକ୍ଷ ଟଙ୍କା ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।


ମାମଲାର ବିବରଣୀ ଅନୁଯାୟୀ, ୨୦୧୪ ଜୁଲାଇ ୨୧ରେ ବେତନଟୀ ଥାନା ଅଞ୍ଚଳର ଜନୈକା ନାବାଳିକା ନିକଟସ୍ଥ ଜଳାଶୟକୁ ପାଣି ଆଣିବାକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ଶମ୍ଭୁ ସେଠାରେ ପହଞ୍ଚି ତାଙ୍କୁ ବଳପୂର୍ବକ ଅପହରଣ କରି ନେଇ ସମ୍ପର୍କୀୟଙ୍କ ଘରେ ରଖି ବଳାତ୍କାର କରିଥିଲେ। ନାବାଳିକାଙ୍କ ବାପା ଝିଅକୁ ନ ପାଇ ସେହି ମାସ ୨୮ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୧୩୫/୧୪) ରୁଜୁ କରି ୯ଦିନ ପରେ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଶମ୍ଭୁଙ୍କୁ କୋର୍ଟ ଚାଲାଣ କରିଥିଲା। ୧୬ଜଣ ସାକ୍ଷୀଙ୍କ ବୟାନ, ପୋଲିସର ତଦନ୍ତ ଓ ଡାକ୍ତରୀ ରିପୋର୍ଟକୁ ଭିତ୍ତି କରି ଜଜ ଉପରୋକ୍ତ ଦଣ୍ଡବିଧାନ କରିଛନ୍ତି। ଏହି ମାମଲାକୁ ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରୁଥିଲେ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୬୯,୪୭,୧୫୮ | ୬୩,୪୬,୩୧୦ | ୫୨,୨୪,୪୩,୧୯୮ |
| ଭାରତ | ୪,୩୩,୪୭,୫୯୭ | ୫,୨୪,୯୪୧ | ୪,୨୭,୩୬,୦୨୭ |
| ଓଡ଼ିଶା | ୧୨,୮୯,୦୬୮ | ୯୧୨୬(+୫୩) | ୧୨,୭୯,୫୫୯ |

ଗୁରୁବାର ରାତି ୯ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଓଡ଼ିଶା ପାଇବ ଏମ୍ଏସ୍ଏମ୍ଇ-୨୦୨୨ ପୁରସ୍କାର

**ଦେଶର ପ୍ରଥମ ରାଜ୍ୟ**

ଭୁବନେଶ୍ୱର,୨୩ା୬(ବ୍ୟୁରୋ)

ଭାରତ ସରକାର ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍ପାଦନ ଉଦ୍ୟୋଗ, ସେବା ଉଦ୍ୟୋଗ, ସ୍ୱତନ୍ତ୍ର ଉଦ୍ୟୋଗ ଏବଂ ପ୍ରତିଷ୍ଠାନ ସହାୟତା କ୍ଷେତ୍ର ଭଳି ସର୍ବମୋଟ ୪୪ଟି କ୍ଷେତ୍ରକୁ ପୁରସ୍କାର ନିମନ୍ତେ ଚୟନ କରାଯାଇଛି। ଏଥିରେ ଓଡ଼ିଶା ଜାତୀୟ ଏମ୍ଏସ୍ଏମ୍ଇ ଆୱାର୍ଡ-୨୦୨୨ ପୁରସ୍କାର ପାଇ ଦେଶରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ବିବେଚିତ ହୋଇଛି। ଏହା ରାଜ୍ୟର ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଦିଗରେ ନେଇଥିବା ପଦକ୍ଷେପ ପାଇଁ ପୁରସ୍କୃତ କରାଯିବ। ସେହିଭଳି ଆକାଂକ୍ଷୀ ଜିଲାଗୁଡ଼ିକ ମଧ୍ୟରେ କଳାହାଣ୍ଡିକୁ ୩ୟ ଜିଲା ଭାବେ ବିବେଚିତ ହୋଇଛି। ଏଥିସହିତ ସେବା ଉଦ୍ୟୋଗ ବର୍ଗରେ ଭୁବନେଶ୍ୱରର ମେସର୍ସ ସେଫେରିକ୍ ଇନ୍ସ୍ୟୁରାନ୍ସ ବ୍ରୋକରସ୍ ପ୍ରାଇଭେଟ୍ ଲିମିଟେଡ୍ ପ୍ରଥମ ପୁରସ୍କାର ଏବଂ କଟକର ମେସର୍ସ ଅମରନାଥ ପେଷ୍ଟ ମ୍ୟାନେଜ୍‌ମେଣ୍ଟ ଟେକ୍ନୋଲୋଜି ୩ୟ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଏହି ପୁରସ୍କାର ରାଜ୍ୟ ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଯଥା ନୂଆ ଉଦ୍ୟୋଗକୁ ସୁଯୋଗ ପ୍ରଦାନ କରିବା, ଅଭିଯୋଗ ଶୁଣାଣି, ବଜେଟ ବୃଦ୍ଧି, ଋଣ ପ୍ରଦାନ ଅଭିବୃଦ୍ଧି, କ୍ଲଷ୍ଟର ଆପ୍ରୋଚ୍ କାର୍ଯ୍ୟକାରିତା, ଉଦ୍ୟମ ପଞ୍ଜୀକରଣ, ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଏବଂ ସଚେତନତା ସୃଷ୍ଟି ଭଳି କ୍ଷେତ୍ର ଅନ୍ତର୍ଭୁକ୍ତ।




# ଦାନ୍ତ ପାଇଁ ହାତୀ ଶିକାର: ଡିଏଫ୍ଓ

## ■ ଦେଶୀ ବନ୍ଧୁକ, ଗୁଳି ଜବତ: ୩ ଅଟକ

ସମ୍ବଲପୁର,୨୩ା୬(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ପଡିଆବାହାଲ ରେଞ୍ଜ ଅନ୍ତର୍ଗତ ସାପଲହରା ଗ୍ରାମ ପୋଖରୀରେ ୬ଦିନ ମୃତ୍ୟୁ ସହ ସଂଗ୍ରାମ ପରେ ଚିକିତ୍ସାଧୀନ ଅବସ୍ଥାରେ ଗତ ମଙ୍ଗଳବାର ଦନ୍ତାହାତୀର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ଦନ୍ତାକୁ ଗୁଳିକରି ଶିକାର କରାଯାଇଥିବା ସ୍ପଷ୍ଟ ହୋଇଛି। ଏହି ଘଟଣାରେ ବନ ବିଭାଗ ୩ ଶିକାରୀଙ୍କୁ ଅଟକ ରଖିଛି। ସେମାନଙ୍କଠାରୁ ଦେଶୀ ବନ୍ଧୁକ, ଗୁଳି, ଗୁଳି ତିଆରି ସାମଗ୍ରୀ, ଧନୁ, ତୀର, ଛୁରି, ଲୁହାଛଡ, ବିଦ୍ୟୁତ୍ ତାର ଜବତ ହୋଇଛି ବୋଲି ଡିଏଫ୍ଓ ଅଫିସରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଏଫ୍ଓ ବିଶ୍ୱନାଥ ନୀଳାମ୍ବର ସୂଚନା ଦେଇଛନ୍ତି।

ସେ କହିଥିଲେ, ହାତୀ ମୃତ୍ୟୁ ପରେ ବ୍ୟବଚ୍ଛେଦ ହୋଇଥିଲା। ଆଗ ଗୋଡ ଉପରେ ପ୍ରାୟ ୪୦ ସିଏମ୍ ଭିତରକୁ ଗୁଳି ରହିଥିଲା। ଗୁଳିର ଦୈର୍ଘ୍ୟ ୪ ସେମି ଓ ପ୍ରସ୍ଥ ୨ ସେମି ରହିଥିଲା। ଗୁଳି ବାଜିଥିବାରୁ ଯେତେ ଚିକିତ୍ସା ପରେ ମଧ ହାତୀ ଚାଲିପାରୁ ନ ଥିଲା। ଶେଷରେ ତା'ର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ତେଣୁ ବନ ବିଭାଗ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିଲା। ଘଟଣାରେ ଏ ପର୍ଯ୍ୟନ୍ତ ୩ ଜଣଙ୍କୁ ଅଟକ ରଖାଯାଇଛି। ଏମାନଙ୍କ ମଧ୍ୟରୁ ଜଣଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଯାଇଛି। ଏହି ଘଟଣାକୁ ଗୁରୁତର ସହ ନେଇ ଚଢାଉ କରାଯାଉଛି। ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ଅଭିଯୁକ୍ତଙ୍କ ନାମ ଓ ଠିକଣା ଗୁପ୍ତ ରଖାଯାଇଛି। ସ୍ପଷ୍ଟ ହେବା ପରେ ସୂଚନା ଦିଆଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ମେ' ୨୯ରେ ଆହତ ଦନ୍ତାକୁ ମୁର୍ଗାବାରି ଗ୍ରାମ୍ୟ ଜଙ୍ଗଲରେ ବନ ବିଭାଗ ଠାବ କରିବା ପରେ ଜୁନ୍ ୨ରୁ ଚିକିତ୍ସା ଆରମ୍ଭ ହୋଇଥିଲା। ଓୟୁଏଟି ଓ ସମ୍ବଲପୁର ବୁର୍ଲାର ଚିକିତ୍ସକ ଦଳ ଚିକିତ୍ସା କରିଥିଲେ। ଦନ୍ତା ଗୋଡରେ ଗଭୀର କ୍ଷତ ରହିଥିଲା। ତାକୁ ଟ୍ରାଙ୍କୁଲାଇଜ କରି ଇଞ୍ଜେକ୍ସନ ଓ ଔଷଧ ଦିଆଯାଇଥିଲା। ଏପରିସ୍ଥଳେ ସାପଲହରା ଗ୍ରାମ ପୋଖରୀରେ ଗତ ୧୫ତାରିଖରେ ହାତୀଟି ଫସି ରହିଥିଲା। ମୃତ୍ୟୁର ୩ଦିନ ପୂର୍ବରୁ ହାତୀ ଖାଇବା ଛାଡି ଦେଇଥିଲା। କେବଳ ସାଲାଇନ ଓ ଔଷଧ ଦିଆଯାଉଥିଲା। ଏପରି କି ସାତକୋଶିଆରୁ ଡାକ୍ତର ଦଳ ଆସି ଚିକିତ୍ସା କରିଥିଲେ। ହାତୀ ମୃତ୍ୟୁ ନେଇ ବନ ବିଭାଗର ଅବହେଳାକୁ ଦାୟୀ କରାଯାଇଥିଲା।



ଜବତ ହୋଇଥିବା ସାମଗ୍ରୀ।



ଖବରଦାତା ସମ୍ମିଳନୀରେ ଡିଏଫ୍ଓ ସୂଚନା ଦେଉଛନ୍ତି।

# ବଜ୍ରପାତରେ ୨ ଚାଷୀଙ୍କ ସମେତ ୩ ମୃତ

ଆସିକା/ ଖଲ୍ଲିକୋଟ/ ପାରଳାଖେମୁଣ୍ଡି,୨୩ା୬ (ଡି.ଏନ୍.ଏ.): ଗଞ୍ଜାମ ଓ ଗଜପତି ଜିଲାରେ ଗୁରୁବାର ହୋଇଥିବା ବଜ୍ରପାତରେ ୨ ଚାଷୀଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ଗଞ୍ଜାମ ଜିଲା ଆସିକା ଥାନା ହରିଡ଼ାପଦର ପଞ୍ଚାୟତ ଭେଙ୍କଟରାଇପଲ୍ଲୀ ଗ୍ରାମର ଦେବେନ୍ଦ୍ର ମହାନ୍ତି ଓ ସୁରେନ୍ଦ୍ର ସ୍ୱାଇଁ ଅପରାହ୍ନରେ ବାଘୁଆ ନଦୀ ସଂଲଗ୍ନ ବିଲରେ ଧାନ ତଳି ପକାଇବାକୁ ଯାଇଥିଲେ। ସେ ସମୟରେ ବଜ୍ରପାତ ହେବାରୁ ଉଭୟେ ଗୁରୁତର ହୋଇ ପଡ଼ିଥିଲେ। ନିକଟସ୍ଥ ବିଲରେ ଥିବା ଲୋକେ ସେମାନଙ୍କୁ ଉଦ୍ଧାର କରି ଆସିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ ଦେବେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୁରେନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ଦେବେନ୍ଦ୍ରଙ୍କ ସ୍ତ୍ରୀଙ୍କ ଅଭିଯୋଗ ପ୍ରକାରେ ଆସିକା ଥାନାରେ ନଂ.୧୭/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ସେହିପରି ଖଲ୍ଲିକୋଟ ଥାନା ଚିକିଲି ଗ୍ରାମର ଜୟରାମ ଗୌଡ ଗାଈ ଚରାଇବାକୁ ଯାଇଥିବା ବେଳେ ବଜ୍ରପାତରେ ତାଙ୍କର ମୃତ୍ୟୁ ଘଟିଛି। କଞ୍ଚଣା ଗ୍ରାମର ସୁମତି ସାହୁ ବାରିରେ କାମ କରୁଥିବା ବେଳେ ବଜ୍ରପାତରେ ଆହତ ହୋଇଛନ୍ତି। ବିଏନପୁର ପଞ୍ଚାୟତ ରଘୁନାଥପୁର ଗ୍ରାମରେ ଏନ୍. ପିତାମ୍ବର ପାତ୍ର ଓ ଏସ. ରଘୁ ପାତ୍ର ଛେଳି ଚରାଇବାକୁ ଯାଇଥିବା ବେଳେ ବଜ୍ରପାତରେ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ଖଲ୍ଲିକୋଟ ମେଡିକାଲ ଚିକିତ୍ସିତ ହେଉଛନ୍ତି। ରଘୁନାଥପୁରରେ ୧୦ରୁ ଊର୍ଦ୍ଧ୍ୱ ଛେଳିଙ୍କ ମୃତ୍ୟୁ ଘଟିଛି। ସେହିପରି ଗଜପତି ଜିଲା ଗୋଷାଣୀ ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ତାଟିପେଟି ଗ୍ରାମର ଚାଷୀ ଡ. ରାମଣାଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ଜମିରେ ଧାନ ବିହନ ବୁଣୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଗରିବ ଶ୍ରେଣୀର ରାମଣାଙ୍କ ପରିବାରକୁ ସରକାରୀ ସହାୟତା ପାଇଁ ଦାବି ହେଉଛି। ସୂଚନାଯୋଗ୍ୟ, ଜିଲାରେ ଗତ କିଛି ଦିନ ମଧ୍ୟରେ ବଜ୍ରପାତରେ କେତେକ ଗାଈଗୋରୁଙ୍କ ମଧ ମୃତ୍ୟୁ ଘଟିଛି।

# କରୋନା: ୭ ଦିନରେ ୩ ଗୁଣ ବଢ଼ିଲା

## ■ ରାଜ୍ୟରୁ ୨୪ ଘଣ୍ଟାରେ ୭୩ ଆକ୍ରାନ୍ତ ଚିହ୍ନଟ

## ■ ମାସ୍କ ପିନ୍ଧିବା, ଟିକା ନେବାକୁ ପରାମର୍ଶ ଦେଲେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୩ା୬ (ବ୍ୟୁରୋ)

ପୁଣି ବ୍ୟାପିଲାଣି କରୋନା। ଅନ୍ୟ ରାଜ୍ୟରେ ସଂକ୍ରମଣ ବଢ଼ିବା ପରେ ଏବେ ଓଡ଼ିଶାରେ ମଧ ସେପରି ସ୍ଥିତି ଉପୁଜିଛି। ୭ ଦିନରେ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରାୟ ୩ ଗୁଣ ବଢ଼ିଥିବାରୁ ଚିନ୍ତା ବଢ଼ିଛି। ଗତ ୧୬ ତାରିଖରେ ରାଜ୍ୟରୁ ମୋଟ୍ ୨୫ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୧୭ରେ ୩୮ଜଣ, ୧୮ରେ ୫୧ଜଣ, ୧୯ରେ ୪୬ଜଣ, ୨୦ରେ ୫୩ଜଣ, ୨୧ରେ ୪୫ ଜଣ ଏବଂ ୨୨ ତାରିଖରେ ୭୩ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ବର୍ଦ୍ଧିତ ମାମଲାକୁ ନଜରରେ ରଖି ସ୍ୱାସ୍ଥ୍ୟ ବିଭାଗ ସତର୍କ କରାଇଛି। ରାଜ୍ୟରେ ଧୀରେ ଧୀରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଆଗକୁ ଆହୁରି ବଢ଼ିବ। ଯେଉଁମାନଙ୍କର ଲକ୍ଷଣ ଦେଖା ଦେଉଛି, ସେମାନେ ତୁରନ୍ତ ଟେଷ୍ଟ କରାଇବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ପ୍ରିକଶନ ଠିକ ଭାବରେ ନ ନେଲେ ସ୍ଥିତି ବିଗିଡିପାରେ। ତେଣୁ ଟିକା ନେବା ସହ ମାସ୍କ ପିନ୍ଧିବାକୁ ସେ ଅନୁରୋଧ କରିଛନ୍ତି। ସର୍ଭିଲାନ୍ସ କରାଯାଉଥିବାରୁ ସଂକ୍ରମଣ ଅଧିକ ଚିହ୍ନଟ ହେଉଛନ୍ତି। ଯଦି ଲଗାତାର ସଂକ୍ରମଣ ବଢେ, ତେବେ ସରକାର ମୁକାବିଲା କରିବାକୁ ପ୍ରସ୍ତୁତ ଅଛନ୍ତି। ଆବଶ୍ୟକ ହେଲେ ଅଧିକ ବେଡ୍ ବ୍ୟବସ୍ଥା ମଧ କରାଯିବ। ଅପରପକ୍ଷେ କଟକ, ପୁରୀ, ଭୁବନେଶ୍ୱରରେ ଟେଷ୍ଟ ବୃଦ୍ଧି ଆରମ୍ଭ ହୋଇଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୪ଘଣ୍ଟାରେ ରାଜ୍ୟରୁ ଚିହ୍ନଟ ୭୩ଜଣ ନୂଆ ସଂକ୍ରମିତଙ୍କ ମଧ୍ୟରେ ୪୪ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୨୯ଜଣ ସ୍ଥାନୀୟ ସଂକ୍ରମିତ ଥିବାବେଳେ ୧୧ଜଣ ୧୮ ବର୍ଷରୁ କମ୍ ଶିଶୁ ଓ କିଶୋର ରହିଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୪୧ଜଣ ଚିହ୍ନଟ ହୋଇଥିବାବେଳେ ନୂଆପଡା ଓ ପୁରୀରୁ ୬ଜଣ ଲେଖାଏ, କଟକରୁ ୪ଜଣ, ସୁନ୍ଦରଗଡରୁ ୩ଜଣ, ବଲାଙ୍ଗୀର, କେନ୍ଦ୍ରାପଡା ଓ ସମ୍ବଲପୁରରୁ ଜଣେ ଲେଖାଏ ଏବଂ ଷ୍ଟେଟ୍‌ପୁଲ୍‌ରୁ ୧୦ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେହିପରି ଏହି ସମୟ ଭିତରେ ୩୬ଜଣ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଥିବା ବିଭାଗୀୟ ତଥ୍ୟରୁ ଜଣାପଡ଼ିଛି।






ଧରିତ୍ରୀ
DHARITRI
ଶୁକ୍ରବାର, ୨୪ ଜୁନ୍, ୨୦୨୨

**ଆଜିର ମନ୍ତବ୍ୟ**

"ଆଇନ ହେଉଛି ପରିବର୍ତ୍ତନ ପାଇଁ ଏକ ମହତ୍ତ୍ୱାକାଂକ୍ଷା ଏବଂ ଜଣେ ଏହା ଉପରେ କିପରି ଚର୍ଚ୍ଚା କରୁଛନ୍ତି, ତା' ଉପରେ ଉତ୍ତର ନିର୍ଭର କରେ ।"
– ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼, ସୁପ୍ରିମକୋର୍ଟ ବିଚାରପତି



## ଜନ୍ମଦିନର ଶୁଭେଚ୍ଛା

ନାମ: ...........................................
ବୟସ:...........................................
ଜନ୍ମ ତାରିଖ: ...................................



ଅଭିଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

# ଷ୍ଟାର୍ଟଅପ୍ ଚିଠା ନୀତି ଉପରେ ଆଲୋଚନା

**ଓ-ହବ୍ ଠାରେ ଇନ୍‌କ୍ୟୁବେଟସଙ୍କୁ ନେଇ ବୈଠକ**

**ଭୁବନେଶ୍ୱର,୨୩।୬(ବ୍ୟୁରୋ):** ଓ-ହବ୍‌ଠାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଅଧୀନ ଷ୍ଟାର୍ଟଅପ୍-ଓଡ଼ିଶା ଦ୍ୱାରା ଇନ୍‌କ୍ୟୁବେଟର୍ସଗୁଡ଼ିକୁ ନେଇ ଗୁରୁବାର ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ବିଶେଷ ଭାବେ ଷ୍ଟାର୍ଟଅପ୍ ଚିଠା ନୀତି ଉପରେ ଅଧିକ ଆଲୋଚନା କରାଯାଇଛି। ଷ୍ଟାର୍ଟଅପ୍-ଓଡ଼ିଶାର ନିର୍ବାହୀ ଅଧ୍ୟକ୍ଷ ଡ. ଓମ୍‌କାର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଷ୍ଟାର୍ଟଅପ୍-ଓଡ଼ିଶାର ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ଶାଦ୍ଦିକ୍ ଆଲାମ୍, ଇଭାନ୍‌ଜେଲିଷ୍ଟ ଡ. ସଂଯୁକ୍ତା ବଡ଼ାଇଙ୍କ ସମେତ ୧୯ଟି ଇନ୍‌କ୍ୟୁବେଟର ଯୋଗଦେଇଥିଲେ। ସମ୍ମିଳନୀରେ ଷ୍ଟାର୍ଟଅପ୍ ଯାତ୍ରା ୨.୦ ଉପରେ ପୂର୍ବ ଅଭିଜ୍ଞତାକୁ ଆଧାରକରି ଆଲୋଚନା କରାଯାଇ କେତେକ ଗୁରୁତ୍ୱପୂର୍ଣ୍ଣ ଓ ସମୟ ଉପଯୋଗୀ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘୁଷୁରି କି କାହିଁ ପାଚିଲା କଦଳୀ
ଅନ୍ଧ ହସ୍ତେ ରତ୍ନ ମୁଦି
ପେଚା ଚଢ଼େଇକି ସୁବର୍ଣ୍ଣ ପଞ୍ଜୁରୀ
କୋରଡ ସୁମରି କାନ୍ଦି**

ଯେମିତି ଘୁଷୁରିକି ପାଚିଲା କଦଳୀ ରୁଚି ନ ଥାଏ ସେମିତି ଅନ୍ଧ ବ୍ୟକ୍ତିକୁ ରତ୍ନ ମୁଦି ଓ ପେଚାକୁ ସୁନା ପଞ୍ଜୁରି ଦେବା ନିରର୍ଥକ ବୋଲି ଜଣାଯାଇଥାଏ । ତେଣୁ ପ୍ରକୃତ ପଦାର୍ଥର ମୂଲ୍ୟ ବୁଝିବାକୁ ଅଯୋଗ୍ୟ ବ୍ୟକ୍ତିଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଗଲେ ମଧ୍ୟ ସେମାନେ ଏସବୁକୁ ବୁଝିବାରେ ଅସମର୍ଥ ହୁଅନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି ।

**ଘାଇ ମୁହଁରେ ଯାଉଛି
ବାଲି କଣାକୁ ବୁଜୁଛି ।**

ଅନ୍ୟଦିଗରେ ବହୁତ ଖର୍ଚ୍ଚ ହେଲାବେଳେ ସାମାନ୍ୟ କଥାରେ କୃପଣତା ପ୍ରକାଶ କରିବା ମୂର୍ଖାମିର ଲକ୍ଷଣ ହୋଇଥାଏ । ଅଜସ୍ର ଖର୍ଚ୍ଚକୁ ନ ରୋକି ସାମାନ୍ୟ ବ୍ୟୟ ପ୍ରତି କଟକଣା ଜାରି କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲିଃ.

# ୯ରୁ ୨ଟା ଯାଏ ଖୋଲିବ ଅଙ୍ଗନୱାଡ଼ି କେନ୍ଦ୍ର

## ଖରାଦିନେ ସକାଳ ୬ରୁ ୧୧

**ଭୁବନେଶ୍ୱର,୨୩।୬(ବ୍ୟୁରୋ)**

ରାଜ୍ୟରେ ଥିବା ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ସ୍ୱାଭାବିକ ଭାବେ ଜୁନ୍ ୨୭ରୁ ମାର୍ଚ୍ଚ ୩୧ ମଧ୍ୟରେ ସକାଳ ୯ଟାରୁ ମଧ୍ୟାହ୍ନ ୨ଟା ଯାଏ ଖୋଲା ରହିବ। ସେହିପରି ଏପ୍ରିଲ ପହିଲାରୁ ଜୁନ୍ ୨୬ ତାରିଖ ମଧ୍ୟରେ ସକାଳ ୬ଟାରୁ ୧୧ଟା ପର୍ଯ୍ୟନ୍ତ ଖୋଲା ରହିବ। ତେବେ ସ୍କୁଲ ସମୟ ସ୍ୱାଭାବିକ ଭାବେ ସକାଳ ୭ଟାରୁ ୧୨ଟା ଓ ଖରାଦିନେ ସକାଳ ୬ଟାରୁ ୧୧ଟା ଧାର୍ଯ୍ୟ କରାଯାଇଛି। ଏ ନେଇ ଗୁରୁବାର ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ଉକ୍ତ ସମୟ ଅନୁଯାୟୀ ଅଙ୍ଗନୱାଡ଼ି କାର୍ଯ୍ୟ ପରିଚାଳନା ହେବ ବୋଲି କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଚନ୍ଦ୍ରଙ୍କ ସହ ରାହୁଙ୍କ ସଂଯୋଗ ପରିବାରର କିଛି ବ୍ୟତିକ୍ରମକୁ ନେଇ ଚିନ୍ତା ପ୍ରକଟ କରିବେ । ଦୀର୍ଘ ଦିନରୁ ପରସ୍ପର ପଡୁ ନ ଥିବା ପୁଅ ବୋହୂଙ୍କ କଥା ମନକୁ ଆନ୍ଦୋଳିତ କରିବ । ପରକୁ ଦେଇଥିବା ଅର୍ଥକୁ କେନ୍ଦ୍ରକରି କିଛି ସମସ୍ୟା ଦେଖାଦେଇପାରେ । ସମ୍ପର୍କରେ ଫାଟ ସୃଷ୍ଟି ହେବା କାରଣରୁ ପରିବାରରେ ପରସ୍ପରକୁ ସନ୍ଦେହ କରିପାରନ୍ତି ।

**ବୃଷ** – ବୁଧଙ୍କ ସହ ମଙ୍ଗଳ ହେତୁ ବିଭିନ୍ନ ପ୍ରକାରର ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି । ସରକାରୀ ସ୍ତରରୁ ଅର୍ଥସମ୍ବନ୍ଧିତ ଖବରଟି ପାଇ ମନ ଖୁସୀ ହୋଇଯିବ । ନିର୍ମାଣ, ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ । ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ ।

**ମିଥୁନ** – ପାପଯୁକ୍ତ ଚନ୍ଦ୍ର ହେତୁ କାମଗୁଡ଼ିକ ଅଟକିରହିଥିବା କାରଣରୁ ଅନ୍ୟମନସ୍କ ରହିପାରନ୍ତି । କୌଣସି ନୂତନ କାର୍ଯ୍ୟରେ ଯୋଗଦେଇପାରନ୍ତି । ବନ୍ଧୁ ମାନଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବେ । ଯାନ ବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ ।

**କର୍କଟ** – କର୍ମକ୍ଷେତ୍ରରେ ରାହୁଚନ୍ଦ୍ର ହେତୁ ମାନସିକ ଚାପ ବୃଦ୍ଧି କାରଣରୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ । ଗୃହ, ଯାନବାହନ ତଥା ଯାନ୍ତ୍ରିକ ଜିନିଷର ମରାମତି ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି । ଆଜିର ଆନୁଷ୍ଠାନିକ କାମଗୁଡିକ ସଂପୂର୍ଣ୍ଣ ହେବା କଷ୍ଟକର ହୋଇପଡିବ ।

**ସିଂହ** – ଏକାଦଶସ୍ଥ ରବିଙ୍କ ଯୋଗୁ ଯେଉଁ କାମରେ ହାତ ଦେବେ ଅବଶ୍ୟ ସଫଳତା ପାଇବେ । ପରିବାର ଭିତରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି । ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ । ପରୋକ୍ଷ ଶତ୍ରୁତା କିମ୍ବା କ୍ରନିକ୍ ରୋଗଜନିତ ପୀଡାନୁଭବ କରିବେ ।

**କନ୍ୟା** – ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ଦୂରେଇଯିବାରୁ ସାମୟିକ ଖୁସୀ ରହିବେ । ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିବେ ଏବଂ ମଧ୍ୟାହ୍ନରେ ଟେନସନ୍ ଦୂର ହେବ । ପୂର୍ବ ଯୋଜନାନୁଯାୟୀ ଆତ୍ମୀୟଙ୍କ ସହ ସୁଖଭ୍ରମଣ ଯୋଗ ରହିଛି । ଗୃହ, ଜମିଜମା, ମାଲିମକଦ୍ଦମା ସମ୍ପର୍କୀୟ ଆଲୋଚନା ବିଗିଡି ଯାଇପାରେ ।

**ତୁଳା** – ପାପଯୁକ୍ତ କର୍ମାଧିପତି ହେତୁ ପ୍ରତିବନ୍ଧକର ମଧ୍ୟ ସମ୍ମୁଖୀନ ହେବାକୁ ପଡିପାରେ । କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ । ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହେବାକୁ ପଡ଼ିପାରେ । ବାଣିଜ୍ୟ, ପରିବହନ, ଫ୍ଲିଙ୍ଗ କାରବାର, ଆଲୋଚନା ଓ କଚେରି ମାମଲାରେ ଶୁଭ ଫଳ ପାଇବେ ।

**ବିଛା** – କିଛି ଅସୁବିଧା ନ ଥିଲେ ମଧ୍ୟ ଶନିଙ୍କ ଯୋଗୁ ଘରୋଇ କାମକୁ ନେଇ ମନ ବିଚଳିତ ରହିବ । ସହକର୍ମୀଙ୍କ ସହ ସଦ୍‌ଭାବ ବୃଦ୍ଧି ହୋଇପାରେ, ଯାହା କି ପରକ୍ଷଣରେ ଦରକାରରେ ଆସିବ । ବାରମ୍ବାର ସ୍ୱାସ୍ଥ୍ୟ ଖରାପ ରହୁଥିବାରୁ ତାହାର ସ୍ଥାୟୀ ସମାଧାନ କରିବା ଭଲ ହେବ । ପାରିବାରିକ ସମସ୍ୟା ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବ ।

**ଧନୁ** – ଭୁଲ୍ ନିଷ୍ପତ୍ତି ନେଇ ପରକ୍ଷଣରେ ଅନୁତାପ କରିବାକୁ ପଡିବ । ଛୋଟ ଛୋଟ କଥାକୁ ବୃହଦାକାରରେ ଚିନ୍ତାକରି ସମସ୍ୟାକୁ ବଢାଇ ଦେଇପାରନ୍ତି । ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ । ଅଫିସ୍‌ରେ କୌଣସି ବ୍ୟକ୍ତିଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିବେ ।

**ମକର** – ମଙ୍ଗଳ ଓ ବୁଧଙ୍କ ସଂଯୋଗରୁ ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟ ହାସଲ କରିବେ । ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ । ପରସ୍ପର ମତପାର୍ଥକ୍ୟ କାରଣରୁ ପାରିବାରିକ ଶାନ୍ତି ପାଇବେ ନାହିଁ ।

**କୁମ୍ଭ** – ସ୍ୱଗୃହୀଶନି ହେତୁ ଯେଉଁ କାମ ହାତକୁ ନେଇଛନ୍ତି ତାହା ସମ୍ପନ୍ନ ହେବାରେ ଅସୁବିଧା ହେବନାହିଁ । ବ୍ୟବସାୟରେ ସମସ୍ୟାକୁ ସୁଧାରି ନେବେ ଓ ନୂତନ ବାଣିଜ୍ୟ ଯୋଡିବା ପାଇଁ ଚିନ୍ତା କରିବେ । ଅନ୍ୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ । ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି ।

**ମୀନ** – ରବିଙ୍କ ସ୍ଥାନ ସ୍ଥିତିଜନିତ ପାରିବାରିକ ସ୍ଥିତିରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି । ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରି ପାରନ୍ତି । ପ୍ରତିରୋଧ ଦୂରେଇ ଯିବ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ । ଜମିଜମା କାରବାର, ସଭାସମିତି, ଆଲୋଚନା କ୍ଷେତ୍ର ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ ।

**classifieds** Everyday 0674-2580101, 2549302



**SALE**

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ **30ft. road,** ଇଲେକ୍ଟ୍ରିସିଟି ଥାଇ ବାସୋପଯୋଗୀ ପ୍ଲଟ୍ **sqft.-320/-, 850/-**ରେ ମିଳୁଛି। **7894433357, 9437607388.** D-73268

**Plot for Sale, 2000sqft (8nos) per sqft-2000/- Yellowzone Gharabari Plot near Tata-ariana, Vipul Garden Backside Ghatikia Mouza- Sankarpur, BBSR. Water & Electricity available 30'Road NH-16 to 1km. Contact: - 7381564227, 8114744495.** D-770

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000- (outright). 9348232008. D-73266

ଭୁବନେଶ୍ୱର **Sum Hospital** ଠାରୁ **6k.m.** ଦୂରତାରେ କଣ୍ଟାବାଡ଼ **NH 16** ରୁ **50mtr** ଦୂରରେ **boundary, electricity 30ft.** ରୋଡ୍ ଥାଇ ଘରବାରି **plot** ମିଳୁଛି। **9348444368.** D-73261

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତି **Sudhananda School**କୁ ଲାଗି **30' road, electricity** ସୁବିଧା ଥାଇ **gated society** ଘରବାରି **plot @9,00,000/-** ଘର କରନ୍ତୁ। **(Bank loan available). 9437691481.** D-73260

6BHK Triplex finishing 60,00,000/- Hanspal, 3BHK duplex 25,00,000/- corehouse Balianta -8114964769, 9668194157. D-73326

Land for Sale near Adani Dhamra Port, Bhadrak. Area - 4 Acre 10 Decimal, Non Agri. Land (Converted to Gharabari), Clear Title of Land, Single Owner. Rate per Decimal - 2Lakhs, Connected to State Highway. Contact- 9738021978, 8917251410. D-73824

**Residential cum Commercial road side plot, Niali Road @750sqft. residential plots with Boundarywall, Electricity System, Homely Temple, Nakhara 7K.M., BBSR 12 K.M. 8249851363, 7809525452.** D-73919



2000sqft. Second Floor hall with lift near Airport on 100ft. wide Bhimatangi Mainroad for Office or Commercial. 9958003695. D-73618



Newly open full body massage ladies and gents. 8327740003, 8093860513. D-73921

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73825

Newly open SPA offer @799/-, positively health benefits, Kalpana. 7846814019. D-73619

Newly open SPA positively health benefit with expert. Contact: 7749976301. D-73829

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73828

**Relax, refresh your body, mind at Saikrupa Spa with best therapies. 8984068077.** D-805

Mesmerizing, energetic body, mind qualitative relaxing massage experienced therapists. 9668374480. D-73610

**AFFIDAVIT**

By virtue of an affidavit sworn before the Executive Magistrate, Sundargarh, I, Santosh Kumar Biswal, R/o- Vill/ PO. Karamdihi, Dist. Sundargarh declare that in UGB Bank Account my name has been mentioned as Santosh Kumar Biswal, in LIC policy No.593582836 my name has been mentioned as Artatrana Bishwal and in Voter Card, PAN Card, Aadhaar Card my name has been mentioned as Santosh Biswal. That Santosh Kumar Biswal, Artatrana Bishwal and Santosh Biswal is the one and same person. D-809

**ମନେ ପଡ଼ନ୍ତି**

**ତୃତୀୟ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପୂର୍ଣ୍ଣଚନ୍ଦ୍ର ରଥ**
ନୂଆ ମାର୍କେଟ, ଯାଜପୁରରୋଡ୍, ଯାଜପୁର
ଆବିର୍ଭାବ- ୨୧।୦୮।୧୯୩୯
ତିରୋଧାନ- ୨୮।୦୬।୨୦୧୯
ଅନୁଭବେ ବାପା ତୁମେ ସଦା ରହିଥିବ,
ଆମ ସ୍ମୃତି ଅଗଣାରେ
ତୁମ ସ୍ନେହ ସଦା ବର୍ଷୁଥିବ।
ଶ୍ରଦ୍ଧାଞ୍ଜଳି ସହ: ବନ୍ଧୁ ଓ ପରିବାରବର୍ଗ

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଲାଞ୍ଚ ନେଇ ଧରାପଡ଼ିଲେ ଡିଇଓ ଅଫିସ ଆକାଉଣ୍ଟାଣ୍ଟ

## ତାଙ୍କ ଅଫିସ, ଭଡ଼ାଘର, ପୈତୃକ ବାସଭବନରେ ଚାଲିଛି ଭିଜିଲାନ୍ସ ରେଡ୍

**ନବରଙ୍ଗପୁର,୨୩।୬(ବି.ପ୍ର.)**



ବିକାଶ ସାନା

ଏକଲକ୍ଷ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ନବରଙ୍ଗପୁର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆକାଉଣ୍ଟାଣ୍ଟ ତଥା ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଆସିଷ୍ଟାଣ୍ଟ ପ୍ରୋଗ୍ରାମର ବିକାଶ ସାନା। ଅଫିସ ସମେତ ତାଙ୍କ ନବରଙ୍ଗପୁରସ୍ଥିତ ଭଡ଼ାଘର ଓ ଉମରକୋଟସ୍ଥିତ ପୈତୃକ ବାସଭବନରେ ଚଢ଼ାଉ କରାଯାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଚଢ଼ାଉ ଚାଲିଥିଲା।

ଗୁରୁବାର ନବରଙ୍ଗପୁରର ଏମ୍‌ଡିଏମ୍ କଣ୍ଟ୍ରାକ୍ଟର ମୋହନ କୁମାର ଚୌରାସିଆଙ୍କ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଲ୍ କରାଇଦେବାକୁ ବିକାଶ ୨ ଲକ୍ଷ ଟଙ୍କା ଦାବି କରିଥିଲେ। କିନ୍ତୁ କଥାବାର୍ତ୍ତା ପରେ ଶେଷରେ ଏକ ଲକ୍ଷ ଟଙ୍କା କଣ୍ଟ୍ରାକ୍ଟର ଦେବେ ବୋଲି ସ୍ଥିର ହୋଇଥିଲା। ଏହାପରେ କଣ୍ଟ୍ରାକ୍ଟରଙ୍କ ପ୍ରତିନିଧିଙ୍କଠାରୁ ଗୁରୁବାର ଅପରାହ୍ନ ୫.୪୫ ସମୟରେ ଟଙ୍କା ନେବାବେଳେ ନବରଙ୍ଗପୁର ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଏହି ଚଢ଼ାଉରେ ନବରଙ୍ଗପୁର ଭିଜିଲାନ୍ସର ଭାରପ୍ରାପ୍ତ ଡିଏସ୍‌ପି କଳାବତୀ ବାଗ, ଜୟପୁର ଡିଏସ୍‌ପି ରୂପଧର ନାୟକ, ଇନ୍ସପେକ୍ଟର ଅନୁଭା ଦାସ, ବଙ୍କିମ ବାବାଲିଙ୍କ ସମେତ ଭିଜିଲାନ୍ସ ବିଭାଗର ମୋଟ ୧୨ଜଣ ଅଧିକାରୀ ଉପସ୍ଥିତ ଥିଲେ। କୋରାପୁଟ ଭିଜିଲାନ୍ସରେ ୧୭/୨୨ରେ ଏକ ମାମଲା ରୁଜୁ କରାଯାଇଛି।

# 'ଆର୍ଥିକ ଅଭିବୃଦ୍ଧି ପାଇଁ ଋଣ ପରିମାଣ ବୃଦ୍ଧି କର'

## ୧୬୭ତମ ବ୍ୟାଙ୍କର୍ସ କମିଟି ବୈଠକ

**ଭୁବନେଶ୍ୱର,୨୩।୬(ବ୍ୟୁରୋ)**

ଅର୍ଥ ଯୋଗାଣ ଏବଂ ବ୍ୟାଙ୍କ ଋଣ ପ୍ରଦାନ କ୍ଷେତ୍ରରେ ସରକାରୀ ଓ ବେସରକାରୀ ପୁଞ୍ଜିନିବେଶର ମିଳିତ ସହାୟତା ମାଧ୍ୟମରେ ଅର୍ଥନୀତିର ନିରନ୍ତର ବିକାଶ ଘଟିଥାଏ। ପୁଞ୍ଜିନିବେଶ ଉଦ୍ଦେଶ୍ୟରେ ଅନୁକୂଳ ପରିବେଶ ନିର୍ମାଣ ସହିତ ଋଣ ପାଇଁ ଚାହିଦା ସୃଷ୍ଟି ନିମନ୍ତେ ରାଜ୍ୟ ସରକାର ସର୍ବଦା ଉଦ୍ୟମ କରୁଛନ୍ତି। ବ୍ୟାଙ୍କଗୁଡ଼ିକ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଋଣ ପ୍ରଦାନ ପରିମାଣ ବୃଦ୍ଧି କରନ୍ତୁ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି।

ଗୁରୁବାର ୧୬୭ ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ଯୋଗଦେଇ ନିରଞ୍ଜନ କହିଛନ୍ତି, ଗତ କେତେବର୍ଷ ମଧ୍ୟରେ ଓଡ଼ିଶା ଦ୍ରୁତ ଆର୍ଥିକ ଅଭିବୃଦ୍ଧି ଦିଗକୁ ଅଗ୍ରସର ହୋଇଛି। ସମଗ୍ର ଦେଶରେ ଓଡ଼ିଶା ବିତ୍ତୀୟ ପରିଚାଳନା ଓ ଉତ୍ତମ ଶାସନ ପାଇଁ ନିଜର ପରିଚୟ ସୃଷ୍ଟି କରିପାରିଛି। ବାର୍ଷିକ ଋଣ ଯୋଜନା କ୍ଷେତ୍ରରେ ଶିକ୍ଷା ଏବଂ ଗୃହନିର୍ମାଣକୁ ଅଗ୍ରାଧିକାର ଦେଇ ବ୍ୟାଙ୍କଗୁଡ଼ିକ ଋଣ ପ୍ରଦାନ କରିବାର ଆବଶ୍ୟକତା ରହିଛି। ଓଡ଼ିଶାରେ ଜୀବିକା ନିର୍ବାହ ପାଇଁ କୃଷିକୁ ଅଗ୍ରାଧିକାର କ୍ଷେତ୍ର ଭାବେ ଗଣାଯାଉଛି। କୃଷି କ୍ଷେତ୍ରରେ ବାର୍ଷିକ ଋଣ ଯୋଜନାରେ ୪୬.୫୮୬ କୋଟି ଟଙ୍କା ଧାର୍ଯ୍ୟ ଲକ୍ଷ୍ୟ ଥିବାବେଳେ ୪୪.୨୫୩ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇ ଶତକଡ଼ା ୯୫ ଭାଗ ଲକ୍ଷ୍ୟ ହାସଲ ହୋଇପାରିଛି ବୋଲି ନିରଞ୍ଜନ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟରେ ୨,୭୩୮ ଗ୍ରାମ ପଞ୍ଚାୟତରେ ୫,୬୦୭ ସ୍ଥାୟୀ ବ୍ୟାଙ୍କ ରହିଛି। ଏହା ସମୁଦାୟ ଗ୍ରାମ ପଞ୍ଚାୟତର ୪୦ ପ୍ରତିଶତ ହୋଇଥିବା ବେଳେ ଅବଶିଷ୍ଟ ୬୦ ପ୍ରତିଶତ ଗ୍ରାମ ପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ ଶାଖା ପାଇଁ ବ୍ୟାଙ୍କଗୁଡିକ ପଦକ୍ଷେପ ନେବା ଆବଶ୍ୟକ। ୨୦୨୨-୨୩ ଆର୍ଥିକ ବର୍ଷରେ ଅଗ୍ରାଧିକାର କ୍ଷେତ୍ରଗୁଡ଼ିକ ପାଇଁ ରାଜ୍ୟ ସରକାର ୧.୩୪ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ରଖିଛନ୍ତି। ବ୍ୟାଙ୍କଗୁଡ଼ିକ ଜିଲା ପ୍ରଶାସନ ମାଧ୍ୟମରେ ଲକ୍ଷ୍ୟ ହାସଲ ପାଇଁ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ନିରଞ୍ଜନ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଶିବସେନା ବିଭାଜନମୁହାଁ...

କରିଥିବା ମେଣ୍ଟରୁ ଶିବସେନା ଓହରିବ। ହ୍ୱାଟ୍ସଆପ୍ ଓ ଟୁଇଟର୍‌ରେ ଚିଠି ନ ଲେଖିବାକୁ ସେ ବିଦ୍ରୋହୀ ଗୋଷ୍ଠୀକୁ ପରାମର୍ଶ ଦେଇଛନ୍ତି। ଏମ୍‌ଭିଏ ବୈଠକରେ ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ, ଆମର ମିଳିତ ଲଢ଼େଇ ଜାରି ରହିବ। ଏମ୍‌ଭିଏ ସହ ରହି ଲଢ଼ିବୁ।

ଗୁଆହାଟୀରେ ଥିବା ବିଦ୍ରୋହୀ ବିଧାୟକମାନେ ଉଦ୍ଧବଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଗତ ଅଢ଼େଇ ବର୍ଷ ମଧ୍ୟରେ ଉଦ୍ଧବ ସେମାନଙ୍କ ପାଇଁ ଦ୍ୱାର ବନ୍ଦ କରିଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ 'ବର୍ଷା' ଗେଟ୍ ବାହାରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ସତ୍ତ୍ୱେ ଉଦ୍ଧବଙ୍କ ଦର୍ଶନ ନ ପାଇ ସେମାନେ ନିରାଶ ହୋଇ ଫେରୁଥିଲେ। କିନ୍ତୁ ସିନ୍ଦେଙ୍କ ଦ୍ୱାର ସେମାନଙ୍କ ପାଇଁ ସବୁବେଳେ ଖୋଲା ରହିଥିଲା ବୋଲି ବିଧାୟକ ସଞ୍ଜୟ ଶ୍ରୀସଟ୍ କହିଛନ୍ତି। ସେହିପରି ବିଦ୍ରୋହୀ ଶିବିରରେ ସଦ୍ୟ ସାମିଲ ହୋଇଥିବା ଦୀପକ କେସରକାର କହିଛନ୍ତି, ଉଦ୍ଧବ ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଚାହୁଁ ନାହାନ୍ତି। ଏହା ପରିବର୍ତ୍ତେ ଭାଜପା ସହ ମିଶି ସରକାର ଗଠନ କରନ୍ତୁ। ବର୍ତ୍ତମାନ ସୁଦ୍ଧା ଶିବସେନାର ୩୭ ବିଧାୟକ ସିନ୍ଦେଙ୍କ ସହ ଅଛନ୍ତି। ଆହୁରି ୨-୩ ଜଣ ବିଧାୟକ ଖୁବ୍‌ଶୀଘ୍ର ଗୁଆହାଟୀ ଯିବେ। ମହାରାଷ୍ଟ୍ରର ଏହି ସଙ୍କଟ ପରିପ୍ରେକ୍ଷୀରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଧ୍ୟ ଉଦ୍ଧବଙ୍କୁ ସମର୍ଥନ କରିଛି। ବିଦ୍ରୋହୀ ବିଧାୟକମାନେ ରହୁଥିବା ଗୁଆହାଟୀର ରେଡିସିଅନ୍ ବ୍ଲୁ ହୋଟେଲ ବାହାରେ ଟିଏମ୍‌ସି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆସାମରେ ପ୍ରଳୟଙ୍କରୀ ବନ୍ୟା ଆସିଥିବାବେଳେ ଭାଜପା ବିଧାୟକଙ୍କୁ କିଣିବାରେ ବ୍ୟସ୍ତ ଥିବା ଟିଏମ୍‌ସିର ରାଜ୍ୟ ସଭାପତି ରିପୁନ୍ ବୋରା ସମାଲୋଚନା କରିଛନ୍ତି। ବିକ୍ଷୋଭ ବେଳେ ଟିଏମ୍‌ସି ନେତାମାନଙ୍କୁ ସ୍ଥାନୀୟ ପୋଲିସ ଅଟକ ରଖିଛି। ଏନେଇ ମମତା କହିଛନ୍ତି, ଗଣତନ୍ତ୍ର ଉପରେ ଭାଜପା ବୁଲ୍‌ଡୋଜର ଚଢ଼ାଉଛି।

ପ୍ରକାଶ ଯେ, ୫୬ ବର୍ଷ ତଳେ ବାଲାସାହେବ ଠାକ୍‌ରେ ପ୍ରତିଷ୍ଠା କରିଥିବା ଶିବସେନାର ବର୍ତ୍ତମାନ ଅଧ୍ୟକ୍ଷ ହେଉଛନ୍ତି ତାଙ୍କ ପୁଅ ଉଦ୍ଧବ ଠାକ୍‌ରେ। ସରକାର ତାଙ୍କ ହାତରୁ ଖସିସାରିଲାଣି ଜାଣିବା ପରେ ଉଦ୍ଧବ ବୁଧବାର ରାତିରେ 'ବର୍ଷା' ଛାଡ଼ି ନିଜ ଘର 'ମାତୋଶ୍ରୀ' ଯାଇଥିଲେ। ଉଦ୍ଧବ ଗୁରୁବାର ଡାକିଥିବା ବୈଠକରେ ଶିବସେନାର ମାତ୍ର ୧୩ ବିଧାୟକ ଉପସ୍ଥିତ ଥିଲେ। ତେଣୁ ଦଳରେ ବିଭାଜନ ରୋକିବା ପାଇଁ ଉଦ୍ଧବ ଉଦ୍ୟମ ଚଳାଇଛନ୍ତି। ଏହି ଘଟଣାକ୍ରମ ମଧ୍ୟରେ ଶିବସେନା ମୁଖପତ୍ର 'ସାମ୍‌ନା'ର ଗୁରୁବାର ସମ୍ପାଦକୀୟରେ ରାଜନୈତିକ ସଙ୍କଟ ପାଇଁ ଭାଜପାର ଚାପ କୌଶଳକୁ ଦାୟୀ କରାଯାଇଛି।

## ପାଣି ଭର୍ତ୍ତି ଗାତରେ...

ଗାଧୋଇବା ଲାଗି ଯାଇଥିବାବେଳେ ଏହି ଦୁଃଖଦ ଘଟଣା ଘଟିଥିଲା । ଭାରତମାଳା ଯୋଜନାରେ ରାସ୍ତା କାର୍ଯ୍ୟ ଠିକା ନେଇଥିବା ଠିକାଦାରଙ୍କ ଦାୟିତ୍ୱହୀନତା ଯୋଗୁ ଘଟିଥିବା ଏହି ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି । ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛି। ଏସ୍‌ଡିପିଓ ମନୋଜ ପୂଜାରୀ, ଫୁଲ ବେଡ଼ା ସରପଞ୍ଚ ମହେଶ୍ୱର ଗାଦାବା, ଅଗ୍ନିଶମ କର୍ମଚାରୀ ସଞ୍ଜୀବ କୁମାର ବେହେରା, ହାବିଲଦାର ଜ୍ୟୋତିର୍ମୟୀ ନାୟକ, ଚିତ୍ରସେନ ବେହେରା,ଦୀପକ ବିଡିକା, କିଷାନ ମାଝିଙ୍କ ତତ୍ତ୍ୱାବଧାନରେ ଉଦ୍ଧାର କାର୍ଯ୍ୟ ହୋଇଥିଲା ।

## ଥାନା ପରିସରରେ...

ସଙ୍କଟାପନ୍ନ ହେବାରୁ ତାଙ୍କୁ ସ୍ଥାନୀୟ ଅଶ୍ୱିନୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ତାଙ୍କ ଶରୀରର ପ୍ରାୟ ୯୦%ରୁ ଊର୍ଦ୍ଧ୍ୱ ପୋଡ଼ିଯାଇଥିବାରୁ ତାଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିବା ହସ୍ପିଟାଲ୍ ପକ୍ଷରୁ ସୂଚନା ମିଳିଛି । ଅପରପକ୍ଷରେ ଗୁରୁବାର ସନ୍ଧ୍ୟାରେ ପୋଲିସ ଗୁଣନିଧିଙ୍କ ପୁତୁରା ସାଗର ବିଶୋୟୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି ।

ମିଳିଥିବା ସୂଚନା ଅନୁସାରେ କିଶନନଗର ଥାନା ଅନ୍ତର୍ଗତ ଇଶାଣୀ-ବ୍ରହ୍ମପୁର ପଞ୍ଚାୟତ ସାଇକୋରୁଆ ଗ୍ରାମର ଗୁଣନିଧି ଏବଂ ପୁତୁରା ସାଗରଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା । ଏନେଇ ଗତ ୧୯ତାରିଖରେ ଏହି ବିବାଦକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଯାହାକୁ ନେଇ ଗୁଣନିଧି କିଶନନଗର ଥାନାରେ ଅଭିଯୋଗ କରିଥିଲେ । ହେଲେ ପୋଲିସ ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା । ପରେ ଗୁଣନିଧି ବୁଧବାର କଟକ ଗ୍ରାମାଞ୍ଚଳ ଏସ୍‌ପି ବି ଯୁଗଳକିଶୋର କୁମାରଙ୍କ ନିକଟରେ ଏସମ୍ପର୍କରେ ଅଭିଯୋଗ କରିବା ପରେ ତୁରନ୍ତ ପୋଲିସ ଏକ ମାମଲା(ନଂ.୧୦୩/୨୨) ରୁଜୁ କରି ତଦନ୍ତ କରିଥିଲା । ହେଲେ ପୋଲିସ ଉପରୁ ଭରସା ନ ପାଇ ଗୁଣନିଧି ଏଭଳି ଚରମ ପଦକ୍ଷେପ ନେଇଥାଇ ପାରନ୍ତି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ଅପରପକ୍ଷରେ ଥାନା ପରିସରରେ ଆତ୍ମାହୁତି ଉଦ୍ୟମ ସମ୍ପର୍କରେ ସୂଚନା ପାଇ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି କୃଷ୍ଣଚନ୍ଦ୍ର ପଟ୍ଟନାୟକ ଓ ସାଲେପୁର ଏସ୍‌ଡିପିଓ ବିମଳ ବାରିକ ଥାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ପ୍ରଥମେ ଆହତଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କଟକ ବଡ଼ ଡାକ୍ତରଖାନାରେ ନିଆଯାଇଥିଲା । କେଉଁ ପରିସ୍ଥିତିରେ ମାମଲା ରୁଜୁର ଦିନକ ପରେ ଗୁଣନିଧି ଆତ୍ମହତ୍ୟା ଉଦ୍ୟମ କଲେ ଏବଂ ଏହି ସମୟରେ ସେଠାରେ କିଏ କିଏ ଉପସ୍ଥିତ ଥିଲେ ସେନେଇ ଘଟଣା ବେଳର ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପଟ୍ଟନାୟକ କହିଛନ୍ତି ।

## ସ୍ୱାମୀଙ୍କ କୁରାଢ଼ି ଚୋଟରେ ସ୍ତ୍ରୀ ମୃତ

ପାଟକୁରା,୨୩।୬(ଡି.ଏନ୍.ଏ.): ମାନସିକ ଭାରସାମ୍ୟ ହରାଇଥିବା ଜଣେ ସ୍ୱାମୀଙ୍କ କୁରାଢ଼ି ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ଏଭଳି ସମ୍ବେଦନଶୀଳ ଘଟଣା କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅନ୍ତର୍ଗତ ତେଣ୍ଡାକୁଡ଼ା ମୁସ୍‌ଲିମ ବସ୍ତିରେ ବୁଧବାର ରାତ୍ରିରେ ଘଟିଛି। ତେଣ୍ଡାକୁଡ଼ା ଇଦ୍‌ଘା ପଛପଟ ସେକ୍ ମହଲାର ମନାନ ଅଲ୍ଲୀ(୫୦) ବିଳମ୍ବିତ ରାତିରେ ଶୋଇଥିବା ଅବସ୍ଥାରେ ସ୍ତ୍ରୀ ପ୍ୟାରୁଲ ବିବି (୪୫)ଙ୍କୁ କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ଗୁରୁବାର ଏହା ଜଣାପଡିବା ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଥିଲା। ଅଭିଯୁକ୍ତ ସ୍ୱାମୀ ଅଲ୍ଲୀଙ୍କୁ ଗିରଫ କରିଛି। ପୋଲିସ ଘର ମଧ୍ୟରୁ ରକ୍ତଲଗା କୁରାଢ଼ି ସହ ମୃତଦେହକୁ ଜବତ କରିଛି। ଅଭିଯୁକ୍ତ ଅଲ୍ଲୀ ମାନସିକ ବିକୃତ ଥିବା ଆଇଆଇସି ସରୋଜ ସାହୁ କହିଛନ୍ତି। ପଡ଼ୋଶୀମାନେ ମଧ୍ୟ ଅଲ୍ଲୀଙ୍କ ମାନସିକ ବିକୃତି ଥିବା କହିଛନ୍ତି। ପୂର୍ବରୁ ସେ ଆତ୍ମହତ୍ୟା କରିବାକୁ ଦଉଡ଼ି ଦେଇଥିଲେ। ନିଜ ଘରେ ନିଆଁ ଲଗାଇ ଦେଇଥିଲେ ବୋଲି ପଡ଼ୋଶୀମାନେ କହିଛନ୍ତି। ତେବେ ସେ ମଜୁରି ଲାଗି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ୧୫, ୨୦ ଓ ୨୨ ବର୍ଷର ୩ ପୁଅ ଅଛନ୍ତି। ହତ୍ୟାର ପ୍ରକୃତ କାରଣ ଜଣାପଡ଼ି ନାହିଁ। ପ୍ୟାରୁଲଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏନେଇ ଥାନାରେ ନଂ. ୨୫୭/୨୨ରେ ମାମଲା ରୁଜୁ ହୋଇଛି।

# ରାଜାଙ୍କୁ ଜେରା, ସନ୍ତୋଷଙ୍କୁ ନୋଟିସ


**ଅଭିନେତ୍ରୀ ରଶ୍ମିରେଖା ଆତ୍ମହତ୍ୟା ମାମଲା**

- **ତଦନ୍ତରେ ସହଯୋଗ କରୁନାହାନ୍ତି ପୁରୁଷ ବନ୍ଧୁ ସନ୍ତୋଷ**
- **୨୫ ତାରିଖ ମଧ୍ୟରେ ଥାନାରେ ହାଜର ହେବାକୁ ନିର୍ଦ୍ଦେଶ**

ଭୁବନେଶ୍ୱର,୨୩।୬(ବ୍ୟୁରୋ)

ଅଭିନେତ୍ରୀ ରଶ୍ମିରେଖା ଓଝା ଓରଫ ସୋନି(୨୨)ଙ୍କ ମୃତ୍ୟୁକୁ ୬ଦିନ ବିତିଛି। ବ୍ୟବଚ୍ଛେଦ ରିପୋର୍ଟରେ ଆତ୍ମହତ୍ୟା ବୋଲି ଦର୍ଶାଯାଇଛି। ହେଲେ କେଉଁ କାରଣ ପାଇଁ ରଶ୍ମିରେଖା ଏଭଳି ପଦକ୍ଷେପ ନେଲେ, ତାହା ଏବେବି ରହସ୍ୟ ଘେରରେ ରହିଛି। ଆତ୍ମହତ୍ୟା ପଛର କାରଣ ଜାଣିବାକୁ ନୟାପଲ୍ଲୀ ଥାନା ପୋଲିସ ଜଣେ ପୁରୁଷ ବନ୍ଧୁ ରାଜାଙ୍କୁ ଗୁରୁବାର ଜେରା କରିଛି। ପ୍ରାୟ ୧ ଘଣ୍ଟା କାଳ ଥାନାରେ ତାଙ୍କୁ ପଚରାଉଚରା କରି ପୋଲିସ କିଛି ନୂଆ ତଥ୍ୟ ପାଇଥିବା ଜଣାପଡିଛି। ତେବେ ରାଜା ଗଣମାଧ୍ୟମକୁ କହିଛନ୍ତି, ତଦନ୍ତରେ ମୁଁ ସହଯୋଗ କରୁଛି। ଆଗକୁ ଆଉଥରେ ପୋଲିସ ପକ୍ଷରୁ ମତେ ଡକାଯିବ। ମୁଁ ମୋ ପକ୍ଷ ରଖିବି ବୋଲି ସେ କହିଛନ୍ତି। ସେପଟେ ରଶ୍ମିରେଖାଙ୍କ ସହ ରହୁଥିବା ପୁରୁଷ ବନ୍ଧୁ ସନ୍ତୋଷ ପାତ୍ର ତଦନ୍ତରେ ସହଯୋଗ କରୁ ନ ଥିବା ଜଣାପଡିଛି। ମୃତ୍ୟୁର ୩ ଦିନ ପୂର୍ବରୁ ସେ ରଶ୍ମିରେଖାଙ୍କୁ ଛାଡ଼ି ପଳାଇଥିଲେ। ତାଙ୍କୁ ଡକାଯାଇଛି, ସେ ଦିନେ କିମ୍ବା ଦୁଇଦିନ ମଧ୍ୟରେ ପହଞ୍ଚିବେ ବୋଲି ଡିସିପି ପ୍ରତୀକ ସିଂ ଗତ ସୋମବାର ଗଣମାଧ୍ୟମକୁ କହିଥିଲେ। ହେଲେ ଏପର୍ଯ୍ୟନ୍ତ ସନ୍ତୋଷଙ୍କର ଦେଖାମିଳୁ ନାହିଁ। ଏପରିକି ତାଙ୍କ ମୋବାଇଲ ମଧ୍ୟ ସୁଇଚ୍ ଅଫ୍ ଥିବା ସୂଚନା ମିଳିଛି। ତେଣୁ ସନ୍ତୋଷଙ୍କୁ ପୋଲିସ ନୋଟିସ କରିଛି। ଏହି ନୋଟିସ୍‌କୁ ତାଙ୍କ ପରିବାର ଲୋକଙ୍କ ନିକଟକୁ ପଠାଯାଇଛି। ୨୫ ତାରିଖ ମଧ୍ୟରେ ସନ୍ତୋଷ ତୁରନ୍ତ ଥାନାରେ ପହଞ୍ଚି ତଦନ୍ତରେ ସହଯୋଗ କରିବାକୁ ସେଥିରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ରଶ୍ମିରେଖାଙ୍କ ମୃତ୍ୟୁ ପାଇଁ ତାଙ୍କ ପରିବାର ଲୋକ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ ସନ୍ତୋଷଙ୍କୁ ହିଁ ଦାୟୀ କରି ଆସୁଛନ୍ତି। ସନ୍ତୋଷ ଏଯାବତ୍ ତଦନ୍ତରେ ସହଯୋଗ ନ କରୁଥିବାରୁ ରଶ୍ମିରେଖାଙ୍କ ଆତ୍ମହତ୍ୟା ପଛରେ ତାଙ୍କର ହାତ ଥିବା ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରୁଛି। ଡିସିପି କହିଛନ୍ତି, ଆତ୍ମହତ୍ୟାର କାରଣ ଜାଣିବାକୁ ତଦନ୍ତକାରୀ ଅଧିକାରୀ ପରିବାର ଲୋକଙ୍କ ସହ ଯୋଗାଯୋଗରେ ଅଛନ୍ତି। ଅନ୍ୟ ସାଙ୍ଗସାଥୀଙ୍କୁ ଡକାଯାଇ ତଦନ୍ତ କରାଯାଉଥିବା ସେ କହିଛନ୍ତି।

## ଚର୍ଚ୍ଚାରେ ରଶ୍ମିରେଖାଙ୍କ ଭାଇରାଲ ଭିଡିଓ




ଅଭିନେତ୍ରୀ ରଶ୍ମିରେଖାଙ୍କ ପ୍ରେମ, ମୃତ୍ୟୁ ଓ ତଦନ୍ତକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ତାଙ୍କର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ସେଥିରେ ରଶ୍ମିରେଖା ଏକ ବାର୍‌ରେ ଓଡ଼ିଆ ସ୍ୟାଡ୍ (ଦୁଃଖ) ଗୀତରେ ନାଚୁଥିବା ଦେଖିବାକୁ ମିଳୁଛି। ବାର୍‌ରେ ସାଧାରଣତଃ ହିଟ୍, ରୋମାଞ୍ଚ ଗୀତରେ ନୃତ୍ୟ କରାଯାଉଥିବାବେଳେ ରଶ୍ମିରେଖାଙ୍କ ଏହି ନାଚ ପଛରେ ଜୀବନର ସ୍ଥିତି ଯୋଡି ହୋଇଥିବା ଭଳି ମନେହେଉଛି। ସେ ପ୍ରେମଜନିତ ମାନସିକ ଚିନ୍ତାରେ ଥାଇ ଏଭଳି ନାଚୁଥିବା ମଧ୍ୟ ଆଲୋଚନା ହେଉଛି। ଉକ୍ତ ଭିଡିଓ ମୃତ୍ୟୁର କିଛିଦିନ ପୂର୍ବର ବୋଲି କୁହାଯାଉଛି। ହେଲେ ସେହି ସମୟରେ କେଉଁମାନେ ତାଙ୍କ ସହ ଥିଲେ ତାହା ଜଣାପଡ଼ିନାହିଁ। ତେବେ ଏହି ଭିଡିଓକୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି। ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସଙ୍କେତପାଟଣାର ରଶ୍ମିରେଖା ୨ ମାସ ହେବ ନୟାପଲ୍ଲୀ ଗଡ଼ସାହିସ୍ଥିତ ଏକ ଭଡ଼ାଘରେ ପୁରୁଷ ବନ୍ଧୁ ସନ୍ତୋଷଙ୍କ ସହ ରହୁଥିଲେ। ୧୮ ତାରିଖ ସନ୍ଧ୍ୟାରେ ତାଙ୍କ ମୃତ୍ୟୁ ସମ୍ପର୍କରେ ଖବର ପାଇ ପରିବାର ଲୋକେ ବିଳମ୍ବିତ ରାତିରେ ଭୁବନେଶ୍ୱରରେ ପହଞ୍ଚି ପୋଲିସକୁ ଜଣାଇଥିଲେ। ପୋଲିସ ଉକ୍ତ ଘର ତାଲା ଭାଙ୍ଗି ଫ୍ୟାନ୍‌ରେ ଝୁଲୁଥିବା ଅବସ୍ଥାରେ ରଶ୍ମିରେଖାଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଚକା ବିଜେ ହେଲେ ମହାପ୍ରଭୁ

ପୁରୀ ଅଫିସ, ୨୩।୬

ଆଷାଢ଼ କୃଷ୍ଣ ପକ୍ଷ ଦଶମୀ ତିଥିରେ ଗୁରୁବାର ଅଣସର ଗୃହରେ ମହାପ୍ରଭୁଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଛି। ବଡ଼ଠାକୁର ପ୍ରଭୁ ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଅଣସର ପିଣ୍ଡିରୁ ଚକାକୁ ବିଜେ କରିଛନ୍ତି। ପବିତ୍ର ସ୍ନାନପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହମାନେ ସ୍ନାନବେଦୀରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ରହି ରାଜବୈଦ୍ୟଙ୍କ ପରାମର୍ଶ କ୍ରମେ ଚିକିତ୍ସିତ ହେଉଛନ୍ତି। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ସେବକ ଦଇତାପତି ଓ ପତିମହାପାତ୍ର ଗୁପ୍ତ ସେବା କରୁଛନ୍ତି। ପରମ୍ପରା ଅନୁଯାୟୀ, ପଞ୍ଚମୀ ତିଥିରେ ମହାପ୍ରଭୁଙ୍କୁ ଫୁଲୁରୀ ତେଲ ଲାଗି କରାଯାଇଥିଲା। ଷଷ୍ଠୀରୁ ନବମୀ ତିଥି ପର୍ଯ୍ୟନ୍ତ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥିଲା। ଗୁରୁବାର ଦଶମୀ ତିଥିରେ ଶ୍ରୀବିଗ୍ରହ ସାମାନ୍ୟ ସୁସ୍ଥ ଅନୁଭବ କରିଥିବାରୁ ଚକାବିଜେ ନୀତି ସମ୍ପନ୍ନ ହୋଇଛି। ଏହି କ୍ରମରେ ଶ୍ରୀମନ୍ଦିରରେ ପଟିଦିଅଁଙ୍କ ମଙ୍ଗଳ ଆଳତିଠାରୁ ମଧ୍ୟାହ୍ନ ଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ଦକ୍ଷିଣୀଘର ଭୋଗ ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ବେହେରଣ ଦ୍ୱାର ଏବଂ ଅଣସର ଗୃହ ଦ୍ୱାର ଖୋଲାଯାଇଥିଲା। ଏହାକୁ ପତିମହାପାତ୍ର ଖୋଲିଥିଲେ। ପରେ ଦଇତାପତି ସେବକମାନେ ପ୍ରଭୁ ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଭଉଣୀ ସୁଭଦ୍ରାଙ୍କୁ ଅଣସର ପିଣ୍ଡିରୁ ଚକାକୁ ବିଜେ କରାଇଥିଲେ। ଦାରୁବିଗ୍ରହଙ୍କ ନିକଟରେ ପଣା ଓ ଚକଟା ଭୋଗ ହୋଇ ଅଣସର ଗୃହ ବନ୍ଦ କରାଯାଇଥିଲା। ପରେ ଜୟବିଜୟ ଦ୍ୱାର ଫିଟାଯାଇଥିଲା। ପଟିଦିଅଁଙ୍କ ସନ୍ଧ୍ୟା ଆଳତି ଓ ଅନ୍ୟାନ୍ୟ ନୀତି ବଢ଼ିଥିଲା। ପଟିଦିଅଁଙ୍କ ବଡ଼ସିଂହାର ଭୋଗ ପରେ ପୁଣି ଅଣସର ଗୃହ ଖୋଲାଯାଇ ମହାପ୍ରଭୁଙ୍କ ଅଣସର ନୀତି ସମ୍ପନ୍ନ ହୋଇଥିଲା। ସେହିପରି ଖଳିଲାଗି ଏକାଦଶୀରେ ଅଣସର ଗୃହରେ ଶ୍ରୀବିଗ୍ରହ ପ୍ରଥମ ତୁଳସୀ ଲାଗି ହେବେ। ମହାପ୍ରଭୁ ଅସୁସ୍ଥ ଥିବାରୁ ଅଣସର ଗୃହରେ ତାଙ୍କ ନିକଟରେ ଖଣ୍ଡୁଆ, ରଙ୍ଗିନ ପୁଷ୍ପ ଏବଂ ତୁଳସୀ ଲାଗି ହେଉନାହିଁ। କେବଳ ଧଳା ବସ୍ତ୍ର ଓ ଧଳା ପୁଷ୍ପ ଲାଗି ହେଉଛି। ଏକାଦଶୀରେ ସର୍ବାଙ୍ଗ ବଢ଼ିବା ପରେ ଅଣସର ଗୃହରେ ଚତୁର୍ଦ୍ଧାବିଗ୍ରହଙ୍କୁ ଖଣ୍ଡୁଆ, ରଙ୍ଗିନ ସୁଗନ୍ଧିତ ପୁଷ୍ପ ଏବଂ ତୁଳସୀ ଲାଗିକରାଯିବ।


**STATE INSTITUTE OF HOTEL MANAGEMENT, BALANGIR**
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

**ADMISSION OPEN**
**FOR HOTEL MANAGEMENT COURSES**

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 50% marks) | 25 Years as on 1st July 2022 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | $1\frac{1}{2}$ Year | 10+2 pass or equivalent | |
| 3. Diploma In Food & Beverage Service | $1\frac{1}{2}$ Year | 10+2 pass or equivalent | |
| 4. Diploma In Food Production | $1\frac{1}{2}$ Year | 10+2 pass or equivalent | |
| 5. Diploma In Housekeeping Operation | $1\frac{1}{2}$ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | $1\frac{1}{2}$ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484


# ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୨ ସ୍କୁଲ ବସ୍ ଜବତ




ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାଶଙ୍କ ଉପସ୍ଥିତିରେ ଜବତ କରାଯାଇଥିବା ବସ୍।

**କ୍ଷମତାଠାରୁ ଅଧିକ ଛାତ୍ରୀଛାତ୍ରଙ୍କୁ ନିଆଯାଉଥିଲା**

ଆନନ୍ଦପୁର,୨୩।୬(ସ୍ୱ.ପ୍ର.)

କ୍ଷମତାଠାରୁ ଅଧିକ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ଦୁଇଟି ସ୍କୁଲ ବସ୍‌କୁ ଘସିପୁରା ପୋଲିସ ଜବତ କରିଛି। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗୁରୁବାର ମନ୍ତ୍ରୀ ଦାଶଙ୍କ କେନ୍ଦୁଝର ଜିଲା ଗସ୍ତ ସମୟରେ ଏଭଳି ନିୟମ ଉଲ୍ଲଙ୍ଘନ କରାଯାଇ ପିଲାମାନଙ୍କୁ ବିପଦ ସଙ୍କୁଳ ଭାବେ ନିଆଯାଉଥିବା ଦୃଷ୍ଟିକୁ ଆସିଥିଲା। ସୂଚନା ଅନୁଯାୟୀ, ଗଣଶିକ୍ଷା ମନ୍ତ୍ରୀ ଦାଶ ୪ ଦିନିଆ କେନ୍ଦୁଝର ଜିଲା ଗସ୍ତରେ ଯାଉଥିବା ବେଳେ ଆନନ୍ଦପୁରସ୍ଥିତ ପ୍ରାଣବଲ୍ଲଭ ପବ୍ଲିକ୍ ସ୍କୁଲର ଦୁଇଟି ବସ୍ ୨୦ନଂ. ଜାତୀୟ ରାଜପଥରେ ଯାଉଥିବା ଦେଖିବାକୁ ପାଇଥିଲେ। ଏଥିରେ କ୍ଷମତାଠାରୁ ଅଧିକ ଛାତ୍ରୀଛାତ୍ର ଯାଉଥିବା ଜାଣି ମନ୍ତ୍ରୀ ବସ୍ ଦୁଇଟିକୁ ଅଟକାଇଥିଲେ। ବସ୍ ମଧ୍ୟରେ ଉପସ୍ଥିତ ଥିବା ଶିକ୍ଷୟିତ୍ରୀଙ୍କୁ ଡାକି ତାଗିଦ୍ କରିବା ସହିତ ସ୍କୁଲର ନାମ ପଚାରି ବୁଝିଥିଲେ। ବସ୍ ମଧ୍ୟରେ ଖୁନ୍ଦାଖୁନ୍ଦି ଓ ଠିଆ ହୋଇ ପିଲାମାନେ ପଢ଼ିବାକୁ ଯାଉଥିବାରୁ ପିଲାମାନେ କ'ଣ ଲଗେଜ୍ ବୋଲି ମନ୍ତ୍ରୀ ପ୍ରଶ୍ନ କରିଥିଲେ। ପରେ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଘସିପୁରା ପୋଲିସ ପହଞ୍ଚି ବସ୍ ଦୁଇଟିକୁ ଜବତ କରିଥିଲା। ବସ୍ ଦୁଇଟିକୁ ଥାନାରେ ଅଟକ ରଖାଯାଇଛି। କାଗଜପତ୍ର ଯାଞ୍ଚ ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ଘନଶ୍ୟାମ ବେହେରା କହିଛନ୍ତି।

# ଭୁବନେଶ୍ୱରରୁ ଇଞ୍ଜିନିୟରିଂ ଛାତ୍ରୀ ନିଖୋଜ

- **ବୁଧବାର ସନ୍ଧ୍ୟାରେ ରେଳ ଷ୍ଟେଶନରେ ପହଞ୍ଚିଥିଲେ**
- **ଷ୍ଟେଶନ ନିକଟରୁ ଫୋନ୍ ସୁଇଚ୍ ଅଫ୍ ହୋଇଥିବା ସୂଚନା**
- **ନିଶା ଦେଇ ଅପହରଣ ସନ୍ଦେହ କଲେ ପରିବାର ଲୋକେ**



ସୁଇଟି ରଏ

ଭୁବନେଶ୍ୱର,୨୩।୬(ବ୍ୟୁରୋ)

ଭୁବନେଶ୍ୱରରୁ ଜଣେ ଇଞ୍ଜିନିୟରିଂ ଛାତ୍ରୀ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜୟପୁର ଅଞ୍ଚଳର ସ୍ୱିଟି ରଏ (୨୦)। ସେ ଖଣ୍ଡଗିରିସ୍ଥିତ ଉତ୍କଳ ଏରୋସ୍ପେଶ୍ ଆଣ୍ଡ୍ ଇଞ୍ଜିନିୟରିଂ କଲେଜର ଦ୍ୱିତୀୟ ବର୍ଷର ଛାତ୍ରୀ। ସ୍ୱିଟି କୋଲକାତାରୁ ଜନଶତାବ୍ଦୀ ଏକ୍ସପ୍ରେସ୍‌ରେ ଆସି ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ରେଳ ଷ୍ଟେଶନରେ ଓହ୍ଲାଇଥିଲେ। ହେଲେ ଏହାର କିଛି ସମୟ ପରେ ତାଙ୍କ ମୋବାଇଲ ଫୋନ୍ ସୁଇଚ୍‌ଅଫ୍ ହୋଇଯାଇଥିଲା। ଏହାପରଠାରୁ ତାଙ୍କର ପତ୍ତା ମିଳୁନାହିଁ। ତ୍ରିପୁରାରେ ବିଏସ୍‌ଏଫ୍ ଯବାନ ଭାବେ କାର୍ଯ୍ୟ କରୁଥିବା ବାପା ବିଜୟ କୁମାର ରଏଙ୍କ ସୂଚନା ଆଧାରରେ ତାଙ୍କ ବନ୍ଧୁ ସୁରେଶ ପଣ୍ଡା ଜିଆର୍‌ପି ଥାନାରେ ଏନେଇ ଅଭିଯୋଗ କରିଛନ୍ତି। ସ୍ୱିଟିଙ୍କୁ ନିଶା ଦେଇ କେହି ଅପହରଣ କରି ନେଇଥିବା ସେ ସନ୍ଦେହ କରୁଥିବା ଗଣମାଧ୍ୟମକୁ କହିଛନ୍ତି। ଏଥିସହ ଗୁରୁବାର ସନ୍ଧ୍ୟାରେ ସ୍ୱିଟିଙ୍କ ମା' ଭୁବନେଶ୍ୱରରେ ପହଞ୍ଚି ପୋଲିସ ସହ ଆଲୋଚନା କରିଛନ୍ତି। ଝିଅର ଜୀବନ ପ୍ରତି ବିପଦ ଥିବା ସେ ଆଶଙ୍କା କରିଛନ୍ତି। ତେବେ ପୋଲିସ ତାଙ୍କ ମା'ଙ୍କ ଉପସ୍ଥିତିରେ ରେଳଷ୍ଟେଶନର ସମସ୍ତ ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା। ୮ଟା ୧୫ରେ ଜନଶତାବ୍ଦୀ ଏକ୍ସପ୍ରେସ୍ ୬ ନଂ. ପ୍ଲାଟଫର୍ମରେ ଲାଗିଥିଲା। ଏହାପରେ ସ୍ୱିଟି ମେନ୍ ଗେଟ୍ ଦେଇ ରେଳ ଷ୍ଟେଶନରୁ ବାହାରି ଯାଇଥିବା ସିସିଟିଭିରୁ ଜଣାପଡ଼ିଛି। ତେଣୁ ତାଙ୍କ ମୋବାଇଲର ଶେଷ ଲୋକେଶନ୍‌କୁ ଟ୍ରାକ୍ କରାଯାଇଥିଲା। ଷ୍ଟେସନରୁ ବାହାରିବାର ୫ରୁ ୧୦ ମିନିଟ୍ ପରେ ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ଏକ ମଲ୍ ନିକଟରେ ସ୍ୱିଟିଙ୍କ ମୋବାଇଲ ଫୋନ୍ ସୁଇଚ୍ ଅଫ୍ ହୋଇଛି। ଜିଆର୍‌ପି ଅଧିକାରୀ ଜୟଦେବ ବିଶ୍ୱଜିତ କହିଛନ୍ତି, ଏନେଇ ଏଯାବତ୍ ମାମଲା ରୁଜୁ କରାଯାଇନାହିଁ। ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ମାମଲା ରୁଜୁ କରାଯିବ କି ନାହିଁ ବିଚାର କରାଯାଉଥିବା ସେ କହିଛନ୍ତି।

ତାଙ୍କ ମା'ଙ୍କ କହିବାନୁସାରେ, ସ୍ୱିଟି କିଛିଦିନ ହେବ ପଶ୍ଚିମବଙ୍ଗସ୍ଥିତ ଘରକୁ ଯାଇଥିଲେ। ସେ ଜନଶତାବ୍ଦୀ ଟ୍ରେନର ଡି୪, ଏସ୍୩ କୋଚ୍‌ସ୍ଥିତ ୬୪ ନଂ. ସିଟ୍‌ରେ ବସି ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ରେଳ ଷ୍ଟେଶନରେ ପହଞ୍ଚିଥିଲେ। ଏହାପରେ ସେ କଲେଜ ଅଭିମୁଖେ ଯାଉଥିବା ମା'ଙ୍କୁ ଫୋନ କରି ଜଣାଇଥିଲେ। ହେଲେ ଏହାର କିଛି ସମୟ ପରେ ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଦେଖାଇଥିଲା। ସେ କଲେଜରେ ପହଞ୍ଚି ନ ଥିବା କର୍ତ୍ତୃପକ୍ଷ କହିଥିଲେ। ତେଣୁ ଭୁବନେଶ୍ୱର ୟୁନିଟ୍-୧ରେ ରହୁଥିବା ସ୍ୱିଟିଙ୍କ ସ୍ଥାନୀୟ ଅଭିଭାବକ ସୁରେଶଙ୍କୁ ପରିବାର ଲୋକେ ଖବର ଦେଇଥିଲେ। ସୁରେଶ ତୁରନ୍ତ ଏନେଇ ପ୍ରଥମେ ନୟାପଲ୍ଲୀ ଥାନାକୁ ଜଣାଇଥିଲେ। ସ୍ଥାନୀୟ ପୋଲିସର ପରାମର୍ଶକ୍ରମେ ସୁରେଶ ଗୁରୁବାର ସକାଳେ ସ୍ୱିଟିଙ୍କ ଫଟୋ ସହ ଲିଖିତ ଅଭିଯୋଗ କରିଥିଲେ।




ଭଗବାନ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି– ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବା ଯାଏ। **–ଶ୍ରୀଅରବିନ୍ଦ**



# ସଙ୍କଟଗ୍ରସ୍ତ ଶିଶୁ ଓ ଶିକ୍ଷା



ୟାସ୍ମିନ ଶରିଫ୍

ଜରୁରୀ ଶିକ୍ଷାଗତ ସହାୟତା ଆବଶ୍ୟକ କରୁଥିବା ସଙ୍କଟଗ୍ରସ୍ତ ଶିଶୁମାନଙ୍କ ସଂଖ୍ୟା ତୀବ୍ର ବେଗରେ ବଢ଼ିଛି ବୋଲି ଜାତିସଂଘ ଆକଳନ କରିଛି। ଏହା ୨୦୧୬ ତୁଳନାରେ ୭୫ ମିଲିୟନ (୭.୫ କୋଟି)ରୁ ବୃଦ୍ଧିପାଇ ଏବେ ୨୨୨ ମିଲିୟନ (୨୨.୨) କୋଟିରେ ପହଞ୍ଚିଛି। ଶିଶୁମାନେ ହିଁ ଭବିଷ୍ୟତର ସ୍ୱପ୍ନ। ତେବେ ଜାତିସଂଘର ଏହି ଆକଳନରୁ ଏହା ବୁଝାପଡୁଛି ଯେ, ସେହି ୨୨.୨ କୋଟି ସ୍ୱପ୍ନ ଆମର ଧୂଳିସାତ ହୋଇଯାଇଛି ଏବଂ ଆମ ସାମଗ୍ରିକ ମାନବତା ଉପରେ ଏହି ସଂଖ୍ୟକ ବି ଆଘାତ ଲାଗିଛି। ଆମ ଅର୍ଥ ବ୍ୟବସ୍ଥା ଏବଂ ସମାଜ ଉପରେ ଏହି ବର୍ଦ୍ଧିତ ସଙ୍କଟର ଦୀର୍ଘମିଆଦୀ ପ୍ରଭାବ ରହିବ। କିନ୍ତୁ ଆମେ ଏହାକୁ ଗୁରୁତ୍ୱ ଦେଉନାହୁଁ। ବିଶ୍ୱ ସ୍ତରରେ ଯୋଗାଇ ଦିଆଯାଉଥିବା ମୋଟ ମାନବୀୟ ପାଣ୍ଠି ମଧ୍ୟରୁ କେବଳ ୨ରୁ ୪ ପ୍ରତିଶତ ଶିକ୍ଷା ପାଇଁ ଉଦ୍ଦିଷ୍ଟ। କୋଭିଡ୍–୧୯ ମହାମାରୀ, ଜଳବାୟୁ ପରିବର୍ତ୍ତନ ଏବଂ ଯୁଦ୍ଧ ପରିପ୍ରେକ୍ଷୀରେ ସଂସାଧନ ଆବଣ୍ଟନ ସମ୍ପର୍କରେ ବିଶ୍ୱ ନେତୃବର୍ଗ ନିଷ୍ପତ୍ତି ନେଉଥିବାରୁ ସେମାନେ ଶିକ୍ଷା ଉପରେ ବ୍ୟୟକୁ ଅଧିକ ପ୍ରାଥମିକତା ଦେବାକୁ ହେବ। ଅର୍ଥାତ୍, ସମସ୍ତଙ୍କ ପାଇଁ ଶିକ୍ଷା ଠାରୁ ଆରମ୍ଭ କରି ମାନବ ଅଧିକାର ଏବଂ ସମାନତାର ଗୁରୁତ୍ୱ ରହିଥିବା ଏକ ବିଶ୍ୱ ହାସଲ ଲକ୍ଷ୍ୟରେ ସେମାନଙ୍କୁ ଅନ୍ତର୍ଜାତୀୟ ବିକାଶ ନୀତିର ପୁନର୍ବିଚାର କରିବାକୁ ହେବ।

ଶିକ୍ଷା ଲାଗି ଅର୍ଥ ଦରକାର। ଏହା ଏକ ପ୍ରକାର ନିବେଶ ଯାହା ଲୋକମାନଙ୍କୁ ସଶକ୍ତ କରେ, ଅଧିକ ସହନୀୟ ଅର୍ଥବ୍ୟବସ୍ଥା ସୃଷ୍ଟି କରେ। ଏହା ମଧ୍ୟ କ୍ଷୁଧା, ବିସ୍ଥାପନ, ସଂଘର୍ଷ ଏବଂ ଅରାଜକତାର କାରଣ ପାଲଟୁଥିବା ଦାରିଦ୍ର୍ୟ ଯନ୍ତାରୁ ଲୋକମାନଙ୍କୁ ମୁକ୍ତି ଦିଏ। ଜେଫ୍ ବେଜୋସଙ୍କ ଏକ ସ୍ପେଶ୍ ଫ୍ଲାଇଟ୍‌କୁ ନିକଟରେ ୨୮ ମିଲିୟନ ଡଲାରରେ ନିଲାମ କରାଗଲା। ବାସ୍ତବରେ ଏହି ପରିମାଣ ଅର୍ଥ ୨ ଲକ୍ଷ ସଙ୍କଟଗ୍ରସ୍ତ ପିଲାମାନଙ୍କୁ ସୁରକ୍ଷା, ଶକ୍ତି ଓ ଶିକ୍ଷା ସୁଯୋଗ ଯୋଗାଇ ଦିଆଯାଇପାରିଥାଆନ୍ତା। ମନେ ରଖିବାକୁ ହେବ, ଝିଅମାନଙ୍କ ଶିକ୍ଷା ଉପରେ ବ୍ୟୟ କରାଯାଉଥିବା ପ୍ରତିଟି ଡଲାର ବଦଳରେ ପାଖାପାଖି ୨.୮୦ ଡଲାର ଲାଭ ମିଳିଥାଏ। ସବୁ ଝିଅଙ୍କୁ ମାଧ୍ୟମିକ ଶିକ୍ଷା ଶେଷ କରିବା ନିଶ୍ଚିତ କରାଗଲେ ତାହା ବିକାଶଶୀଳ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଆଗାମୀ ଦଶନ୍ଧିରେ ହାରାହାରି ୧୦ ପ୍ରତିଶତ ବୃଦ୍ଧି କରିପାରିବ। ପିଲାଙ୍କ ସମସ୍ୟା ଦୂର କରିବା ପାଇଁ କେବଳ ନିବେଶ କଲେ ହେବ ନାହିଁ, ବରଂ ନିବେଶର ମାନ ସମ୍ପର୍କରେ ଆମକୁ ବିଚାର କରିବାକୁ ପଡ଼ିବ।

ଏବେ ଉପୁଜିଥିବା ଜରୁରୀ ତଥା ସଙ୍କଟଜନକ ସ୍ଥିତିରେ ପ୍ରଭାବିତ ୨୨୨ ମିଲିୟନ ଶିଶୁଙ୍କ ମଧ୍ୟରୁ ୭୮.୨ ମିଲିୟନ ସ୍କୁଲ ବାହାରେ ରହିଛନ୍ତି। ପାଖାପାଖି ୧୨୦ ମିଲିୟନ ପିଲା ସ୍କୁଲରେ ଥିଲେ ମଧ୍ୟ ସେମାନେ ଗଣିତ କିମ୍ବା ବହିପଢ଼ିବାରେ ସର୍ବନିମ୍ନ ଦକ୍ଷତା ହାସଲ କରିପାରିନାହାନ୍ତି। ହଁ, ଶ୍ରେଣୀଗୃହ, ଶିକ୍ଷକ, ବହି, ପେନ୍‌ସିଲ ଏବଂ ଅନ୍ୟସବୁ ଜିନିଷ ଏହି ପିଲାମାନଙ୍କର ଦରକାର। ସେମାନଙ୍କୁ ଅତିରିକ୍ତ ଶୈକ୍ଷିକ ସହାୟତାର ବ୍ୟାପକ ସୁବିଧା ଆବଶ୍ୟକ। ଜାତିସଂଘ ଅନୁଯାୟୀ, ସ୍ୱଳ୍ପ ବିକଶିତ ଦେଶଗୁଡ଼ିକରେ କେବଳ ୫୬ ପ୍ରତିଶତ ସ୍କୁଲରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ସାରା ବିଶ୍ୱରେ ୩୫୦ ମିଲିୟନ ପିଲା ଭୋକିଲା ରହିଛନ୍ତି। ତେବେ କ୍ୱଚିତ ଥରୁଟିଏ ପୁଷ୍ଟିକର ଭୋଜନ କରୁଥିବା ପିଲା ଆଲ୍‌ଜେବ୍ରା ପଢ଼ିବ ବୋଲି ଆମେ କେମିତି ଆଶା କରିପାରିବା? ସରକାର ଏବଂ ଅନ୍ୟ ଭାଗୀଦାରିଙ୍କ ସହ ସ୍କୁଲରେ ଖାଦ୍ୟ, ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଲାଗି ପଦକ୍ଷେପ ନେଉସ୍କୁଲ ମିଲ୍ କୋଆଲିସନ୍’ ମାଧ୍ୟମରେ ଆମେ ହାଇତି ଏବଂ ସୋମାଲିଆ ଭଳି ଦେଶରେ ଅତି କମ୍‌ରେ ଦିନକୁ ଥରେ ସ୍କୁଲରେ ପୁଷ୍ଟିକର ଭୋଜନ ନିଶ୍ଚିତ କରିପାରିବା। ସେହିଭଳି ଆମ ପିଲାମାନଙ୍କୁ ହିଂସାତ୍ମକ ସ୍ଥିତିରୁ ରକ୍ଷା କରାଯାଇପାରିବ। ନିକଟରେ ଟେକ୍ସାସ୍‌ର ଉଭାଲ୍‌ଡେର ଏକ ଏଲିମେଣ୍ଟାରି ସ୍କୁଲରେ ଘଟିଥିବା ଗୁଳିକାଣ୍ଡ ସ୍କୁଲକୁ ସୁରକ୍ଷିତ ରଖିବା ଆବଶ୍ୟକ ବୋଲି ଚେତାଇ ଦେଲା। ସେହିଭଳି ସଂଘର୍ଷ କିମ୍ବା ଯୁଦ୍ଧାଞ୍ଚଳରେ ପିଲାମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ସେମାନଙ୍କ ସୁରକ୍ଷା ମଧ୍ୟ ଏବେ ବିଶ୍ୱ ପାଇଁ ଏକ ଆହ୍ୱାନ।



ନିକଟରେ ‘ଏଡୁକେଶନ ଅଣ୍ଡର୍ ଆଟାକ୍’ର ପ୍ରକାଶିତ ରିପୋର୍ଟ, ୨୦୨୨ରୁ ଜଣାପଡ଼ିଛି ଯେ, ଶିକ୍ଷା ଉପରେ ଆକ୍ରମଣ ଏବଂ ସାମରିକ ବଳ ଦ୍ୱାରା ବ୍ୟବହାର କରାଯାଉଥିବା ସ୍କୁଲ ସଂଖ୍ୟା ୨୦୧୯ରୁ ୨୦୨୦ ମଧ୍ୟରେ ଦୁଇ ତୃତୀୟାଂଶ ବୃଦ୍ଧିପାଇଛି। ୟୁକ୍ରେନ୍ ଯୁଦ୍ଧରେ ଏବେ ସୁଦ୍ଧା ୧,୮୦୦ରୁ ଅଧିକ ଶିକ୍ଷାନୁଷ୍ଠାନ କ୍ଷତିଗ୍ରସ୍ତ ହୋଇସାରିଲାଣି। ୧୭୦ଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଏହି ଯୁଦ୍ଧ ସେଠାକାର ଶୈକ୍ଷିକ ସ୍ଥିତିକୁ ପୂରା ଖରାପ କରିଦେଇଛି। ଏହାର ସମାଧାନ ଲାଗି ଅନ୍ତର୍ଜାତୀୟ ମାନବୀୟ ଆଇନ ଏବଂ ସେଫ୍ ସ୍କୁଲ୍ସ ଡିକ୍ଲାରେଶନକୁ ଦେଶଗୁଡ଼ିକ ସମର୍ଥନ ଜାରି ରଖିବା ଉଚିତ, ଯାହା କି ଏକ ପ୍ରକାର ନିବେଶ। କାଉନସିଲିଂ ଏବଂ ପିଲାଙ୍କ ମନସ୍ତାତ୍ତ୍ୱିକ ଓ ସାମାଜିକ ଆବଶ୍ୟକତା ପୂରଣ କରିବାକୁ ହେବ। ଏହା ଉଭୟେ ଶିଶୁ ଓ କିଶୋରଙ୍କୁ ଗୁଣବତ୍ତା ଶିକ୍ଷା ପାଇବାରେ ସାହାଯ୍ୟ କରିବ। ଏହାବାଦ୍ ପ୍ରାରମ୍ଭିକ ବାଲ୍ୟ ଶିକ୍ଷାରେ ନିବେଶ କରୁଥିବା ଡୋନର୍‌ମାନେ ‘ଦି ଲେଗୋ’ ସଂଗଠନର ପଥ ଅନୁସରଣ କରିବା ଉଚିତ। ଝିଅମାନଙ୍କୁ ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ ଏବଂ ଗଣିତ ଶିକ୍ଷା ଦେବାରେ ଅଧିକ ପ୍ରାଧାନ୍ୟ ଦେବା ଆବଶ୍ୟକ। ଦିବ୍ୟାଙ୍ଗ ଏବଂ ସବୁଥିରୁ ବଞ୍ଚିତ ବର୍ଗର ପିଲାମାନଙ୍କୁ ବିଶେଷ ସେବା ଯୋଗାଇ ଦେବା ଅପରିହାର୍ଯ୍ୟ।

ଶିକ୍ଷା ବିନା ଶତତ ବିକାଶ ଲକ୍ଷ୍ୟ ହାସଲ କରାଯାଇପାରିବ ନାହିଁ। ତେବେ ଏହି ଲକ୍ଷ୍ୟ ହାସଲ କରିବା ସକାଶେ ନିଆଯାଉଥିବା ସବୁ ପଦକ୍ଷେପରେ ଥିବା ବାଧା ଏବଂ ଅପାରଗତା ଦୂର କରିବା ଲାଗି ଆମକୁ ବିଶ୍ୱସ୍ତରରେ ଏକ ସମାନ ଶିକ୍ଷା ବ୍ୟବସ୍ଥା ଉପରେ ଧ୍ୟାନ ଦେବାକୁ ପଡ଼ିବ। ଦୀର୍ଘଦିନ ଧରି ସଙ୍କଟ ମଧ୍ୟରେ ରହୁଥିବା ୮୪ ପ୍ରତିଶତ ପିଲାମାନଙ୍କ ମଧ୍ୟରୁ ଏକ ସିଂହଭାଗ ରହିଛନ୍ତି ଆଫଗାନିସ୍ତାନ, ଡେମୋକ୍ରାଟିକ ରିପବ୍ଲିକ ଅଫ୍ କଙ୍ଗୋ, ଇଥିଓପିଆ, ମାଲି, ନାଇଜେରିଆ, ପାକିସ୍ତାନ, ସୋମାଲିଆ, ଦକ୍ଷିଣ ସୁଦାନ, ସୁଦାନ ଏବଂ ୟେମେନ୍‌ରେ। ରୁଷିଆ–ୟୁକ୍ରେନ ଯୁଦ୍ଧ ଏହି ସମସ୍ୟାକୁ ଆହୁରି ବଢ଼ାଇଦେଇଛି। ନିକଟରେ କରାଯାଇଥିବା ଏକ ଆକଳନରୁ ଜଣାପଡ଼ିଛି ଯେ, ଯୁଦ୍ଧ ୫.୭ ମିଲିୟନ ସ୍କୁଲ ବୟସର ପିଲାଙ୍କ ଜୀବନ ଜୀବିକା ଉପରେ ବିପଦ ସୃଷ୍ଟି କରିଛି। ତଥାପି ସେମାନଙ୍କ ସମସ୍ୟା ସାମଧାନର ଆଶା ରହିଛି ଓ ଏଥିପାଇଁ କେତେକ ଦେଶ ଉଦ୍ୟମ କରୁଛନ୍ତି। ଉଦାହରଣସ୍ୱରୂପ, ଇକ୍ୱେଡର ସରକାର ନିକଟରେ ଭେନେଜୁଏଲା ଶରଣାର୍ଥୀମାନଙ୍କୁ ସାର୍ବଜନୀନ ଶିକ୍ଷା ଲାଭ ଲାଗି ଅନୁମତି ପ୍ରଦାନ କରିଛି। ଉଗାଣ୍ଡା ସରକାର ଶରଣାର୍ଥୀଙ୍କ ପିଲାମାନଙ୍କ ପାଇଁ ଏକ ସୁରକ୍ଷିତ ଶୈକ୍ଷିକ ପରିବେଶ ଯୋଗାଇ ଦେବାକୁ ଏଡୁକେଶନ ରେସପନ୍ସ ପ୍ଲାନ୍ କାର୍ଯ୍ୟକାରୀ କରୁଛନ୍ତି। ବହୁ ବର୍ଷ ଧରି ପାଠ ଠାରୁ ଦୂରେଇ ରହିଥିବା ଝିଅମାନଙ୍କୁ ଶିକ୍ଷା ଦେବା ଲାଗି ଇଥିଓପିଆ ସରକାର ସ୍କୁଲ କାର୍ଯ୍ୟକ୍ରମଗୁଡ଼ିକ ଚଳାଉଛନ୍ତି।

ସଙ୍କଟଗ୍ରସ୍ତ ଶିଶୁମାନଙ୍କ ଜରୁରୀ ଶିକ୍ଷା ଆବଶ୍ୟକତା ପୂରଣ କରିବା କେବଳ ଦେଶର ସରକାରଗୁଡ଼ିକ କିମ୍ବା ଜାତିସଂଘର କାମ ନୁହେଁ, ଏହା ସମସ୍ତଙ୍କର ଦାୟିତ୍ୱ। ସଙ୍କଟଗ୍ରସ୍ତ ଶିଶୁ ଓ କିଶୋରଙ୍କୁ ସାହାଯ୍ୟ କରିବା ପାଇଁ ଆମକୁ ଏକ ବୈଶ୍ୱିକ ପ୍ରତିବଦ୍ଧତା ଆଣିବାକୁ ହେବ। ଏହା ସହ ଯୁଦ୍ଧାଞ୍ଚଳରେ ଦୀର୍ଘଦିନ ଧରି ରହିଥିବା, ବଳ ପୂର୍ବକ ସ୍ଥାନାନ୍ତର ହୋଇଥିବା ଏବଂ ଜଳବାୟୁ ଜନିତ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ସମସ୍ତ ଶିଶୁଙ୍କୁ ମାନବ ଅଧିକାର, ଶାନ୍ତି ଓ ସୁରକ୍ଷା ଏବଂ ଆର୍ଥିକ ସମୃଦ୍ଧି ଯୋଗାଇ ଦେବାର ସଂକଳ୍ପ ନେବା ଦରକାର। ତେବେ ଶତତ ବିକାଶ ଲକ୍ଷ୍ୟରେ ପହଞ୍ଚିବାକୁ ହେଲେ ଆମକୁ ପ୍ରଥମେ ୨୨.୨ କୋଟି ସଙ୍କଟଗ୍ରସ୍ତ ଶିଶୁଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ହେବ।

**ଡାଇରେକ୍ଟର, ଏଡୁକେଶନ କ୍ୟାନ୍‌ନଟ ୱେଟ୍, ୟୁନାଇଟେଡ୍ ନେଶନସ୍ ଗ୍ଲୋବାଲ୍ ଫଣ୍ଡ ଫର୍ ଏଡୁକେଶନ ଇନ୍ ଏମର୍ଜେନ୍ସି ଆଣ୍ଡ ପ୍ରୋଟ୍ରାକ୍ଟେଡ୍ କ୍ରାଇସିସ୍**

## ଏଇ ଭାରତରେ

ଜଣେ ପୋଲିସ ଅଧିକାରୀ ଚାକିରି ଛାଡ଼ି ଚନ୍ଦନ ଚାଷକୁ ଆପଣାଇ ଏବେ ଲକ୍ଷାଧିକ ଟଙ୍କା ରୋଜଗାର କରିବା ସହ ଅନ୍ୟ କୃଷକମାନଙ୍କୁ ସଶକ୍ତ କରିବାରେ ଲାଗିଛନ୍ତି। ଏହି ପୋଲିସ ଅଧିକାରୀ ଜଣକ ହେଉଛନ୍ତି ଉତ୍ତରପ୍ରଦେଶର ଉତ୍କୃଷ୍ଟ ପାଣ୍ଡେ। ସେ ଆସିଷ୍ଟାଣ୍ଟ କମାଣ୍ଡର ଭାବେ ଭାରତ–ନେପାଳ ସୀମାରେ କାର୍ଯ୍ୟ କରୁଥିଲେ। ଉତ୍କୃଷ୍ଟ ସାଢ଼େ ୫ ବର୍ଷ କାର୍ଯ୍ୟ କରିବା ପରେ ୩୬ ବର୍ଷ ବୟସରେ ଚାକିରି ଛାଡ଼ି ଚନ୍ଦନ ଚାଷରେ ଲାଗିଛନ୍ତି। ମାର୍ସେଲୋନ ଆଗ୍ରୋଫାର୍ମ ସଂସ୍ଥା ଦ୍ୱାରା ସେ ଏହି ଚାଷ କରୁଛନ୍ତି। ଚନ୍ଦନ ସହ ଉତ୍କୃଷ୍ଟ କଳା ହଳଦୀ, କଳାଲୁଣ ଧାନ ଏବଂ କସ୍ତୁରୀ ଧାନ ଚାଷ କରୁଛନ୍ତି। ଏସବୁ ଜୈବିକ ପଦ୍ଧତିରେ କରାଯାଉଛି। ଏହା ସହ ସେ ଧଳା ଚନ୍ଦନର ଏକ ନର୍ସରି କରି ଅନ୍ୟ କୃଷକମାନଙ୍କୁ ଚାରା ଯୋଗାଇଦେଉଛନ୍ତି। ଗଛର ଯତ୍ନ ନେବା ଲାଗି ମଧ୍ୟ ସେମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଉତ୍କୃଷ୍ଟ କହନ୍ତି,୧୫ ବର୍ଷପରେ ଗୋଟିଏ ଚନ୍ଦନ ଗଛରୁ ୬୦ କେ.ଜି. ହାର୍ଡ ଚନ୍ଦନ ମିଳୁଛି ଓ କେ.ଜି.ପ୍ରତି ୧୦,୦୦୦ ଟଙ୍କାରେ ବିକ୍ରି କରାଯାଉଛି। ଏବେ ତାଙ୍କର ଏହି ଚାଷ ପଦ୍ଧତିକୁ ଆଖପାଖର କୃଷକମାନେ ଆପଣାଇ ବେଶ୍ ଲାଭବାନ୍ ହେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଜୁନ୍ ୧୯୯୭

- ଜାଫ୍‌ନା ରାଜପଥ ଉପରେ ଅବସ୍ଥିତ ପୁଲିଆଙ୍କୁଲମ ସହରକୁ ଅଧିକାର ପାଇଁ ସିଂହଳୀ ସେନା ଅଗ୍ରସର ହେଉଥିବା ବେଳେ ପ୍ରବଳ ସଂଘର୍ଷ ଘଟି ୧୮ ତାଲିମ ଗେରିଲା ଓ ୧୭ ସୈନ୍ୟ ନିହତ।
- ଅଣୁବ୍ରତ ଆନ୍ଦୋଳନର ପ୍ରବର୍ତ୍ତକ ତଥା ଜୈନ ସାଧୁ ଗଣାଧିପତି ମୁନି ତୁଲସୀଙ୍କ ୮୩ ବର୍ଷ ବୟସରେ ପରଲୋକ।
- ଚେନ୍ନାଇସ୍ଥିତ ଆନ୍ନାରୋଡ ଟେଲିଫୋନ ଏକ୍ସଚେଞ୍ଜରେ ଭୟାବହ ଅଗ୍ନିକାଣ୍ଡ ଘଟି ୩୦ ହଜାର ଟେଲିଫୋନ ଲାଇନ ଭସ୍ମୀଭୂତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | 9 | | 2 | |
| | | | 3 | | | | | 4 |
| | 9 | 2 | | | | 5 | | |
| 8 | | 1 | 7 | | | | | |
| | 7 | 9 | | 3 | | | | 1 |
| 2 | | | | | | | 6 | |
| | | 3 | | | 7 | 4 | | |
| | 2 | 4 | | | | | | |
| 9 | | | | 6 | 3 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 6 | 1 | 2 | 3 | 5 | 4 | 8 |
| 3 | 8 | 4 | 7 | 5 | 6 | 9 | 2 | 1 |
| 2 | 1 | 5 | 4 | 8 | 9 | 7 | 6 | 3 |
| 5 | 6 | 9 | 8 | 3 | 1 | 2 | 7 | 4 |
| 7 | 3 | 2 | 6 | 9 | 4 | 1 | 8 | 5 |
| 1 | 4 | 8 | 2 | 7 | 5 | 6 | 3 | 9 |
| 8 | 9 | 3 | 5 | 6 | 2 | 4 | 1 | 7 |
| 4 | 2 | 7 | 9 | 1 | 8 | 3 | 5 | 6 |
| 6 | 5 | 1 | 3 | 4 | 7 | 8 | 9 | 2 |

ଗତକାଲିର ଉତ୍ତର

# ସାମ୍ପ୍ରତିକ ସୋସିଆଲ୍ ମିଡିଆ



ଡ. ମୌସୁମୀ ପରିଡ଼ା

ଆମେ ଯେଉଁ ସମାଜରେ ଆଜିକାଲି ବଞ୍ଚୁଛୁ ସେଠାରେ କୌଣସି କଥା ଆଉ ଗୋପନୀୟ ହୋଇ ରହିନାହିଁ। କୌଣସି ଘଟଣାର ସତ୍ୟାସତ୍ୟ ଉପରେ ପୂର୍ଣ୍ଣ ବିଶ୍ୱାସ କରିହେଉ ନାହିଁ। ସକାଳୁ ରାତିଯାଏ କୃତ୍ରିମତା ଭିତରେ ଛନ୍ଦି ହେଉଛନ୍ତି ସମସ୍ତେ। ଏହା ଏଭଳି ଏକ ପ୍ଲାଟ୍‌ଫର୍ମ ଯାହାଦ୍ୱାରା ବ୍ୟକ୍ତିର ମନକଥା ବିଜୁଳି ବେଗରେ ଜନସାଧାରଣଙ୍କ ପାଖରେ ପହଞ୍ଚ ପାରୁଛି। ସେଥିପାଇଁ ସୋସିଆଲ୍ ମିଡିଆ ଉପଭୋଗୀମାନେ ଜୀବନର ଅଧିକାଂଶ ଘଟଣାକୁ ସୋସିଆଲ୍ ମିଡିଆରେ ପୋଷ୍ଟ କରୁଛନ୍ତି। ସାଧାରଣ ଲୋକ ସେଥିରେ ନିଜ ମତ ବ୍ୟକ୍ତକରି ଖୁସି ହେଉଛି। ମତାମତ ଦେବାର ସରଳ ପ୍ରକ୍ରିୟାଟି ଲୋକମାନଙ୍କୁ ଅଯଥା ମନ୍ତବ୍ୟ ଦେବାକୁ ଉତ୍ସାହିତ କରୁଛି ଯାହା ସଭ୍ୟ ସମାଜ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ।

ସୋସିଆଲ୍ ମିଡିଆର ବହୁଳ ପ୍ରଚାର ପ୍ରସାର ସମାଜକୁ ଯାନ୍ତ୍ରିକ କରିବା ସହିତ ପରସ୍ପରର ଆବଶ୍ୟକତାକୁ ଗୌଣ କରିଦେଇଛି। ବ୍ୟକ୍ତି–ଜୀବନର ଗୋପନୀୟତା ସାମାଜିକ ହେଉଛି। ପାରିବାରିକ ସମ୍ପର୍କଠାରୁ ବୈବାହିକ ସମ୍ପର୍କ ପର୍ଯ୍ୟନ୍ତ ଅନିୟନ୍ତ୍ରିତ ଘଟଣାମାନ ସୋସିଆଲ୍ ମିଡିଆରେ ଖୁବ୍ ଭାଇରାଲ୍ ହେଉଛି। ସ୍ୱାମୀ ସ୍ତ୍ରୀଙ୍କ ଅବୁଝାମଣା ଆଉ ଚାରିକାନ୍ଥରେ ସୀମାବଦ୍ଧ ହୋଇ ନାହିଁ। ପରସ୍ପର ପ୍ରତି ଆକ୍ରୋଶମୂଳକ ମନ୍ତବ୍ୟ ଦେବାକୁ କେହି କୁଣ୍ଠାବୋଧ କରୁନାହିଁ। ସାଧାରଣ ଲୋକେ ମତାମତ ଦେବାବେଳେ କୌଣସି ଫିଲ୍‌ଟର ରହୁନାହିଁ। ମନ୍ତବ୍ୟ ବ୍ୟକ୍ତିଗତ ହେଉ ବା ଅଶାଳୀନ, ସମସ୍ତେ ପଢୁଛନ୍ତି। ଅନ୍ୟକୁ ନ ଜାଣି ତା’ ବିଷୟରେ ବିଷୋଦ୍‌ଗାର କରିବା ବା ଅରୁଚିକର ମନ୍ତବ୍ୟ ଦେବା ସୋସିଆଲ୍ ମିଡିଆରେ କେତେ ଶୋଭନୀୟ ଯାହାକୁ କୋମଳମତିପିଲାମାନେ ବିଭିନ୍ନ ସମୟରେ ଅନୁକରଣ କରନ୍ତି। ସେମାନେ ଏଥିରୁ କ’ଣ ଶିକ୍ଷା କରିବେ।

ବାକ୍‌ସ୍ୱାଧୀନତା ଓ ବିଚାରର ଏଭଳି ଅପମାନ ସୋସିଆଲ୍ ମିଡିଆରେ ହୋଇଆସୁଛି ତା’ ବିପକ୍ଷରେ କାହାର ସ୍ୱର ଉଠୁନାହିଁ! ଲୋକମାନେ ବ୍ୟକ୍ତିଗତ ମନ୍ତବ୍ୟ ଦ୍ୱାରା ଅନ୍ୟକୁ ଅପମାନିତ କରି ଖୁବ୍ ସନ୍ତୁଷ୍ଟ, ସେ ଯେ କେହି ହୁଅନ୍ତୁ ପରବାୟ ନାହିଁ! କୌଣସି ରାଜନେତା ହୁଅନ୍ତୁ କିମ୍ବା ଦେବଦେବୀ, ଫିଲ୍ମ ତାରକା ହୁଅନ୍ତୁ ବା ସାଧାରଣ ମଣିଷ; କାହାକୁ ବି ଲାଞ୍ଛିତ କରିବାକୁ ସୋସିଆଲ୍ ମିଡିଆ ବ୍ୟବହାରକାରୀମାନେ ପଛାଉନାହାନ୍ତି। ଆଜିକାଲି ପ୍ରାୟ ସମସ୍ତେ ସୋସିଆଲ୍ ମିଡିଆରେ ସକ୍ରିୟ। ଛଦ୍ମନାମରେ ପ୍ରୋଫାଇଲ୍ ବନେଇ ଅଶାଳୀନ ମନ୍ତବ୍ୟ ଦେବାର ପରିଲକ୍ଷିତ ହେଉଛି। ଅଧୁନାତନ ହେବାର ଆଗ୍ରହ ସେମାନଙ୍କୁ ଅନ୍ତର୍ଜଗତରୁ ବାହ୍ୟଜଗତ ଆଡ଼କୁ ଆକର୍ଷିତ କରିଛି।

ଏସବୁର ବହୁଳ ପ୍ରସାର ମଣିଷକୁ ଧୈର୍ଯ୍ୟହୀନ ଓ ବିଚାରଶୂନ୍ୟ କରିଦେଉଛି ଯାହାର ପ୍ରତିଫଳନ ଅଳ୍ପବହୁତେ ଅନୁଭୂତ। ସୋସିଆଲ୍ ମିଡିଆ ଦ୍ୱାରା ପ୍ରଚାର ପ୍ରସାର ହେଉଥିବାରୁ ଜନମତ ଦୃଷ୍ଟିରୁ ଘଟଣାର ଗୁରୁତ୍ୱ ରହିଥାଏ। ଏହାର ବ୍ୟବହାରକାରୀମାନେ ବାସ୍ତବତାକୁ ଅଣଦେଖା କରି ଆବେଗପ୍ରବଣତାରେ ଭାସିଯାଇ ମନ୍ତବ୍ୟ ରଖନ୍ତି। ଏକପାଖିଆ ମତାମତ ଭୁଲ୍ କଥା ଓ ଭୁଲ୍ ଲୋକକୁ ଉତ୍ସାହିତ କରିଥାଏ। ଅନେକ ସମୟରେ ଲୋକମାନେ ଆଇନକୁ ହାତକୁ ନେଇ ଭୁଲକୁ ଠିକ୍ ପ୍ରମାଣିତ କରିବାକୁ ଭୁଲ୍ କରିବସନ୍ତି। ଭାବପ୍ରବଣତାରେ କୌଣସି ନ୍ୟାୟ ହୋଇପାରେନା। ଲିଙ୍ଗ, ବର୍ଣ୍ଣ, ଜାତିଭେଦ ଅନୁସାରେ ଠିକ୍ ଭୁଲ୍‌ର ତର୍ଜମା ହୁଏ। କାରଣ ନ୍ୟାୟ ଏସବୁର ଉର୍ଦ୍ଧ୍ୱରେ। ସବୁବେଳେ ଦୁର୍ବଳ ମନେହେଉଥିବା ବର୍ଗ ଦୁର୍ବଳ ହୋଇ ନ ଥା’ନ୍ତି। ବରଂ ଆଇନ କାନୁନ୍‌ର ଦୁରୁପଯୋଗ କରି ନିଜକୁ ଠିକ୍ ଓ ପ୍ରତିପକ୍ଷକୁ ଭୁଲ୍ ପ୍ରମାଣିତ କରିବାରେ ସଫଳ ହୁଅନ୍ତି। ଏଭଳି ଲୋକେ ସବୁକାଳେ ଛଦ୍ମବେଶୀ। ସାଧାରଣ ଜନତାଙ୍କୁ ଭକୁଆ ବନେଇ ସମ୍ବେଦନା ଯୋଗାଡିବାରେ ଏମାନେ ମାହିର।



ସେ ଯେକୌଣସି ସମସ୍ୟା ହେଉ ସୋସିଆଲ୍ ମିଡିଆରେ ତା’ର ଚର୍ଚ୍ଚା ସର୍ବାଧିକ। ଯଦି ସମସ୍ୟା ବିବାହଜନିତ ବା ଛାଡ଼ପତ୍ରଜନିତ ତେବେ ଲୋକେ ତା’ର ମଜା ଉଠାଇ ଅରୁଚିକର ମନ୍ତବ୍ୟ ଦେବାରେ ତିଳେମାତ୍ର କୁଣ୍ଠାବୋଧ କରନ୍ତି ନାହିଁ। ଏକାନ୍ତ ବ୍ୟକ୍ତିଗତ କଥା ପଦାରେ ପଡ଼େ। ସ୍ୱାମୀ ସ୍ତ୍ରୀର ସମ୍ପର୍କକୁ ନେଇ ଅଶାଳୀନ ମନ୍ତବ୍ୟ ଦିଅନ୍ତି। ତେବେ ବି କ୍ଷାନ୍ତ ହୁଅନ୍ତିନି ନିଜ ବ୍ୟକ୍ତିଗତ କଥା ପୋଷ୍ଟ କରୁଥିବା ଆରୋପୀ ଓ ପ୍ରତ୍ୟାରୋପୀମାନେ। ଆକ୍ରୋଶମୂଳକ ଭାବେ ଜଣେ ଅନ୍ୟଜଣକର କୁତ୍ସାରଟନା କରି ଓଲଟା ନିଜେ ଅପମାନର ଶରବ୍ୟ ହୁଅନ୍ତି। କିଛି ଲୋକଙ୍କ ଦୟା, ସମ୍ବେଦନା ପାଇବାକୁ ସେମାନେ ନିଜର କ୍ଷତି କରିପକାନ୍ତି। ମାମଲା ଅଦାଲତଙ୍କ ବିଚାର ପରିସରଭୁକ୍ତ ଥିବାବେଳେ ଉଭୟପକ୍ଷ କିନ୍ତୁ ସୋସିଆଲ୍ ମିଡିଆରେ ପରସ୍ପରକୁ ଆରୋପ ପ୍ରତ୍ୟାରୋପ କରୁଥା’ନ୍ତି। ଏହାକୁ ପ୍ରଚାର ପ୍ରସାର କରି ନିଜ ଟିଆର୍‌ପି ବଢ଼ାଉଥିବା ଚ୍ୟାନେଲଗୁଡ଼ିକୁ ଭାବିବାକୁ ହେବ ଏହାଦ୍ୱାରା ସମାଜକୁ କିଭଳି ବାର୍ତ୍ତା ଯାଉଛି।

ଅନ୍ୟାୟର ପ୍ରତିବାଦ ନାମରେ ଅନ୍ୟକୁ ତଳିତଳାନ୍ତ କରିଦେଇପାରେ ସୋସିଆଲ୍ ମିଡିଆ। ଲୋକମାନେ ସାମୟିକ ଭାବେ ଘଟଣାର ଆମୂଳଚୂଳ ଆଲୋଚନା କରନ୍ତି, ଅନ୍ୟର ତାୱାରେ ନିଜ ରୁଟି ସେକିବା ପରି ସାମୟିକ ଖୁସି ପାଇଁ ଅଯୌକ୍ତିକ ମତଦାନ କରି ସନ୍ତୁଷ୍ଟ ହୁଅନ୍ତି। ଅନ୍ୟର ବିବଶତା ଦେଖି ନିଜକୁ କ୍ଷମତାଶାଳୀ ମନେକରେ। ସମାଜରେ ଘଟୁଥିବା ସବୁ ଘଟଣା ବିଶ୍ୱାସଯୋଗ୍ୟ ନୁହେଁ। କିଏ ଦୋଷୀ କିଏ ନିର୍ଦ୍ଦୋଷ ତାହା ଅଦାଲତଙ୍କ ବିଚାର ପରିସରଭୁକ୍ତ। ତା’ ପୂର୍ବରୁ ସୋସିଆଲ ମିଡିଆରେ ତର୍କବିତର୍କ କାହିଁକି! ସୋସିଆଲ୍ ମିଡିଆର ଦୁରୁପଯୋଗ ଓ ଏଥିରେ ଆସୁଥିବା ଅଶାଳୀନ ମତ ମନ୍ତବ୍ୟକୁ ରୋକାଯିବା ଉଚିତ। ବିଜ୍ଞାପନ ଦ୍ୱାରା ଯେକୌଣସି ଜିନିଷକୁ ଲୋକପ୍ରିୟ କରାଯାଇପାରିବ। କିନ୍ତୁ ତାହା ଭଲ କିମ୍ବା ଖରାପ ବ୍ୟବହାର କରୁଥିବା ଲୋକେ କିଛି ସମୟ ପରେ ଜାଣିପାରିବେ। କିଛି ଜିନିଷ, କଳା ଓ କିଛି ମଣିଷ ବିଜ୍ଞପିତ ହେବା ଜରୁରୀ କାରଣ ସମସ୍ତେ ସୋସିଆଲ୍ ମିଡିଆ ବ୍ୟବହାର କରନ୍ତି ନାହିଁ। କେହି କେହି ଆତ୍ମପ୍ରଚାର ଆତ୍ମପ୍ରସାର କରିପାରନ୍ତି ନାହିଁ।

ପ୍ରତିଟି ଜିନିଷର ଭଲ ଖରାପ ଦିଗ ରହିଛି। ଜୀବନର ପ୍ରତିଟି ଘଟଣା ପଡ଼ୋଶୀ କିମ୍ବା ଅଜ୍ଞାତ ଲୋକ ଜାଣିବା କେତେ ଜରୁରୀ, ମନରେ ପ୍ରଶ୍ନ ଉଠେ। ମୋବାଇଲ୍ ଯୋଗେ ହେଉଥିବା ପ୍ରତିଟି କଲ୍ ରେକର୍ଡର ଆଧାର କ’ଣ? ଏହା କ’ଣ ବ୍ୟକ୍ତି ସ୍ୱାଧୀନତା ଓ ଗୋପନୀୟତାରେ ଆଞ୍ଚ ଆଣୁ ନାହିଁ? ପ୍ରତିକଥାର ଅନେକ ଖିଅ ବାହାରିପାରେ। କଥାବାର୍ତ୍ତା କାହାର ନା କାହାର ବିପକ୍ଷରେ ହୋଇପାରେ କିନ୍ତୁ ତା’ର ରେକର୍ଡିଂ ବହୁ ସମୟରେ ସମ୍ପର୍କର ତିକ୍ତତା ବଢ଼ାଇବା ଛଡା ଆଉକିଛି କରିପାରେନାହିଁ। ଅବଶ୍ୟ ଏହାର ସୁପରିଣାମ ଅଛି। ସୋସିଆଲ୍ ମିଡିଆର ଉପକାରିତା ଆମ ବ୍ୟକ୍ତିତ୍ୱ ଉପରେ ନିର୍ଭର କରେ।

ଏଥିରୁ ଅନୁମେୟ ଆଜିକାର ସମାଜ କେତେ ବିଶୃଙ୍ଖଳିତ! ବ୍ୟକ୍ତିସ୍ୱାଧୀନତାରେ ଅଙ୍କୁଶ ନାହିଁ କିମ୍ବା ସୋସିଆଲ୍ ମିଡିଆରେ ଲଗାମ୍ ନାହିଁ। ନୀତିନିୟମ ଆଇନକାନୁନ ଲୋକମାନଙ୍କୁ ଆଗଭଳି ଭୟଭୀତ କି ପ୍ରଭାବିତ କରିପାରୁନାହିଁ। ନିଜ ସମ୍ମାନକୁ ଲୋକମାନଙ୍କ ହାତରେ ଦେଇଦେବା କେତେ ଦୂର ନ୍ୟାୟ ସଂଗତ, ଯଦିଓ ଜନସାଧାରଣ ବାସ୍ତବ ସମସ୍ୟା ଓ ବ୍ୟକ୍ତିକୁ ଠିକ୍‌ରେ ଜାଣନ୍ତି ନାହିଁ। ଏପରି ବିଶୃଙ୍ଖଳାକୁ ରୋକିବାକୁ କଠୋର ଆଇନ ପ୍ରଣୟନ କରାଯିବା ଉଚିତ।

**ମୋ: ୯୪୩୭୩୧୭୦୨୬**

# ପଥଭ୍ରଷ୍ଟଙ୍କ ପାଇଁ ପ୍ରଶ୍ନ



ଉମାଶଙ୍କର ପ୍ରସାଦ

୧୬୧୮ଟି ଭାଷାଭାଷୀ ଜନତା ଓ ୧୧ଟି ପ୍ରମୁଖ ବିଶ୍ୱଧର୍ମକୁ ନେଇ ତଥା ଏହି ଭିନ୍ନତା ଭିତରେ ସ୍ୱାଧୀନତାର ୭୫ବର୍ଷ ଭିତରେ ଆମେ ଅନ୍ତତଃ ଐକ୍ୟଭାବେ ନିଜର ଜୀବନ ନିର୍ବାହ କରିପାରିଛୁ। ମାତ୍ର ଦୁଃଖର ବିଷୟ ବର୍ତ୍ତମାନ ସମଗ୍ର ବିଶ୍ୱ ତଥା ଏ ଭାରତର ଭୂଖଣ୍ଡ ଅସରନ୍ତି, ଅମାପ, ଅସହିଷ୍ଣୁତାର ସମସ୍ୟାରେ ଥରହର। ବେଦନାସିକ୍ତ, ଯନ୍ତ୍ରଣାପ୍ରାପ୍ତ, ଅସୁରକ୍ଷିତ ଆଉ ବାଦବିବାଦରେ ବିଭେଦଗ୍ରସ୍ତ। ମନୁଷ୍ୟକୃତ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଅଞ୍ଚଳ, ଭାଷାରେ ପରିପୂର୍ଣ୍ଣ ଆମର ଏ ଦେଶ। ମାତ୍ର ଆଜି ଆର୍ଯ୍ୟ, ଅନାର୍ଯ୍ୟକୁ ନେଇ ବିଭାଜିତ। କ୍ଷୁଧା, ଅନାହାର, କୁପୋଷଣ, ପୁଷ୍ଟିକର ଖାଦ୍ୟାଭାବ କାରଣରୁ ମୃତ୍ୟୁ ଘଟୁଛି। ପ୍ରତି ୩୦ ଘଣ୍ଟାରେ ଜଣେ ଅରବପତି ସୃଷ୍ଟି ହେଉଥିବାବେଳେ ପ୍ରତି ୩୩ ଘଣ୍ଟାରେ ୧୨ ଲକ୍ଷ ଗରିବ ହେବାରେ ଲାଗିଛନ୍ତି। ନୀତି, ନୈତିକତା, ଦୟା, ଅନୁକମ୍ପା, ତ୍ୟାଗ, ସେବା ମନୋଭାବ ପ୍ରାୟ ସମସ୍ତଙ୍କ ହୃଦୟରୁ ଅପସରି ଯିବାରେ ଲାଗିଛି। ଜାତୀୟତାର ସଂଜ୍ଞା ଏବେ ବିପନ୍ନ। ଧର୍ମକୁ ନେଇ ଧର୍ମାନ୍ଧତା, ଜାତିକୁ ନେଇ ବାଛନ୍ଦ, ବର୍ଣ୍ଣକୁ ନେଇ ବିଭକ୍ତୀକରଣ, ଭାଷାକୁ ନେଇ ଆନ୍ଦୋଳନ। ଯୋଗ୍ୟତା ବଛାଯାଉଛି ପ୍ରିୟାପ୍ରୀତିରେ। ଆତ୍ମକୈନ୍ଦ୍ରିକ ମାନସିକତା ଯୋଗୁ ପରିବାର ଆଜି ନଷ୍ଟଭ୍ରଷ୍ଟ। ମୌଳିକତା ହରାଉଛି ଆଧ୍ୟାତ୍ମିକ ବିଜ୍ଞାନ। ବ୍ୟକ୍ତିଗତ ଚରିତ୍ର ବଦଳିଯାଉଛି ରୁଗ୍ଣ ମାନସିକତାରେ। ସ୍ୱାସ୍ଥ୍ୟସେବା ପହଞ୍ଚିପାରୁନି ଅଧାରୁ ଅଧିକ ସାଧାରଣ ଜନତାଙ୍କ ପାଖରେ।

କୃଷିଜୀବୀମାନେ ଏବେ ଦାଦନ ସାଜିଲେଣି। କଷ୍ଟ ଉପାର୍ଜିତ ମନୁଷ୍ୟମାନଙ୍କ ଶ୍ରମ ଟଙ୍କାରେ ଅଣୁ ଅସ୍ତ୍ରରେ ଖର୍ଚ୍ଚ ହେଉଛି ଏହି ଅର୍ବୁଦ ପରିମାଣର ଅର୍ଥ। ଶିକ୍ଷକ ଅଧ୍ୟାପକମାନେ ଘରୋଇ ପାଠଶାଳାରେ କାର୍ଯ୍ୟରତ। ଆଜି ମଣିଷଟିଏ ହେବା ପାଇଁ ମଣିଷ ଛୁଆ ବିମୁଖ। ବିଦେଶୀ ପୁଞ୍ଜି ଲାଗୁଛି ସ୍ୱଦେଶୀ ଅନୁଷ୍ଠାନରେ। ଡାକ୍ତର ଅଭାବରୁ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ। ଯନ୍ତ୍ରୀ ଆଜି ଠିକାଦାରଙ୍କ ପର୍ଯ୍ୟବେକ୍ଷକ। ଅନେକ ଜନପ୍ରତିନିଧି ଏବେ ଲକ୍ଷ୍ୟହୀନ, ଅପରାଧୀ, ଅଭିଯୁକ୍ତ, ଚରିତ୍ରହୀନ ତଥା ଲାଞ୍ଚଖୋର। ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୋଟିଏ ଯୋଜନା ମାତ୍ର ସମୟାନୁସାରେ ଗୋଟିଏ ପୂରଣ ହୁଏନା। ସାମ୍ୟବାଦ, ସମାଜବାଦ କଥା କହୁଥିବା ବ୍ୟକ୍ତି ଆଜି ଶିଥିଳ। ଗଣମାଧ୍ୟମ ବିଶେଷଭାବରେ ସାମାଜିକ ସମସ୍ୟାକୁ ନେଇ ଆଲୋଚନା, ପର୍ଯ୍ୟାଲୋଚନା କରିବା ପାଇଁ ନିରୁତ୍ସାହିତ ଅନେକ କାରଣରୁ, ଯାହା କହିବା ପାଇଁ ଲାଜ ଲାଗୁଛି। ଗଣତନ୍ତ୍ର ଗଣଚେତନାଠୁ ଅଲଗା। ଧର୍ମର ଦ୍ୱାହି ଦେଇ ଧର୍ମାନ୍ଧ ଗୁରୁମାନେ ନିଜର ବଡ଼ପଣିଆ ଜାହିର କରିବାରେ ବ୍ୟସ୍ତ। ଯେଉଁ ଯୁଦ୍ଧ କାଳକାଳକୁ ଶୁଭଙ୍କରୀ ନୁହେଁ ଆଜି ସେ ଯୁଦ୍ଧ ଘଟିଚାଲିଛି ନିଜର କ୍ଷମତା, ପ୍ରଭୁତ୍ୱ ଓ ବିସ୍ତାର ପ୍ରକ୍ରିୟାକୁ ନେଇ। ସବୁଦେଶ ନିଜର ସୁରକ୍ଷା ତଥା ପତିଆରା ପାଇଁ ଗୋଳାବାରୁଦ, କମାଣ, ଅଣୁ, ପରମାଣୁ ବୋମା ଏବଂ ଆହୁରି ଅଧିକ ଶକ୍ତିଶାଳୀ ଅସ୍ତ୍ର ପ୍ରସ୍ତୁତ କରିବାରେ ଲାଗିଛନ୍ତି। ଏଥିପାଇଁ କିଏ ଦାୟୀ? ଏ ପ୍ରଶ୍ନ ଉପରେ କେହି କେବେ ଆଲୋଚନା କରୁନାହାନ୍ତି। ଆଜିର ଆଣବିକ ଯୁଗରେ ନିରସ୍ତ୍ରୀକରଣ ଏକାନ୍ତ କାମ୍ୟ। ଏଥିପାଇଁ କୌଣସି ପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି ହେବା ଅର୍ଥ ମାନବଜାତିର ଧ୍ୱଂସକୁ ନିମନ୍ତ୍ରଣ କରିବା।

ସଭ୍ୟତାର ବିକାଶ ପୂର୍ବରୁ ଆଦିମାନବ ଯୁଦ୍ଧ କରୁଥିଲା ନିଜର ଖାଦ୍ୟ ପାଇଁ ମାତ୍ର ଆଜିର ବିକାଶଶୀଳ ସଭ୍ୟତାରେ ମଣିଷ ଯୁଦ୍ଧ କରୁଛି ସଭ୍ୟତା ତଥା ତା’ର କ୍ଷମତାର ବିସ୍ତାରପାଇଁ। ‘‘ଧର୍ମଂ ଶରଣଂ ଗଚ୍ଛାମି, ସଂଘମ୍ ଶରଣଂ ଗଚ୍ଛାମି’’ ଆଜି ମୂଲ୍ୟହୀନ। ତେବେ ସମାଜରେ କାହିଁକି ଏତେ ମତଭେଦ? ଗୋଟିଏ ଦୃଷ୍ଟି ହେଉଛି ମଣିଷପଣିଆ। ଏହା ସର୍ବଗ୍ରନ୍ଥର ମାନ୍ୟତା, ମହାନତା। ଏହା ଯଦି ସର୍ବମୟ କର୍ତ୍ତାଙ୍କ ବାଣୀ, ସବୁ ଧର୍ମର ମର୍ମ, ସବୁ ଶାସ୍ତ୍ରର ସମ୍ମତ ତେବେ ଏତେ ବୈଷମ୍ୟ କାହିଁକି? ସମାଜରେ କିଏ ସୃଷ୍ଟି କରୁଛି ଏ ଅରାଜକତା? ଏ ସମସ୍ୟାର କ’ଣ ସମାଧାନ ନାହିଁ? ଆଜି ପ୍ରତ୍ୟେକ ମାନବଜାତି କୁହନ୍ତୁ ମଣିଷକୁ ତା’ର ବାୟୁରେ ଅମ୍ଳଜାନ ଦରକାର ନା କୁବେର ସମ୍ପତ୍ତି ଦରକାର? ସ୍ୱାଧୀନ ଚେତନାରେ ରହିବା ଦରକାର ନା ମାଗିଖିଆ ହୋଇ ପର ଅଧୀନରେ ରହିବା ଦରକାର? ପୃଥିବୀକୁ ବଦଳାଇ ଦିଆଯାଉ ମାନବ ଧର୍ମରେ। ଗୋଟିଏ ଭାଷା ହେଉ ‘‘ବସୁଧୈବ କୁଟୁମ୍ବକମ୍’’। ମଣିଷକୁ ମଣିଷ ପରି ଗଢ଼ିବା ଲାଗି ପ୍ରକୃତ ମଣିଷ ତିଆରି କାରଖାନାର ସୃଷ୍ଟି ହେଉ। ପ୍ରତ୍ୟେକ ପ୍ରତ୍ୟେକଙ୍କ ଦୁଃଖ ଯନ୍ତ୍ରଣାକୁ ବାଣ୍ଟିନେଇ ସମାଜ ପାଇଁ କାମ କଲେ ହସିଉଠିବ ଏ ସମାଜ, ହସିଉଠିବ ଭାରତ ତଥା ବିଶ୍ୱ।

**ଖୋର୍ଦ୍ଧା, ମୋ–୬୩୭୦୬୭୫୫୬**

## ପାଠକ ଶ୍ରେଷ୍ଠ ବିଚାରକ

### କେନ୍ଦ୍ରୀୟ ଅବହେଳାର ନମୁନା

ମହାଶୟ,

ଓଡ଼ିଶାର ସୀମାନ୍ତ ଓ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାରେ ଏକମାତ୍ର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଛି। ଉପକୂଳ ଓଡ଼ିଶା, ପଶ୍ଚିମ ଓ ଉତ୍ତର ଓଡ଼ିଶାରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନାହିଁ। ରାଜ୍ୟର ସର୍ବବୃହତ ଓ ସର୍ବପୁରାତନ ଉତ୍କଳ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଘୋଷଣା କରିବାକୁ ରାଜ୍ୟ ସରକାର ଓ ବିରୋଧୀ ଦଳଙ୍କ ପକ୍ଷରୁ ଦାବି ହୋଇ ଆସୁଛି। ଏହି ଦାବି ପୂରଣ ହୋଇପାରି ନାହିଁ। ଏହାଛଡ଼ା କୋରାପୁଟର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅବହେଳିତ। ଭାରତର ଅନ୍ୟସବୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିର ଉନ୍ନତି ପାଇଁ ଯଥେଷ୍ଟ ଧ୍ୟାନ ଦିଆଯାଉଥିବା ବେଳେ ଓଡ଼ିଶାର ଏକମାତ୍ର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ମଧ୍ୟରୁ ଅନେକ ଖାଲି ପଡ଼ିଛି। ଏଗୁଡ଼ିକ ପୂରଣ ହେଉ ନାହିଁ। ପାଖାପାଖି ୬୦ଜଣ ଅତିଥି ଅଧ୍ୟାପକଙ୍କୁ ନେଇ ପାଠପଢ଼ା ହେଉଛି। ଏହା କେନ୍ଦ୍ରୀୟ ଅବହେଳାର ଆଉ ଏକ ନମୁନା।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

### ଚିରନ୍ତନୀ

ଏହି ବାଟେ ଚଳିଯାଏଁ ନିତି ମନ ଉଦାସେ
ନିରେଖଇଁ ନିତି ଏହି ପରିଚିତ ଆବାସେ
ବାତାୟନ ପାଶେ ପାଶେ ଆଖି ବୁଲେ ତୃଷିତ
ଦେଖିବାକୁ ଲାଜେ ଭୟେ କେଉଁ ରୂପ ଅବା ସେ!
–(ପଥର ପ୍ରେମିକ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଥାନା ଅଧିକାରୀଙ୍କୁ ଭେଟିଲେ ଅଫିସର ସଂଘ କର୍ମକର୍ତ୍ତା



ବଁଅରପାଳ, ୨୩।୬ (ଡି.ଏନ.ଏ.): ନାଲ୍‌କୋନଗର ଥାନାରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଆଇଆଇସି ଦିଲୀପ ଲାକ୍ରାଙ୍କୁ ନାଲ୍‌କୋ ଅଫିସର୍ ସଂଘର କର୍ମକର୍ତ୍ତାବୃନ୍ଦ ଗୁରୁବାର ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ନାଲ୍‌କୋନଗର ଟାଉନଶିପ ଭିତରେ କୌଣସି ପ୍ରକାର ବିଶୃଙ୍ଖଳା, ବାହାର ଲୋକଙ୍କ ଅବାଧ ଗମନାଗମନ ଯୋଗୁ ହେଉଥିବା ଚୋରି, ମୋବାଇଲ, ସୁନାଚେନ୍ ଛଡେଇ ନେବା ଆଦି ଉପରେ ଧାନ ଦେବାକୁ କର୍ମକର୍ତ୍ତାବୃନ୍ଦ ଅନୁରୋଧ କରିଥିଲେ। ସିପିପି ରୋଡରେ ପାଟ୍ରୋଲିଂ ସହ ଛାତ୍ରୀଛାତ୍ର ତଥା ନାଲ୍‌କୋ କର୍ମଚାରୀଙ୍କ ନିରାପଦ ଯାତାୟାତ ପାଇଁ ପୁନର୍ବାର ମେନ୍ ଗେଟ୍ ଟ୍ରାଫିକ ବ୍ୟବସ୍ଥା ଚାଲୁ କରିବାକୁ ମଧ ସଂଘ ତରଫରୁ ଅନୁରୋଧ କରାଯାଇଥିଲା। ଆଇଆଇସି ଲାକ୍ରା ନିୟମିତ ପୋଲିସ ପାଟ୍ରୋଲିଂ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସଂଘ ସଭାପତି ପ୍ରସନ୍ନ କୁମାର ମଲ୍ଲିକ, ସାଧାରଣ ସମ୍ପାଦକ ନଳିନୀକାନ୍ତ ପଣ୍ଡାଙ୍କ ସମେତ କିଶୋର ବେହେରା, ଅଶୋକ ମୁଦୁଲି, ଗୌତମ ନାୟକ, ପୀୟୂଷ ରଞ୍ଜନ ପତି, ରାହୁଲ କ୍ରିଷ୍ଟା ଓ ଦୀପକ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଅପରାହ୍ନ ୨ଟା ୩୦ରେ ରଥଟଣା

**ଅନୁଗୋଳ ଅଫିସ,୨୩।୬**

ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ଆସନ୍ତା ୧ ତାରିଖରେ ଶ୍ରୀଜୀଉଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ଗୁରୁବାର ରଥଯାତ୍ରାର ସୁପରିଚାଳନା ନିମନ୍ତେ ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟାଳୟ କୋର୍ଟରୁମଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଗୁଣ୍ଡିଚା ଓ ବାହୁଡା ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ମନ୍ଦିର ପରିଚାଳନା କମିଟି ସମ୍ପାଦକ ହେମନ୍ତ କୁମାର ଦାସ ପରିଚାଳନା କରିଥିଲେ। ଆସନ୍ତା ୨୬ ତାରିଖ ସୁଦ୍ଧା ରଥ ନିର୍ମାଣ କାମ ଶେଷ କରିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ରାଜପଥର ଉଭୟ ପାର୍ଶ୍ୱ




ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ରାସ୍ତା ମରାମତି, ଶୁଖିଲା ଗଛ ଡାଳ କାଟିବା, ଅସ୍ଥାୟୀ ଦୋକାନ ଗୃହ ସ୍ଥାନାନ୍ତର ରଥ ଯାତ୍ରା ପୂର୍ବରୁ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ରଥଟଣା କାର୍ଯ୍ୟକୁ ଶୃଙ୍ଖଳିତ କରିବାକୁ ଅତିରିକ୍ତ ଜିଲାପାଳ, ଜିଲା ଗ୍ରାମ୍ୟ

### ଶୈଳଶ୍ରୀକ୍ଷେତ୍ରରେ ପ୍ରସ୍ତୁତି ବୈଠକ

ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ୩ ରଥ ଟଣା ଦାୟିତ୍ୱ ପ୍ରଦାନ କରାଯାଇଛି। ଚଳିତ ବର୍ଷ ସକାଳ ୯ଟାରୁ ପହଣ୍ଡି ବିଜେ, ଅପରାହ୍ନ ୧୨ଟାରେ ଛେରା ପହଁରା ଓ ଅପରାହ୍ନ ୨ଟା ୩୦ରେ ରଥଟଣା କାର୍ଯ୍ୟ ହେବ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ତ୍ରିଲୋଚନ ପ୍ରଧାନ, ଅନୁଗୋଳ ପୌରପାଳିକା ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ମନ୍ଦିର ପରିଚାଳନା କମିଟି ସଦସ୍ୟ ପରମାନନ୍ଦ ମିଶ୍ର, ଭବାନୀ ପ୍ରସାଦ ମିଶ୍ର, ଆନନ୍ଦ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ସ୍ମୃତିଚାରଣ ସଭାରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସ୍ମୃତିଚାରଣ

**ଅନୁଗୋଳ ଅଫିସ, ୨୩।୬**

ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଜିଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି ଯୋଗଦେଇ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଭଳି ରାଷ୍ଟ୍ରବାଦୀ ବ୍ୟକ୍ତିଙ୍କ ପାଇଁ ଭାରତୀୟ ଜନତା ପାର୍ଟି ଗଠନ ହୋଇପାରିଛି ବୋଲି କହିଥିଲେ। ତାଙ୍କର ନୀତି ଆଦର୍ଶକୁ ନେଇ ଭାଜପା ଏବେ ଦେଶରେ ସବୁ ଯୋଜନା ପ୍ରସ୍ତୁତ କରୁଛି ବୋଲି ମୁଖ୍ୟ ଅତିଥି ପାଣି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ପ୍ରତିମା ମିଶ୍ର, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ବରିଷ୍ଠ ନେତା ଦିଲୀପ କୁମାର ପ୍ରଧାନ ଓ ଦିଲୀପ ଦାସ, ବସନ୍ତ ମଞ୍ଜରୀ ପ୍ରଧାନ, ବିଶ୍ୱଜିତ ମିଶ୍ର, ରୋଜାଲିନ ଦାସ, ରାଜେଶ ଜିନ୍ଦଲ, ଚନ୍ଦ୍ରକାନ୍ତ ଧଳ, ସମୀର ପରିଡାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବ୍ୟବସାୟିକ ପ୍ରତିଷ୍ଠାନରେ ଯାଞ୍ଚ

**ଆଠମଲ୍ଲିକ/ ବଇଣ୍ଡା,୨୩।୬(ଡି.ଏନ.ଏ.)**

ମାଜିଷ୍ଟ୍ରେଟ ଓ ପୋଲିସ ପକ୍ଷରୁ ମିଳିତ ଭାବେ ଗଠନ କରାଯାଇଥିବା ଏକ ଟିମ୍ ଗୁରୁବାର ଆଠମଲ୍ଲିକର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ାଉ କରିଥିବା ଜଣାପଡିଛି। ତହସିଲଦାର ସୋଫି ସାଇନିକାଙ୍କ ନେତୃତ୍ୱରେ ଏହି ଟିମ୍‌ରେ ଅତିରିକ୍ତ ତହସିଲଦାର ଅଶୋକ କୁମାର ଦେହୁରୀ, ଏସିଏସ୍‌ଓ ଶିବାଶିଷ ଜେନା, ଅବକାରୀ ଅଧିକାରୀ ବଳବୀର ଗଡ଼ନାୟକ, ମୁକ୍ତିନନ୍ଦା ଶତପଥୀ ଓ ପୋଲିସ ଅଧିକାରୀ ସାମିଲ ଥିଲେ। ଚଢ଼ାଉ ସମୟରେ ଠାକୁରଗଡ଼ ଥାନା କଳାପାଟନାଳୀ ଗ୍ରାମର ପ୍ରସନ୍ନ କୁମାର ବେହେରା ବେଆଇନ ଭାବରେ ୧୦ଟି ଗ୍ୟାସ ଭର୍ତ୍ତି ସିଲିଣ୍ଡର ଓ ୧୫ଟି ଖାଲି ସିଲିଣ୍ଡର ରଖିଥିବା ଦେଖିବାକୁ ପାଇଥିଲେ। ୨୫ଟି ସିଲିଣ୍ଡର ରଖିଥିବା ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଗ୍ୟାସ୍ ସିଲିଣ୍ଡରଗୁଡ଼ିକ ଜବତ କରାଯାଇଥିଲା। ଏଥିସହ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ଠାକୁରଗଡ଼ ଥାନାରେ ଏତଲା ଦିଆଯାଇଥିଲା। ଠାକୁରଗଡ଼ ଥାନା ଅଧିକାରୀ ପୀତାମ୍ବର ମଲ୍ଲିକ ନମ୍ବର ୧୫୬/୨ରେ ମାମଲା ରୁଜୁ କରି ପ୍ରସନ୍ନ କୁମାର ବେହେରାଙ୍କୁ ଅଟକ ରଖି ପଚରାଉଚୁରା କରୁଛନ୍ତି। ଏହି ଚଢ଼ାଉ ଟିମ୍ ଆଠମଲ୍ଲିକ, କିଆକଟା ଓ ଠାକୁରଗଡ଼ ଥାନା ଅଞ୍ଚଳର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଚଢ଼ାଉ କରିଥିବା ତହସିଲଦାର ସୋଫି ସାଇନିକା ପ୍ରକାଶ କରିଛନ୍ତି।




ସ୍ୱତନ୍ତ୍ର ଟିମ୍ ଏକ ବ୍ୟବସାୟିକ ପ୍ରତିଷ୍ଠାନରେ ଯାଞ୍ଚ କରୁଛନ୍ତି।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଷ୍ଟାଫ୍ ପ୍ରଶିକ୍ଷଣ କେନ୍ଦ୍ର
୧୬/ଏ, ଜାଗମରା, ଭୁବନେଶ୍ୱର-୭୫୧୦୩୦,
ଫୋନ ନଂ.: ୦୬୭୪-୨୩୫୩୧୦୯/୧୧୦/୧୧୧

**ଟେଣ୍ଡର ନୋଟିସ୍ ଆହ୍ୱାନ**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏକ ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏହାର ଷ୍ଟାଫ୍ ପ୍ରଶିକ୍ଷଣ କେନ୍ଦ୍ର, ସା:୧୬/ଏ, ଜାଗମରା, ଭୁବନେଶ୍ୱର ପାଇଁ କ୍ୟାଣ୍ଟିନ୍ କଣ୍ଟ୍ରାକ୍ଟର ନିମନ୍ତେ ଟେଣ୍ଡର ଆହ୍ୱାନ କରୁଅଛି। ଇଚ୍ଛୁକ କଣ୍ଟ୍ରାକ୍ଟିଙ୍ଗ୍ ଏଜେନ୍ସି ତା୨୨.୦୬.୨୦୨୨ ରୁ ୧୨.୦୭.୨୦୨୨ ରିଖ ମଧ୍ୟରେ ବ୍ୟାଙ୍କର ୱେବସାଇଟ୍ www.unionbankofindia.com ଏବଂ ସରକାରୀ ୱେବସାଇଟ୍ www.eprocure.gov.in ଦେଖିପାରିବେ।

ସ୍ଥାନ: ଭୁବନେଶ୍ୱର
ତାରିଖ : ୨୨.୦୬.୨୦୨୨

ମୁଖ୍ୟ ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,
ଷ୍ଟାଫ୍ ପ୍ରଶିକ୍ଷଣ କେନ୍ଦ୍ର

# ଆବର୍ଜନା ପାଣି ଯୋଗୁ ବ୍ୟବସାୟୀ ହଇରାଣ

**ବଁଅରପାଳ,୨୩।୬(ଡି.ଏନ.ଏ.):**

ନାଲ୍‌କୋ ସିପିପି ବଜାରରୁ ବର୍ଷା ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ବ୍ୟବସାୟୀମାନେ ସମ୍ମୁଖୀନ ହୋଇଛନ୍ତି। ସିପିପି ପ୍ଲାଣ୍ଟ ଫାଟକ ଭିତରୁ ଆବର୍ଜନା ପାଣି ଆସି ବଜାରରେ ମିଶିବାରୁ ରାସ୍ତାଘାଟ ଜଳମଗ୍ନ ହେବା ସହ ଦୋକାନରେ ପାଣି ପଶି ଯାଇଥିଲା। ଫଳରେ କେତେଜଣ ବ୍ୟବସାୟୀଙ୍କ ଜିନିଷପତ୍ର ନଷ୍ଟ ହୋଇଥିଲା। ଏହି ପାଣି ୫୫ନଂ. ଜାତୀୟ ରାଜପଥରେ ଜମା ହେବାସହ ରାସ୍ତାପାର୍ଶ୍ୱରେ ଥିବା ଡ୍ରେନରେ ମିଶିଥିଲା। ଡ୍ରେନର ପାଣି ଉଚ୍ଛୁଳି ରାସ୍ତାରେ ଆବର୍ଜନା ପାଣି ଜମି ରହିଥିଲା। ଏଥିଯୋଗୁ ବଜାରବାସୀ ଓ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ବଜାରରେ ୫୦ ଦୋକାନ ରହିଥିବାବେଳେ ଗୋଟିଏ ବସ୍‌ଷ୍ଟାଣ୍ଡ ରହିଛି।



ବଜାରରେ ପଶିଥିବା ଆବର୍ଜନା ପାଣି।

**MILK UNION SAMBALPUR**
**VEHICLE REQUIRED ON HIRE**
TATA ACE or similar type of vehicle required on hire for Jharbandh to Nuapada Milk route running covering 105 K.M. only morning shift.
Interested Parties may purchase and submit Tenders by **08.07.2022**,
Tender Paper Cost- **Rs. 200/- + GST, EMD- Rs. 2,000/-**

**PARADIP PORT AUTHORITY**
**e-TENDER CALL NOTICE**
**TD/TM/GEN-225(Vol-IV)/22/1094 dtd. 07.06.2022**
Name of the work :- **" Allotment of 07 (Seven) nos. of Manual Iron Ore/Iron Ore Pellet Plots".**
License Fees : **Rs.2,36,09,322/- .**
Wharfage Fees : **Rs.6,83,484/-**
Last date & time of submission of bid : **28.06.2022 up to 16:00 hrs.**
Date and time of opening (technical bid): **28.06.2022 up to 16:00 hrs.**
Refer our website for details : **https://eprocure.gov.in/eprocure/app.**
**Traffic Manager**
**Paradip Port Authority**
PPA/PR/166/22-23, Dtd.23.06.2022

See Career Appointment on every Wednesday & Saturday

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-898 OSIC GST No. 21AAACO2101M1Z1

**TENDER CALL NOTICE**

**Tender Notice No.2644/RE/OSIC** **Dt.23.06.2022**

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC **for the works** i.e. **1. a)** Shifting of electrical poles for the work "Construction and maintenance of Sardhapur to Sinapali road under MMSY in the District of Nabarangpur" **b)** Shifting of electrical poles for the work "Construction and maintenance of Dhodipani to Phatamunda via Haridapada road under MMSY in the District of Nabarangpur" **c)** Shifting of electrical poles for the work "Construction and maintenance of Bandhakona to Bilijharan road under MMSY in the District of Nabarangpur". Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website **www.osicltd.in** only.

OIPR-14073/11/0033/2223 **Sd/-GENERAL MANAGER(O)**

# ଉପଖଣ୍ଡର ବିକାଶ ଉପରେ ଗୁରୁତ୍ୱ

**ବଇଣ୍ଡା,୨୩।୬(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା କଲ୍ୟାଣ ମଣ୍ଡପ ପରିସରରେ ଗୁରୁବାର ଆମ ଗାଁ ଆମ ବିଚାର ପକ୍ଷରୁ ଆଠମଲ୍ଲିକ ଉପଖଣ୍ଡ ବିକାଶ ଏକ ମାନସ ମନ୍ଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କୀର୍ତ୍ତି ଭୂଷଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପରିଷଦ ସଭାପତି ବବିତା ପ୍ରଧାନ, ସାମାଜିକ କର୍ମୀ ମନୋଜ କୁମାର ମହାପାତ୍ର, ରଣଜିତ ପଟ୍ଟନାୟକ, ବଇଣ୍ଡା କଲେଜ ଅଧ୍ୟକ୍ଷ ସିଦ୍ଧାର୍ଥ ପଣ୍ଡା, କିଶୋରନଗର ଡିଗ୍ରୀ କଲେଜ ଅଧ୍ୟକ୍ଷ ଅକ୍ଷୟ ଦାସ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଅବସରପ୍ରାପ୍ତ ପ୍ରଫେସର ନନ୍ଦକିଶୋର ମହାକୁଡ, ଶିକ୍ଷାବିତ ରଞ୍ଜୁହାସିନୀ ସାହୁ, କୀର୍ତ୍ତନ ବିହାରୀ ପ୍ରଧାନ, ଆଇନଜୀବୀ ବନ୍ଦିତା ପ୍ରଧାନ, ପ୍ରତାପ ପ୍ରଧାନ, କାଳନ୍ଦୀ ଚରଣ ପ୍ରଧାନ, ଜୟକୃଷ୍ଣ ପ୍ରଧାନ, ପ୍ରବୀଣ ସାହୁ, ଗୌରଚନ୍ଦ୍ର ସାହୁ, ପରିକ୍ଷିତ ସାହୁ, ବିଶ୍ୱଜିତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ କହିଥିଲେ, ଏହି ଅଞ୍ଚଳର ପିଲାଙ୍କ ପାଇଁ ଆଠମଲ୍ଲିକ ଉପଖଣ୍ଡ ସାରା ଦେଶରେ ପରିଚିତ। ତଥାପି ଆଠମଲ୍ଲିକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

ଅବହେଳିତ ହୋଇ ରହିଛି। ଉପଖଣ୍ଡର ୬୨ଟି ଝରଣା ଥିଲେ ମଧ ଧଉରାଗୋଠ, ସୁରେଶ୍ୱରୀ ଭଳି ଅନେକ ଜଳସେଚନ ପ୍ରକଳ୍ପ ହୋଇପାରୁନାହିଁ। ଉପଖଣ୍ଡରେ ବହୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ମିଳିପାରି ନାହିଁ। ସେମାନେ କିଭଳି ନିଜେ ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ଏଥିସହ ଯୁବପିଢ଼ିଙ୍କୁ ସମାଜ ସେବା କ୍ଷେତ୍ରରେ ନିୟୋଜିତ କରିବା ସହ ଆଠମଲ୍ଲିକ ଉପଖଣ୍ଡର ବିକାଶ ଉପରେ ଗୁରୁତ୍ୱ ଦିଆଯାଉ ବୋଲି ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଥିଲା।

### ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଭଣ୍ଡାରିପୋଖରୀ, ୨୩।୬ (ସ୍ୱ.ପ୍ର.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ମାଳଦା କଲ୍ୟାଣପୁର ଗ୍ରାମର ବାବୁ ବୈଷ୍ଣବ ନାମକ ଯୁବକଙ୍କ ସଡ଼କ ଦୁର୍ଘଟଣାରେ ଗୁରୁବାର ମୃତ୍ୟୁ ଘଟିଛି। ବାବୁ ଡ୍ରାଇଭର ଥିଲେ। ବୁଧବାର ରାତିରେ ବର ଗାଡ଼ି ନେଇ ଯାଜପୁର ଅଞ୍ଚଳକୁ ଯାଇଥିଲେ। ସେଠାରେ ଛାଡ଼ି ସାରିବା ପରେ କୌଣସି କାର୍ଯ୍ୟରେ ବାଇକ୍‌ରେ ଆସୁଥିବା ବେଳେ ଯାଜପୁରର କପାସିଠାରେ ଏକ ସାଇକେଲ ଆରୋହୀଙ୍କୁ ଧକ୍କା ଦେଇ ତଳେ ପଡ଼ିଯାଇଥିଲେ।

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
E_Mail ID : serwcbaripada@gmail.com Ph-No-06792-261343/261344 Gangraj, Baripada
No.O-523: Office Order No.2172/Dt.21.06.2022
**1st Corrigendum to National Competitive Bidding e_Procurement Notice No-1969/ Bridge work dt.13.06.2022.**
Due to unavoidable technical reason the important dates of tendering process for Bridge work are being changed as follows.

| Procurement Officer | Bid Identification No. | Availability of tender On-line for bidding | | | | Last date & Time of seeking Tender Clarification | | Date & Time of Opening of Tender in O/O. C.C.E.,R.W. Circle, Baripada | | |
|---|---|---|---|---|---|---|---|---|---|---|
| | | From | | To | | | | Technical Bid | | Financial Bid |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| | | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | |
| Chief Construction Engineer, Rural Works Circle, Baripada | Bridge Online N.C.B. No.232 | Dt.20.06.2022 at 11.00 AM | Dt.05.07.2022 at 11.00 AM | Dt.05.07.2022 upto 5.00 PM | Dt.20.07.2022 upto 5.00 PM | Dt.04.07.2022 upto 5.00 PM | Dt.19.07.2022 upto 5.00 PM | Dt. 06.07.2022 at 11.00 AM | Dt. 21.07.2022 at 11.00 AM | Will be Intimated Later |

All other terms and conditions are remain unchanged.

Sd/ Er. N.V.H Rao.
Chief Construction Engineer, R.W. Circle, Baripada
OIPR-25181/11/0026/2223

ଓଡ଼ିଶା ସରକାର
**ପ୍ରାଣୀ ସମ୍ପଦ ବିକାଶ ବିଭାଗ**
**କାର୍ଯ୍ୟାଳୟ:ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗଞ୍ଜାମ, ବ୍ରହ୍ମପୁର**

କ୍ଷୁଦ୍ର ଟେଣ୍ଡର ବିଜ୍ଞାପନ ସଂଖ୍ୟା-IV/3/2022/୪୮୦୪ ତାରିଖ-୨୧.୦୬.୨୦୨୨

**No.M-18:**ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗଞ୍ଜାମ, ବ୍ରହ୍ମପୁର, ଗଞ୍ଜାମ ଜିଲ୍ଲାର ୫ ଗୋଟି ବ୍ଲକରେ (ବେଗୁନିଆପଡା/ପୋଲସରା/ସାନଖେମୁଣ୍ଡି/ପାତ୍ରପୁର/ଦିଗପହଣ୍ଡି) ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ନିମନ୍ତେ (ପ୍ରତି ବ୍ଲକ ପିଛା ଏକ ଗୋଟି) ବିନା-ଶୀତତାପ ନିୟନ୍ତ୍ରିତ ଟିୟୁଭି ୩୦୦ (TUV 300) ବୋଲେରୋ (Bolero)/ ସୁମୋ ଗୋଲ୍ଡ (Sumo Gold)/ ଏର୍ଟିଗା (Ertiga) ଜିପ ଗଠନ ଢଙ୍ଗ ଡିଜେଲ/ପେଟ୍ରୋଲ ପରିଚାଳିତ ଯାନ (ଯାହାକି ସଂଲଗ୍ନକ-ଆଇଆଇ ପ୍ରକାରେ ସର୍ତ୍ତ ଓ ନିୟମାବଳୀ ଗୁଡିକୁ ଦୃଢୀଭୂତ କରୁଥିବ) ମାସିକ ଭଡା ସୂତ୍ରରେ ଯୋଗାଇଦେବା ସକାଶେ ଆଗ୍ରହୀ ପଞ୍ଜୀକୃତ ଭ୍ରମଣ କରାଇବା ସଂସ୍ଥା (Travel Agency)/ ଭ୍ରମଣ ସଂଚାଳକ (Tour Operators) ଓ ବେସରକାରୀ ବ୍ୟକ୍ତି ବିଶେଷ (Private Individuals) ଙ୍କ ଠାରୁ ମୁଦଦିଆ ଦରଖାସ୍ତ ଆହ୍ୱାନ କରିଛନ୍ତି । ଟେଣ୍ଡର ବିଜ୍ଞାପନର ସବିଶେଷ ବିବରଣୀ ଓଡିଶା ସରକାରୀ ୱେବସାଇଟ (www.ganjam.nic.in)ରୁ କିମ୍ବା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗଞ୍ଜାମ, ବ୍ରହ୍ମପୁରଙ୍କ କାର୍ଯ୍ୟାଳୟରୁ ପାଇପାରିବେ । ଟେଣ୍ଡର ଦରଖାସ୍ତ ଗ୍ରହଣର ଶେଷ ତାରିଖ- ତା.୨୬.୦୭.୨୦୨୨ ରିଖ ଅପରାହ୍ନ ୫ ଘଟିକା ।

ସ୍ୱା./- ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ
ଗଞ୍ଜାମ, ବ୍ରହ୍ମପୁର
OIPR-06032/11/0004/2223

**ତହସିଲଦାରଙ୍କ କାର୍ଯ୍ୟାଳୟ, ଉଲୁଣ୍ଡା**
**ବିଜ୍ଞାପନ ସଂଖ୍ୟା-1391, ତାରିଖ 20.06.2022**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ତହସିଲ ଅଧୀନସ୍ଥ ନିମ୍ନୋକ୍ତ ଲଘୁ ଖଣିଜ (ବାଲି ଉତ୍ସ) କୁ ଆସନ୍ତା ୫ (ପାଞ୍ଚ) ବର୍ଷ ପାଇଁ ଅର୍ଥାତ୍ ୨୦୨୨-୨୩ ଆର୍ଥିକ ବର୍ଷଠାରୁ ୨୦୨୬-୨୭ ପର୍ଯ୍ୟନ୍ତ ଲିଜ୍ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC (Ammendment Rule 2016 ରେ Form-M ପୂରଣ କରି ଏହାର ତିନି କପି ସହିତ ୧୦୦୦ (ଏକହଜାର) ଟଙ୍କାର ଟ୍ରେଜେରି ଚାଲାଣ ଆବେଦନ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା, ମାଇନିଙ୍ଗ ଦେୟ ବାକି ନ ଥିବା ଏକ ସତ୍ୟପାଠ, ସଲ୍‌ଭେନ୍‌ସି ସାର୍ଟିଫିକେଟ, Income Tax Clearance/ IT returnର ନକଲ, ଅନ୍ୟାନ୍ୟ ଦକ୍ଷତା, ଜ୍ଞାନ ଇତ୍ୟାଦିର ସାର୍ଟିଫିକେଟ ସଂଲଗ୍ନ କରି (Sealed Cover) ରେ ଆବେଦନ କରିବେ, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା.୦୫.୦୭.୨୦୨୨ ରିଖ ଅପରାହ୍ନ ଘ.୩.୦୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ୍ ବକ୍ସରେ ପକାଇବେ ଏବଂ ସେହିଦିନ ଘ.୩.୩୦ ମି. ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯିବ । ଯେଉଁ ସଇରାତ ଉତ୍ସ ପ୍ରଥମ ଦିନ ଚୂଡାନ୍ତ ହୋଇପାରିବ ନାହିଁ, ସେହି ଉତ୍ସ ପାଇଁ ଦ୍ୱିତୀୟଥର ତା.୧୨.୦୭.୨୦୨୨ ରିଖ ଅପରାହ୍ନ ଘ.୩.୦୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ୍ ବକ୍ସରେ ପକାଇବେ ଏବଂ ସେହିଦିନ ଘ.୩.୩୦ ମି. ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯିବ । ଯେଉଁ ସଇରାତ ଉତ୍ସ ଦ୍ୱିତୀୟ ଦିନ ଚୂଡାନ୍ତ ହୋଇପାରିବ ନାହିଁ, ସେହି ଉତ୍ସ ପାଇଁ ତୃତୀୟ ଥର ତା.୧୯.୦୭.୨୦୨୨ ରିଖ ଅପରାହ୍ନ ଘ.୩.୦୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ୍ ବକ୍ସରେ ପକାଇବେ ଏବଂ ସେହିଦିନ ଘ.୩.୩୦ ମି. ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯିବ । ସର୍ତ୍ତାବଳୀ ଓ ସବିଶେଷ ବିବରଣୀ www.subarnapur.nic.in ରେ କିମ୍ବା ଉଲୁଣ୍ଡା ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଉପଲବ୍ଧ ଅଟେ ।

**ସଇରାତର ବିବରଣୀ**

୧.ବ୍ରାହ୍ମଣୀପାଲି ବାଲି ଉତ୍ସ ୨୦୨୨-୨୩ ରୁ ୨୦୨୬-୨୭ (ପାଞ୍ଚ)ବର୍ଷ

ସ୍ୱା./- ତହସିଲଦାର, ଉଲୁଣ୍ଡା

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-905 OSIC GST No. 21AAACO2101M1Z1

**e-Procurement Notice for Building works**

**Tender Notice No.2645** **Date: 23.06.2022**
**Identification No. On line Building OSIC/Constn./2022-2023/005**

**(A)**1.Name of the work
i) Construction of boundary wall of "Odisha Rajya Talgur Samabaya Sangha ltd. at Bahugram,Cuttack. ii) Construction of Boundary Wall of "Odisha Rajya Talgur Samabaya Sangha Ltd at Bhairpur, Cuttack.iii) Proposed Construction work of MD Quarter & Transit House at Talaguda office complex, Gandamunda, Bhubaneswar.
iv) Proposed Construction work for District office Building at Chheligada, Gajapati. v) Proposed Construction work of 2BHK Staff quarter building at Talaguda office complex, Gandamunda, Bhubaneswar.
2.Total No of works : 05 Nos.
3. Estimated cost :
i) **Rs.31,93,955/-(approx), ii)Rs.13,53,409/-(approx)**
iii)**Rs.80,27,034/-(approx)** iv)**Rs.52,58,657/-(approx)**
v) **Rs.96,56,591/-(approx)**
4.Class of Contractor:
i)C & B Class as per illegibility criteria online. ii)D & C Class as per illegibility criteria online. iii)B & A Class as per illegibility criteria online. iv)B & A Class as per illegibility criteria onlinev)B& A Class as per illegibility criteria online
5.Period of completion:
(i) Six Calendar months., (ii) Six Calendar months. (iii)Twelve Calendar months., (iv) Nine Calendar months. (v)Twelve Calendar months.

**B)**1.Name of the work :
i) Construction of boundary wall, road & drain at KMRS (Jharanaghati) Nilagiri, Balasore, Odisha. ii) Construction of Boys & Girls Hostel Boundary wall & Road At Banarpal, Angul,Odisha.
2.Total No of works : 02 Nos.
3. Estimated cost : i) Rs.**1,23,22,800/-(approx)** ii) Rs. **39,72,080/-(approx)**
4.Class of Contractor : i)B & A class as per eligibility criteria online. ii)C & B class as per eligibility criteria online
5.Period of completion : (i) Nine Calendar months. (ii) Six Calendar months.

**(C)**1.Name of the work : i) Repair & Renovation of Branch Office at Balasore, Odisha.
2.Total No of works : 01 No.
3. Estimated cost : i) Rs.**14,87,000/-(approx)**
4.Class of Contractor : D & C class as per eligibility criteria online.
5.Period of completion : Three Calendar months

**(D)Other details**

| Procurement on line | Bid Identification No | Availability of tender on-line for bidding | | Date & time of opening of Tender in O/O MD OSIC Ltd., Cuttack |
|---|---|---|---|---|
| | | From | To | |
| MD OSIC Ltd., Cuttack. | 005 of 2022-2023 | 29.06.22 | 18.07.22 | 19.07.22 |

Further details can be seen from the website **www.tendersodisha.gov.in** . Any amendment corrigendum, cancellation or re-tender may please be referred to the website.

OIPR-14073/11/0034/2223
Sd/-
**MANAGING DIRECTOR**
**OSIC Ltd., Cuttack.**

**ସୋନିଆଙ୍କୁ ଇଡିର ସାନି ସମନ**
ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ ଜେରାର ସମ୍ମୁଖୀନ ହେବା ଲାଗି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସାନି ସମନ ଜାରି କରିଛି। ତାଙ୍କୁ ଜୁଲାଇ ମଧ୍ୟଭାଗରେ ତଦନ୍ତରେ ସାମିଲ ହେବାକୁ କୁହାଯାଇଛି। ବୁଧବାର ସୋନିଆ ଇଡିକୁ ପତ୍ର ଲେଖି ନିଜର ଅସୁସ୍ଥତା ସମ୍ପର୍କରେ ଅବଗତ କରାଇବା ସହ ଜେରା ପାଇଁ କିଛିଦିନ ସମୟ ମାଗିଥିଲେ। ତଦନ୍ତକାରୀ ସଂସ୍ଥା ଏହାକୁ ଗ୍ରହଣ କରିଛି। ସୋନିଆ ଜୁନ୍ ୨ରେ କୋଭିଡ୍ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ନାକରୁ ରକ୍ତ ପଡ଼ିବାରୁ ଗତ ୧୨ ତାରିଖରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।



## ସଂକ୍ଷେପରେ

### ଅଞ୍ଜଳି ଚତୁର୍ବେଦୀଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଲେ ବାଇଡେନ



**ୱାଶିଂଟନ,୨୩।୬:** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଖ୍ୟାତନାମା ଭାରତୀୟ ବଂଶୋଭବ ଆଇନ ବିଶେଷଜ୍ଞ ଅଞ୍ଜଳି ଚତୁର୍ବେଦୀଙ୍କୁ ବରିଷ୍ଠ ବ୍ୟାପାର ବିଭାଗର ଜେନେରାଲ କାଉନ୍ସଲ୍ ଭାବେ ମନୋନୀତ କରିଛନ୍ତି। ବରିଷ୍ଠ ନାଗରିକମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା ଓ ସେବା ଯୋଗାଇବା ଏହି ବିଭାଗର ମୁଖ୍ୟ ଉଦ୍ଦେଶ୍ୟ। ଆମେରିକା ଆଇନ ବିଭାଗରେ ସେ ଡେପୁଟି ଆସିଷ୍ଟାଣ୍ଟ ଆଟର୍ନି ଜେନେରାଲ ଥିଲେ। ସେ ସରକାରର ୩ ବିଭାଗରେ କାର୍ଯ୍ୟ କରିଛନ୍ତି। ଏହା ପୂର୍ବରୁ ସେ ନର୍ଥ୍ରୋପ ଗ୍ରୁମାନ କର୍ପୋରେଶନର ଆସିଷ୍ଟାଣ୍ଟ କାଉନସଲ ଏବଂ ଡାଇରେକ୍ଟର ଅଫ୍ ଇନ୍‌ଭେଷ୍ଟିଗେଶନ ଥିଲେ। ଏହା ପୂର୍ବରୁ ସେ ବ୍ରିଟିଶ ପେଟ୍ରୋଲିୟମର ଆସିଷ୍ଟାଣ୍ଟ ଜେନେରାଲ କାଉନସଲ ରହିଥିଲେ।

### ଦିନକର ଗୁପ୍ତା ଏନ୍‌ଆଇଏ ମୁଖ୍ୟ



**ନୂଆଦିଲ୍ଲୀ,୨୩।୬:** ବରିଷ୍ଠ ଆଇପିଏସ୍ ଅଫିସର ଦିନକର ଗୁପ୍ତାଙ୍କୁ ଗୁରୁବାର ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ)ର ମହାନିର୍ଦ୍ଦେଶକ ନିଯୁକ୍ତ କରାଯାଇଥିବା କାର୍ମିକ ବିଭାଗ ପକ୍ଷରୁ ପ୍ରକାଶିତ ନିର୍ଦ୍ଦେଶନାମାରେ କୁହାଯାଇଛି। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ତାଙ୍କ ନିଯୁକ୍ତି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି। ୧୯୮୭ ବ୍ୟାଚ୍ ପଞ୍ଜାବ କ୍ୟାଡର ଆଇପିଏସ୍ ଗୁପ୍ତା ଏନ୍‌ଆଇଏ ମୁଖ୍ୟ ଭାବେ ୨୦୨୪ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରହିବେ। ଏହା ବ୍ୟତୀତ ସ୍ୱାଗତ ଦାସ୍‌ଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ (ଆଭ୍ୟନ୍ତରୀଣ ସୁରକ୍ଷା) ନିଯୁକ୍ତ କରାଯାଇଛି। ୧୯୮୭ ବ୍ୟାଚ୍‌ର ଛତିଶଗଡ଼ କ୍ୟାଡର ଆଇପିଏସ୍ ଅଫିସର ସ୍ୱାଗତ ଏବେ ଇଣ୍ଟେଲିଜେନ୍ସ ବ୍ୟୁରୋରେ ସ୍ୱତନ୍ତ୍ର ନିର୍ଦ୍ଦେଶକ ଅଛନ୍ତି।

### ଦୁର୍ଘଟଣାରେ ୧୦ ମୃତ


**ଲକ୍ଷ୍ନୌ,୨୩।୬:** ଉତ୍ତରପ୍ରଦେଶର ପିଲିଭିଟ୍ ଅନ୍ତର୍ଗତ ଜାତୀୟ ରାଜପଥରେ ଗୁରୁବାର ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ତୀର୍ଥଯାତ୍ରୀମାନେ ହରିଦ୍ୱାର ଦର୍ଶନ ସାରି ଏକ ଟ୍ରକ୍ ଯୋଗେ ଲଖିମପୁର ଫେରୁଥିବାବେଳେ ଏହା ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ଗଛକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିଲା।

### ଟନ୍‌ସିଲ ସର୍ଜରି ପରେ ପୂର୍ବତନ ମିସ୍ ବ୍ରାଜିଲଙ୍କ ମୃତ୍ୟୁ



**ବ୍ରାସିଲିଆ,୨୩।୬:** ଟନ୍‌ସିଲ ଅସ୍ତ୍ରୋପଚାର ପରେ ପୂର୍ବତନ ମିସ୍ ବ୍ରାଜିଲ ଗ୍ଲେସି କୋରେଇଆଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ୨୭ ବର୍ଷ ହୋଇଥିଲା। ୨୦୧୮ରେ ସେ ମିସ୍ ୟୁନାଇଟେଡ୍ କଣ୍ଟିନେଣ୍ଟସ୍ ବ୍ରାଜିଲ ମୁକୁଟ ବିଜୟିନୀ ହୋଇଥିଲେ। ଟନ୍‌ସିଲ ଅସ୍ତ୍ରୋପଚାର ଜନିତ ସମସ୍ୟା ଯୋଗୁ ଦୁଇମାସ ହେଲା କୋମାରେ ଥିବା ଗ୍ଲେସିଙ୍କର ସୋମବାର ଏକ ଘରୋଇ କ୍ଲିନିକ୍‌ରେ ମୃତ୍ୟୁ ଘଟିଥିଲା।

### ଜେଲ ନିଃସଙ୍ଗ ପ୍ରକୋଷ୍ଠକୁ ସ୍ୟୁ ଚୀ ସ୍ଥାନାନ୍ତର



**ବ୍ୟାଙ୍କକ୍,୨୩।୬:** ମ୍ୟାନ୍‌ମାରର ସାମରିକ ସରକାର ଗୁରୁବାର ଦେଶର ବହିଷ୍କୃତ ନେତ୍ରୀ ଅଙ୍ଗ୍ ସାନ୍ ସ୍ୟୁ ଚୀଙ୍କୁ ଜେଲର ଏକ ନିଃସଙ୍ଗ ପ୍ରକୋଷ୍ଠକୁ ପଠାଇଦେଇଛନ୍ତି। ୨୦୨୧ ଫେବୃୟାରୀ ୧ରେ ସେନା ବିଦ୍ରୋହ କରି ଶାସନ କ୍ଷମତା ଅକ୍ତିଆର କରିବା ପରେ ସ୍ୟୁ ଚୀଙ୍କୁ ନିଜ ବାସଭବନରେ ଗୃହବନ୍ଦୀ ରଖିଥିଲା। ପରେ ତାଙ୍କୁ ରାଜଧାନୀର ଏକ ଅଜ୍ଞାତ ସ୍ଥାନରେ ରଖାଯାଇଥିଲା, ଯାହା ସାମରିକ ଘାଟି ବୋଲି ବିଶ୍ୱାସ କରାଯାଏ। ଏବେ ତାଙ୍କୁ ପାଟିଟାଉର ମୁଖ୍ୟ ଜେଲକୁ ସ୍ଥାନାନ୍ତର କରାଯାଇଥିବା ଶାସକ ସାମରିକ ପରିଷଦର ମୁଖପାତ୍ର ମେଜର ଜେନେରାଲ ଜ ମିନ୍ ଟୁନ୍ କହିଛନ୍ତି। ସେଠାରେ ସେ ଅନ୍ୟମାନଙ୍କଠାରୁ ଅଲଗା ଭାବେ ରହିବେ। ତାଙ୍କୁ ବିଭିନ୍ନ ଅଭିଯୋଗରେ ଦୋଷୀସାବ୍ୟସ୍ତ କରାଯାଇଥିବାରୁ ଆଇନ ଅନୁଯାୟୀ ଜେଲକୁ ସ୍ଥାନାନ୍ତର କରାଯାଇଥିବା ମୁଖପାତ୍ର କହିଛନ୍ତି।



ଆସାମର ହୋଜାଇ ଜିଲାର ବନ୍ୟା ପ୍ରଭାବିତଙ୍କୁ ଭାରତୀୟ ସେନା ପକ୍ଷରୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ନିଆଯାଉଛି।



ଆସାମର ନଗାଁଓ ଜିଲାର ଜଣେ ବ୍ୟକ୍ତି ତାଙ୍କ ଗୃହପାଳିତ ପ୍ରାଣୀଙ୍କୁ ଉଦ୍ଧାର କରୁଛନ୍ତି।

# ଆସାମରେ ଜଳ ପ୍ରଳୟ

## ଶତାଧିକ ଜୀବନ ଗଲାଣି

- ୫୪.୫ ଲକ୍ଷ ବିସ୍ଥାପିତ
- ୪,୯୪୧ ଗ୍ରାମ ପ୍ରଭାବିତ
- ପାଣିରେ ବୁଡ଼ିଛି ୯୯,୦୨୬ ହେକ୍ଟର ଚାଷଜମି

**ଗୁଆହାଟୀ, ୨୩।୬**

ମେ' ମାସରୁ ଆସାମରେ ଜାରି ରହିଥିବା ଜଳପ୍ରଳୟ ଗୁରୁବାର ଆହୁରି ଭୟଙ୍କର ହୋଇଛି। ବୁଧବାର ଆଉ ୧୨ ମୃତ୍ୟୁକୁ ମିଶାଇ ଏ ପର୍ଯ୍ୟନ୍ତ ବନ୍ୟା ଓ ଏଥିଜନିତ ଭୂସ୍ଖଳନ ଯୋଗୁ ଆସାମର ୧୦୧ ଜଣଙ୍କ ଜୀବନ ଗଲାଣି। ୫୪ ଲକ୍ଷ ୫୦ ହଜାର ଲୋକ ସେମାନଙ୍କ ଘର ଛାଡ଼ି ବିସ୍ଥାପିତ ହୋଇଛନ୍ତି। ୩୨ ଜିଲାର ୪,୯୪୧ ଗ୍ରାମ ପ୍ରଭାବିତ ହୋଇଛି। ଲଗାଣ ବର୍ଷାଯୋଗୁ ବ୍ରହ୍ମପୁତ୍ର ଏବଂ ବରାକ୍ ନଦୀ ସହ ଏହାର ଶାଖା ନଈଗୁଡ଼ିକ ଉଚ୍ଛୁଳିବା ଯୋଗୁ ରାଜ୍ୟର ୩୬ ଜିଲାରୁ ୩୨ ଜିଲାରେ ଅନେକ ଜମି ଜଳମଗ୍ନ ହୋଇ ରହିଛି। ଉଦ୍ଧାରକାରୀ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଏବଂ ଅନ୍ୟ ଏଜେନ୍ସିଗୁଡ଼ିକ ପ୍ରାୟ ୨୭୬ଟି ବନ୍ୟା ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଭାରତୀୟ ସେନା ମଧ୍ୟ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ଆସାମର ୧୨ ଜିଲାର ବିଭିନ୍ନ ସ୍ଥାନରେ ଫସି ରହିଥିବା ୧୪,୫୦୦ ଲୋକଙ୍କୁ ଏନ୍‌ଡିଆରଏଫ୍ ଟିମ୍ ଉଦ୍ଧାର କରିଥିବା ସରକାରୀ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏନ୍‌ଡିଆରଏଫ୍‌ର ପ୍ରଥମ ବାଟାଲିୟନ ବିପର୍ଯ୍ୟୟ ପରିଚାଳନା ଫୋର୍ସର ୪୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଏବଂ ୭୦ରୁ ଅଧିକ ବୋଟ୍ ମୁତୟନ ହୋଇଥିବା ଏହାର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସନ୍ତୋଷ କୁମାର ସିଂ କହିଛନ୍ତି। ମଙ୍ଗଳବାରଠାରୁ ୨୦୭ କର୍ମଚାରୀଙ୍କୁ ନେଇ ଆଉ ୮ ଟିମ୍ ସିଲଚର୍‌ରେ ଏୟାରଲିଫ୍ଟ ମାଧ୍ୟମରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।



ସେଣ୍ଟର ୱାଟର କମିଶନ (ସିଡବ୍ଲ୍ୟୁସି) ମୁତାବକ, ନଗାଓଁର କାମପୁର ଦେଇ ବହିଯାଇଥିବା କୋପିଲି ନଦୀ ଜଳ ବିପଦସଙ୍କୁଳ ସ୍ତର ଉପରେ ରହିଛି। ସେହିପରି ଶିବାସାଗରରେ ଦିସାଙ୍ଗ ନଦୀ, ତେଜପୁର, ଗୋଲପରା ଏବଂ ଧୁବ୍ରୀର ନିମାତିଘାଟରେ ବ୍ରହ୍ମପୁତ୍ର, ଚାଚର ଏବଂ ହୈଲାଖଣ୍ଡିର କରିମଗଞ୍ଜ ଦେଇ ବହିଥିବା ବରାକ୍ ନଦୀ ଏବଂ କରିମଗଞ୍ଜଠାରେ ଥିବା କୁଶିଆରା ନଦୀ ଜଳ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବାରପେଟା ଜିଲା ବନ୍ୟା ଯୋଗୁ ସର୍ବାଧିକ ପ୍ରଭାବିତ ହୋଇଛି। ଏଠାରେ ୧୧,୨୯,୩୯୦ ଲୋକ ପ୍ରଭାବିତ ହୋଇଥିବାବେଳେ କାମ୍‌ରୂପ୍ ଜିଲାରେ ୭,୮୯,୪୯୬, ଧୁବ୍ରୀରେ ୫,୯୭,୧୫୩ ଏବଂ ନଗାଓଁରେ ୫,୦୩,୪୫୦ ଲୋକ ବନ୍ୟା ଦୁର୍ଦ୍ଦଶା ଭୋଗୁଛନ୍ତି। ଜିଲା ପ୍ରଶାସନଗୁଡ଼ିକ ପକ୍ଷରୁ ୧୦୨୫ ରିଲିଫ୍ ବଣ୍ଟା କେନ୍ଦ୍ର ଏବଂ ୮୪୫ ଆଶ୍ରୟ ସ୍ଥଳୀ ଖୋଲାଯାଇଛି। ଏଠାରେ ପ୍ରାୟ ୩ ଲକ୍ଷ ଲୋକ ଆଶ୍ରୟ ନେଇଛନ୍ତି। ବନ୍ୟା ଯୋଗୁ ୨୧୮ ରାସ୍ତା, ୨୦ ପୋଲ ନଷ୍ଟ ହୋଇଛି। ୯୯,୦୨୬ ହେକ୍ଟର ଚାଷଜମି ପାଣିରେ ବୁଡ଼ି ରହିଛି। ୩୩,୧୭,୦୮୬ ପ୍ରାଣୀ ପ୍ରଭାବିତ ହୋଇଛନ୍ତି।

ବାକ୍‌ସା, ବିଶ୍ୱନାଥ, ବୋଙ୍ଗାଇଗାଓଁ, ଚିରାଙ୍ଗ, ଧୁବ୍ରୀ, କୋକ୍ରାଝର, ଲଖିମପୁର, ମଜୁଲି, ମୋରିଗାଓଏ ନାଲବରି, ଉଦାଲଗୁରି ଆଦି ସ୍ଥାନରେ ଭୂସ୍ଖଳନ ହୋଇଛି। ଚିରାଙ୍ଗ ଜିଲାରେ ବୁଧବାର ସ୍ଥିତି ଭୟଙ୍କର ହେବାରୁ ଅଗ୍ନିଶମ ବାହିନୀ ଏବଂ ଜରୁରିକାଳୀନ ସେବା ପ୍ରଦାନକାରୀ କର୍ମଚାରୀମାନେ ମଧ୍ୟ ଉଦ୍ଧାରକାରୀ ଟିମ୍‌ରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଚପରମୁଖ ରେଲଷ୍ଟେଶନ, ନେଲି ଜାତୀୟ ରାଜପଥ ପାର୍ଶ୍ୱ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଥିବା ପ୍ରଭାବିତ ପରିବାରକୁ ଭେଟିଛନ୍ତି। କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ନଗାଓଁ ଜିଲାର ଫୁଲାଗୁରୀ ରିଲିଫ୍ କେନ୍ଦ୍ର ପରିଦର୍ଶନ କରି ବନ୍ୟା ପ୍ରଭାବିତଙ୍କୁ ଭେଟିଛନ୍ତି।

# ବନ୍ୟାରେ ଉବୁଟୁବୁ ବାଂଲାଦେଶ

- ୧୨୨ ବର୍ଷରେ ସବୁଠୁ ଭୟଙ୍କର
- ୯୦ ଲକ୍ଷ ବିସ୍ଥାପିତ, ୩୨ ମୃତ

**ଢାକା, ୨୩।୬**

ବାଂଲାଦେଶରେ ଚଳିତ ବର୍ଷ ଭୟଙ୍କର ବନ୍ୟାବିପ୍ଳବି ୯୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିସ୍ଥାପିତ କରିବା ସହ ୩୨ ଜଣଙ୍କ ଜୀବନ ନେଲାଣି। ୧୨୨ ବର୍ଷରେ ଏହା ଦେଶର ସବୁଠୁ ବଡ଼ଧରଣର ଜଳପ୍ରଳୟ ବୋଲି କୁହାଯାଉଛି। ସିଲହେଟ୍, ସୁନାମଗଞ୍ଜ ଏବଂ ବ୍ରାହ୍ମନବାରିଆ ସମେତ ଦେଶର ଉତ୍ତର ଭାଗ ବନ୍ୟା ଯୋଗୁ ସର୍ବାଧିକ ପ୍ରଭାବିତ ହୋଇଥିବା ରିଲିଫ୍ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଏନାମୁର ରେହମାନ କହିଛନ୍ତି। ସୀମାନ୍ତ ଆସାମରେ ଥିବା ବରାକ୍ ନଦୀ ଜଳ ବିପଦସଙ୍କୁଳ ସ୍ତର ଟପିଛି। ଏହି ନଦୀ ବାଂଲାଦେଶ ଦେଇ ମଧ୍ୟ ପ୍ରବାହିତ ହୋଇଛି। ଲଗାଣ ବର୍ଷା ଯୋଗୁ ନଦୀଜଳ ଉଚ୍ଛୁଳି ଆସାମ ସମେତ ବାଂଲାଦେଶରେ ମଧ୍ୟ ବନ୍ୟା ସ୍ଥିତି ସୃଷ୍ଟି କରିଛି। ବିଶେଷକରି ବଜ୍ରପାତରେ ଅଧିକାଂଶଙ୍କ ମୃତ୍ୟୁ ଘଟିଛି।



ବାଂଲାଦେଶର ସିଲହେଟ୍‌ଠାରେ ବନ୍ୟା ପ୍ରପୀଡ଼ିତ ଡଙ୍ଗା ଯୋଗେ ସୁରକ୍ଷିତ ସ୍ଥାନକୁ ଯାଉଛନ୍ତି।

# ମୋଦିଙ୍କୁ ଭେଟିଲେ ଦ୍ରୌପଦୀ ମୁର୍ମୁ

**ନୂଆଦିଲ୍ଲୀ,୨୩।୬**

ନାମାଙ୍କନ ପତ୍ର ଦାଖଲ ଲାଗି ଗୁରୁବାର ନୂଆଦିଲ୍ଲୀରେ ପହଞ୍ଚିଥିବା ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରମୁଖଙ୍କୁ ସାକ୍ଷାତ କରିଛନ୍ତି। ମୁର୍ମୁଙ୍କ ରାଷ୍ଟ୍ରପତି ପ୍ରାର୍ଥିତ୍ୱକୁ ସାରା ଦେଶରୁ ସମାଜର ସବୁ ବର୍ଗର ଲୋକ ପ୍ରଶଂସା କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଉପରାଷ୍ଟ୍ରପତି ନାଇଡୁଙ୍କ ସହ ମୁର୍ମୁ ପ୍ରାୟ ୩୦ ମିନିଟ ଆଲୋଚନା କରିଥିଲେ। ତାଙ୍କୁ ନାଇଡୁଙ୍କ ସ୍ତ୍ରୀ ଉପରାଷ୍ଟ୍ରପତି ନିବାସ ପୋର୍ଟିକୋରେ ସ୍ୱାଗତ କରିଥିଲେ। ୬୪ ବର୍ଷୀୟ ମୁର୍ମୁ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିବା ଆଶା କରାଯାଉଛି।

ମୁର୍ମୁ ଗୁରୁବାର ଭୁବନେଶ୍ୱରରୁ ଯାଇ ନୂଆଦିଲ୍ଲୀରେ ପହଞ୍ଚିଥିଲେ। ତାଙ୍କର ନାମାଙ୍କନ ପତ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀଙ୍କ ବାସଭବନରେ




ପ୍ରସ୍ତୁତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ପ୍ରଥମ ପ୍ରସ୍ତାବକ ରହିବେ। ଏହା ବ୍ୟତୀତ ବରିଷ୍ଠ ମନ୍ତ୍ରୀ ରାଜନାଥ ସିଂ, ଅମିତ ଶାହା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଅନ୍ୟ ମନ୍ତ୍ରୀ ଏବଂ ଭାଜପା ନେତାଙ୍କ ସମେତ ବିଜେଡିରୁ ୨ ଜଣ ମନ୍ତ୍ରୀ ମୁର୍ମୁଙ୍କ ପ୍ରସ୍ତାବକ ରହିବେ ବୋଲି ଜଣାପଡ଼ିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ସାକ୍ଷାତ ବେଳେ ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇଥିଲେ। ତାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଯାଇଥିବାରୁ ଆଦିବାସୀ ସମାଜ ଗର୍ବ ଅନୁଭବ କରୁଥିବା ଶାହା କହିଥିଲେ। ମୁର୍ମୁଙ୍କ ଜୀବନ ସମାଜର ଦୁର୍ବଳ ଶ୍ରେଣୀ ବର୍ଗଙ୍କ ସଶକ୍ତୀକରଣ ପାଇଁ ସମର୍ପିତ ରହିଆସିଛି। ଦେଶ ତଥା ସମାଜକୁ ଆହୁରି ମଜଭୁତ କରିବାରେ ସେ ପ୍ରଭାବୀ ଭୂମିକା ନିଭାଇବେ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି।

ଆଦିବାସୀ ସମ୍ପ୍ରଦାୟର ସର୍ବାଙ୍ଗୀନ ଉନ୍ନତି ଲାଗି ଝାଡ଼ଖଣ୍ଡର ପୂର୍ବତନ ରାଜ୍ୟପାଳ ଦ୍ରୌପଦୀଙ୍କୁ ସର୍ବସମ୍ମତିକ୍ରମେ ରାଷ୍ଟ୍ରପତି ନିର୍ବାଚିତ କରିବା ଲାଗି ଅଖିଳ ଭାରତୀୟ ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ ଗୁରୁବାର ସବୁ ଦଳକୁ ଅନୁରୋଧ କରାଯାଇଛି। ଭାରତୀୟ ପରମ୍ପରା ଓ ସଂସ୍କୃତିର ଅବିଚ୍ଛିନ୍ନ ଅଙ୍ଗ ସତ୍ତ୍ୱେ ଆଦିବାସୀମାନେ ଦୀର୍ଘ ବର୍ଷ ହେଲା ଅବହେଳିତ ହୋଇ ରହିଆସିଥିବା ଆର୍‌ଏସ୍‌ଏସ୍‌ର ଏହି ସଂଗଠନ କହିଛି। ୧୨ କୋଟିରୁ ଊର୍ଦ୍ଧ୍ୱ ଆଦିବାସୀ ବସବାସ କରୁଥିବା ଦେଶରେ ମୁର୍ମୁଙ୍କୁ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ କରିଥିବାରୁ ଏହା ସମାଜରେ ପରିବର୍ତ୍ତନ ଆଣିବ ବୋଲି ଅଖିଳ ଭାରତୀୟ ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ କୁହାଯାଇଛି।

## ୟୁକ୍ରେନ୍‌ର ୧୫୨ ସାଂସ୍କୃତିକ ସ୍ଥଳ ଧ୍ୱଂସ କରିଛି ରୁଷିଆ

**ପ୍ୟାରିସ,୨୩।୬:** ରୁଷିଆ ଆକ୍ରମଣ ଯୋଗୁ ୟୁକ୍ରେନ୍‌ର ୧୫୨ଟି ସାଂସ୍କୃତିକ ଓ ଐତିହାସିକ ଐତିହ୍ୟ ସ୍ଥଳ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଧ୍ୱଂସ ହୋଇଥିବା ଜାତିସଂଘ ବିଶେଷଜ୍ଞମାନେ ସ୍ପଷ୍ଟ କରିଛନ୍ତି। ସେଥିରେ ମ୍ୟୁଜିୟମ, ସ୍ମାରକୀ ସ୍ଥଳ, ଚର୍ଚ୍ଚ ଓ ଅନ୍ୟାନ୍ୟ ଧର୍ମୀୟ ଶୌଧ ରହିଛି। ଏହି ସମସ୍ତ ଧ୍ୱଂସାବଶେଷର ଆକଳନରେ ୟୁକ୍ରେନ୍ କର୍ତ୍ତୃପକ୍ଷଙ୍କୁ ୟୁନେସ୍କୋ ସହାୟତା କରୁଛି। ସାଂସ୍କୃତିକ ଐତିହ୍ୟ ଉପରେ ଆକ୍ରମଣ ବନ୍ଦ ହେବା ଦରକାର। କୌଣସି ପରିସ୍ଥିତିରେ ମଧ୍ୟ ଏଗୁଡ଼ିକୁ ଟାର୍ଗେଟ କରାଯିବା ଉଚିତ ନୁହେଁ ବୋଲି ୟୁନେସ୍କୋ ମହାନିର୍ଦ୍ଦେଶକ ଔଡ୍ରେ ଅଜୋଲେ କହିଛନ୍ତି। ଫେବୃୟାରୀ ୨୪ରୁ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ ଜାରି ରଖିଛି। ଖର୍କିଭ ଏବଂ ଡୋନେକ୍ସ ପୂର୍ବାଞ୍ଚଳର ତିନି ଚତୁର୍ଥାଂଶ ଅଞ୍ଚଳ ଓ ରାଜଧାନୀ କିଭ୍ ନିକଟବର୍ତ୍ତୀ ଅଞ୍ଚଳ ରୁଷିଆ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଛି। ତେବେ ଯୁଦ୍ଧରେ ସେଣ୍ଟ ସୋଫିଆ କାଥେଡ୍ରାଲ ଏବଂ ପେଚେର୍ସ୍କ ଲାଭ୍ରା ସମେତ ୟୁକ୍ରେନ୍‌ର ୭ଟି ବିଶ୍ୱ ଐତିହ୍ୟ ସ୍ଥଳ ପ୍ରଭାବିତ ହୋଇନାହିଁ।

## ପନିରସେଲଭାମ୍‌ଙ୍କୁ ବୋତଲ ଫିଙ୍ଗିଲେ



**ସମର୍ଥକଙ୍କ ସହ ଏଆଇଏଡିଏମ୍‌କେ କୋର୍ଡିନେଟରଙ୍କ କକ୍ଷତ୍ୟାଗ**

**ଚେନ୍ନାଇ,୨୩।୬:** ଚେନ୍ନାଇ ଉପକଣ୍ଠ ବନଗରାମଠାରେ ଗୁରୁବାର ଏଆଇଏଡିଏମ୍‌କେ ସାଧାରଣ ପରିଷଦ ବୈଠକରେ ଉତ୍ତେଜନା ଦେଖାଦେଇଛି। ଦଳର କୋର୍ଡିନେଟର ଓ. ପନିରସେଲଭାମ (ଓପିଏସ୍) ଏବଂ ତାଙ୍କର କେତେଜଣ ସମର୍ଥକ ବୈଠକ ଅଧାରୁ ପଳାଇଯାଇଛନ୍ତି। କକ୍ଷତ୍ୟାଗ ବେଳେ ସେମାନଙ୍କ ଉପରକୁ ପାଣି ବୋତଲ ଫିଙ୍ଗାଯିବା ସହ ସେମାନଙ୍କ ବିରୋଧରେ ସ୍ଲୋଗାନ ଦିଆଯାଇଥିଲା। ଦଳରେ ପନିରସେଲଭାମ ଏବଂ ଯୁଗ୍ମ କୋର୍ଡିନେଟର ଇ.କେ. ପାଲାନିସ୍ୱାମୀଙ୍କ ମଧ୍ୟରେ କ୍ଷମତା କନ୍ଦଳ ଲାଗିରହିଥିବାବେଳେ ସାଧାରଣ ପରିଷଦ ବୈଠକରେ ଏକକ ନେତୃତ୍ୱ ଉପରେ ସଦସ୍ୟମାନେ ଦାବି ଉଠାଇବାରୁ ୨୩ଟି ପ୍ରସ୍ତାବ ଉପରେ ଆଲୋଚନା ହୋଇପାରି ନ ଥିଲା। ଦଳର ପ୍ରେସିଡିୟମ ଅଧ୍ୟକ୍ଷ ତାମିଲମଗାନ ହୁସେନ୍ ପରବର୍ତ୍ତୀ ସାଧାରଣ ପରିଷଦ ବୈଠକ ଜୁଲାଇ ୧୧ରେ ହେବ ବୋଲି ଘୋଷଣା କରିଛନ୍ତି।

ବୈଠକ ଆରମ୍ଭ ହେବାର ୪୦ ମିନିଟ ମଧ୍ୟରେ ପ୍ରବଳ ଉତ୍ତେଜନା ଦେଖାଯାଇଥିଲା। ସମର୍ଥକମାନେ ପାଲାନିସ୍ୱାମୀଙ୍କୁ ଏକ ମୁକୁଟ ଓ ଖଣ୍ଡା ଦ୍ୱାରା ସମ୍ମାନିତ କରିବା ସହ ତାଙ୍କ ସପକ୍ଷରେ ସ୍ଲୋଗାନ ଦେଇଥିଲେ। ଏଥିରେ ଅପମାନିତ ଅନୁଭବ କରି ଓପିଏସ୍, ଉପସମ୍ପାଦକ ଆର୍. ବୈଥିଲିଙ୍ଗମ୍‌ଙ୍କ ସମେତ ସେମାନଙ୍କ ସମର୍ଥକମାନେ ବୈଠକ ଅଧାରୁ ଚାଲିଯାଇଥିଲେ।

# ଜାତୀୟ ଦଳ ଭରସା ଦେଇଛି: ସିନ୍ଦେ

**ମୁମ୍ବାଇ/ଗୁଆହାଟୀ,୨୩।୬**

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ବିରୋଧରେ ସବୁଠୁ ବଡ଼ ଚ୍ୟାଲେଞ୍ଜର ସାଜିଥିବା ଶିବସେନାର ବିଦ୍ରୋହୀ ନେତା ଏକନାଥ ସିନ୍ଦେ ଭାଜପା ଶାସିତ ଆସାମ ରାଜଧାନୀ ଗୁଆହାଟୀର ରେଡିସିଅନ୍ ବ୍ଲ୍ୟୁ ହୋଟେଲରେ ଅବସ୍ଥାନ କରୁଛନ୍ତି। ତାଙ୍କ ସହ ଶିବସେନାର ଅଧିକାଂଶ ବିଧାୟକ ଅଛନ୍ତି। ସିନ୍ଦେ ସେମାନଙ୍କୁ ବୁଝାଉଛନ୍ତି ଯେ, ଏକ ଜାତୀୟ ଦଳ (ମହାଶକ୍ତି) ତାଙ୍କ ବିଦ୍ରୋହକୁ ଐତିହାସିକ ବୋଲି ଅଭିହିତ କରିବା ସହ ସବୁ ପ୍ରକାର ସାହାଯ୍ୟ କରିବାକୁ ଭରସା ଦେଇଛି। ଶିବସେନାର ବିଦ୍ରୋହୀ ବିଧାୟକମାନଙ୍କୁ ସିନ୍ଦେ ଏହି ବିଷୟ ବୁଝାଉଥିବା ବେଳର ଭିଡିଓ ମୁମ୍ବାଇସ୍ଥିତ ତାଙ୍କ ବାସଭବନରୁ ଜାରି ହୋଇଛି। ଭିଡିଓରେ ସିନ୍ଦେ ଆହୁରି କହିଛନ୍ତି, ମିଳିମିଶି ରହିଲେ ଆମର ବିଜୟ ସୁନିଶ୍ଚିତ। ସର୍ବସମ୍ମତିକ୍ରମେ ଆଗକୁ ନିଷ୍ପତ୍ତି ନେବା। ପ୍ରକାଶ ଯେ, ସିନ୍ଦେଙ୍କ ଶିବିରରେ ୩୭ ଶିବସେନା ବିଦ୍ରୋହୀଙ୍କ ସହ ୯ ସ୍ୱାଧୀନ ବିଧାୟକ ଡେରା ପକାଇଛନ୍ତି।



ଗୁଆହାଟୀର ରେଡିସିଅନ୍ ବ୍ଲ୍ୟୁ ହୋଟେଲରେ ଏକନାଥ ସିନ୍ଦେ ଚେସ୍ ଖେଳୁଛନ୍ତି।

### ଆସ୍ଥାଭୋଟ କହିବ କାହାର କେତେ ବଳ: ପାୱାର



ଶିବସେନା ବିଦ୍ରୋହୀ ଏକନାଥ ସିନ୍ଦେଙ୍କ ଯୋଗୁ ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିବାବେଳେ ଏନ୍‌ସିପି ମୁଖ୍ୟ ଶରଦ ପାୱାର କହିଛନ୍ତି, ମହା ବିକାଶ ଅଘାଡ଼ି ସପକ୍ଷରେ ଏବେ ବି ସଂଖ୍ୟାଗରିଷ୍ଠତା ରହିଛି। କାହା ସପକ୍ଷରେ କେତେ ବିଧାୟକଙ୍କ ସମର୍ଥନ ଅଛି ତାହା ବିଧାନସଭାରେ ଆସ୍ଥାଭୋଟ କରାଗଲେ ସ୍ପଷ୍ଟ ହୋଇଯିବ। ଶିବସେନା ବିଧାୟକମାନଙ୍କୁ ଗୁଜରାଟରୁ ଆସାମ (ଉଭୟ ରାଜ୍ୟ ଭାଜପା ଶାସିତ)କୁ ନିଆଯାଇଛି। ସେମାନଙ୍କୁ କିଏ ନେଇଛନ୍ତି ତାଙ୍କ ନାମ ମୁଁ ପ୍ରକାଶ କରିବାକୁ ଚାହୁଁନାହିଁ ବୋଲି ପାୱାର କହିଛନ୍ତି।

### ବିଦ୍ରୋହୀଙ୍କୁ ଅଯୋଗ୍ୟ ଘୋଷଣା ଦାବି କରିବ ଶିବସେନା

ଯେଉଁ ବିଦ୍ରୋହୀ ବିଧାୟକମାନଙ୍କୁ ଯୋଗୁ ମହା ବିକାଶ ଅଘାଡ଼ି ସରକାର ପତନ ଆଡ଼କୁ ଗତି କରୁଛି ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଶିବସେନା ଦାବି କରିବ। ମହାରାଷ୍ଟ୍ର ବିଧାନସଭା ଉପବାଚସ୍ପତିଙ୍କ ନିକଟରେ ୧୫ ବିଧାୟକଙ୍କ ସଦସ୍ୟତା ରଦ୍ଦ ପାଇଁ ଆବେଦନ କରିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

### ମୋତେ କିଛି ଜଣାନାହିଁ: ବିଶ୍ୱଶର୍ମା



ଶିବସେନାର ବିଦ୍ରୋହୀ ବିଧାୟକମାନଙ୍କୁ ଗୁଆହାଟୀର ଏକ ପଞ୍ଚତାରକା ହୋଟେଲରେ ରଖାଯାଇଥିବା ବିଷୟରେ ଦେଶବାସୀ ଅବଗତ। କିନ୍ତୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏନେଇ କିଛି ଜାଣି ନ ଥିବା କହିଛନ୍ତି। ହିମନ୍ତ କହିଛନ୍ତି, ମହାରାଷ୍ଟ୍ରରେ ଚାଲିଥିବା ରାଜନୈତିକ ଉଠାପକା ସମ୍ପର୍କରେ ସେ କିଛି ଜାଣିନାହାନ୍ତି। ଆସାମରେ ଅନେକ ଭଲ ହୋଟେଲ ଅଛି। କିନ୍ତୁ କୌଣସି ହୋଟେଲରେ ମହାରାଷ୍ଟ୍ରର ବିଧାୟକମାନେ ରହୁଥିବା ନେଇ ସେ କିଛି ଜାଣିନାହାନ୍ତି। ଅନ୍ୟ ରାଜ୍ୟର ବିଧାୟକମାନେ ମଧ୍ୟ ଆସି ରହିପାରିବେ ବୋଲି ବିଶ୍ୱଶର୍ମା କହିଛନ୍ତି।

# ନମ୍ବର ୱାନ୍ ଆହାନ



**ଓଡ଼ିଶା ଏବେ ଟେନିସରେ ଆଗକୁ ବଢ଼ୁଛି ରାଜ୍ୟ ଖେଳାଳିମାନେ ଜୁନିୟର ବର୍ଗର ଜାତୀୟ ଦୃଶ୍ୟପଟରେ ଚମକ ଦେଖାଇ ଏହା ପ୍ରମାଣିତ କରିଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଲେ ଆହାନ। କେବଳ ସେତିକି ନୁହେଁ ୧୨ ବର୍ଷରୁ କମ୍ ବାଳିକା ବର୍ଗରେ ଦେଶର ନମ୍ବର ୱାନ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି ଏହି ଟେନିସ ପ୍ରତିଭା।**

ପ୍ରସ୍ତୁତି: ତପନ କୁମାର ସ୍ୱାଇଁ

ଓଡ଼ିଶା ଏବେ ଟେନିସରେ ଆଗକୁ ବଢ଼ୁଛି। ରାଜ୍ୟ ଖେଳାଳିମାନେ ଜୁନିୟର ବର୍ଗର ଜାତୀୟ ଦୃଶ୍ୟପଟରେ ଚମକ ଦେଖାଇ ଏହା ପ୍ରମାଣିତ କରିଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଲେ ଆହାନ। ୨୦୧୦ ଏପ୍ରିଲ ୨୪ରେ ଜନ୍ମିତ ଏହି ଟେନିସ ପ୍ରତିଭା ଜାତୀୟ ପ୍ରତିଯୋଗିତାରେ ଚମକପ୍ରଦ ପ୍ରଦର୍ଶନ କରି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି। କେବଳ ସେତିକି ନୁହେଁ ରାଜ୍ୟର ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଙ୍କ ପ୍ରଶିକ୍ଷଣରେ ସେ ନିଜ ପ୍ରଦର୍ଶନକୁ ମାର୍ଜିତ କରି ୧୨ ବର୍ଷରୁ କମ୍ ବାଳିକା ବର୍ଗରେ ଦେଶର ନମ୍ବର ୱାନ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ନିକଟରେ ଆହାନ ଏକ ବିରଳ ସଫଳତାର ଅଧିକାରିଣୀ ହୋଇଥିଲେ। ସାଉଥ ଏସିଆ ରିଜିଓନାଲ କ୍ୱାଲିଫାଇଙ୍ଗ ଇଭେଣ୍ଟ ପାଇଁ ନେପାଳର କାଠମାଣ୍ଡୁଠାରେ ଅନୁଷ୍ଠିତ ଆଇଟିଏଫ୍ ଏସିଆ ୧୨ ବର୍ଷରୁ କମ୍ ଟେନିସ ପ୍ରତିଯୋଗିତାରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଟାଇଟଲ ହାସଲ କରିବା ପଥରେ ଭାରତ ରାଉଣ୍ଡ ରବିନ ପର୍ଯ୍ୟାୟରେ ନେପାଳ, ମାଳଦ୍ୱୀପ ଓ ଭୁଟାନକୁ ୩-୦ରେ ହରାଇଥିବାବେଳେ ସେମିଫାଇନାଲରେ ବାଂଲାଦେଶକୁ ୩-୦ ଏବଂ ଫାଇନାଲରେ ଶ୍ରୀଲଙ୍କାକୁ ୨-୧ରେ ଧରାଶାୟୀ କରିଥିଲା। ଏହି ଅଭିଯାନରେ ଆହାନଙ୍କ ସହ ଭାରତୀୟ ଦଳରେ ସାମିଲ ଥିଲେ ଆନନ୍ଦିତା ଉପାଧ୍ୟାୟ ଓ ପ୍ରାଚୀ ମଲ୍ଲିକ। କାଠମାଣ୍ଡୁରେ ଅନୁଷ୍ଠିତ ସମ୍ମାନଜନକ ପ୍ରତିଯୋଗିତାରେ ଆହାନ ନିଜର ପ୍ରଥମ ମ୍ୟାଚରେ ଭୁଟାନର ଡଚ୍ଚିନ ଶେୟାଙ୍ଗ ୱାଙ୍ଗମୋଙ୍କୁ ୬-୦, ୬-୦ ସେଟ୍‌ରେ ହରାଇଥିଲେ। ପରବର୍ତ୍ତୀ ମ୍ୟାଚରେ ମାଳଦ୍ୱୀପର ନାବା ନିଶାନଙ୍କୁ ୬-୦, ୬-୧ ଓ ନେପାଳର ଶିଭାଲି ଗୁରୁଙ୍ଗଙ୍କୁ ୬-୦, ୬-୦ ସେଟ୍‌ରେ ପରାସ୍ତ କରିଥିଲେ। ବାଂଲାଦେଶ ବିପକ୍ଷ ମ୍ୟାଚରେ ସେ ପ୍ରାଚୀ ମଲ୍ଲିକଙ୍କ ସହ ସାଥୀହୋଇ ଡବଲ୍ସ ଖେଳିଥିଲେ। ଆହାନ-ପ୍ରାଚୀ ଯୋଡ଼ି ବାଂଲାଦେଶର ସାରା ଅଲ୍ ଜସିମ ଓ ହୁମାୟୁରା ହାଇଦର ଜାରା ଯୋଡ଼ିକୁ ସିଧାସଳଖ ୬-୦, ୬-୦ ସେଟ୍‌ରେ ହରାଇ ଦେଇଥିଲେ। ଶ୍ରୀଲଙ୍କା ବିପକ୍ଷରେ ସେ ୨ଟି ମ୍ୟାଚ ଖେଳିଥିଲେ। ଡବଲ୍ସରେ ଆନନ୍ଦିତା ଉପାଧ୍ୟାୟଙ୍କ ସାଥୀବରି ସେ ଆକିଶା ସିଲ୍ଭା ଓ ଅର୍ଚ୍ଚିତ ସାଥିୟ ଉଦ୍‌ଗୋଦା ଯୋଡ଼ିଙ୍କଠାରୁ ୪-୬, ୧-୬ ସେଟ୍‌ରେ ହାରିଥିଲେ ହେଁ ସିଙ୍ଗଲ୍ସରେ ଉଦ୍‌ଗୋଦାଙ୍କୁ ୬-୦, ୬-୦ ସେଟ୍‌ରେ ହରାଇ ଭାରତକୁ ପ୍ରଥମ ସ୍ଥାନରେ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ତାଙ୍କ ପ୍ରଦର୍ଶନ ବଳରେ ଭାରତ ଟୁର୍ଣ୍ଣାମେଣ୍ଟରେ ୫ ମ୍ୟାଚରୁ ୫ ବିଜୟ ସହ ୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଥିଲା। ଶ୍ରୀଲଙ୍କା (୪ ପଏଣ୍ଟ), ମାଳଦ୍ୱୀପ(୩), ନେପାଳ(୨), ବାଂଲାଦେଶ(୧) ଓ ଭୁଟାନ(୦) ପରବର୍ତ୍ତୀ ୫ ସ୍ଥାନରେ ରହିଥିଲେ। ଫଳରେ ବାଳିକା ବିଭାଗରେ ଭାରତ ଓ ଶ୍ରୀଲଙ୍କା କାଜାଖସ୍ତାନରେ ହେବାକୁ ଥିବା ସାଉଥ ଏସିଆ ରିଜିଓନାଲ କ୍ୱାଲିଫାଇଙ୍ଗ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ।

ଅନ୍ତର୍ଜାତୀୟ ସ୍ତରରେ ଆହାନଙ୍କର ଆଉ ଏକ ସଫଳତା ହେଲା ଛତିଶଗଡ଼ର ଭିଲାଇଠାରେ ଜୁନ୍ ୩ରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଏସିଆନ ଚାମ୍ପିୟନସିପରେ ସେ ଡବଲ୍ସରେ ରନର୍ସଅପ୍ ହୋଇଥିଲେ। ତେଣୁ ୨୦୨୨ ତାଙ୍କ ପାଇଁ ଶୁଭ ସାବ୍ୟସ୍ତ ହୋଇଛି। ସର୍ବଭାରତୀୟ ସ୍ତରରେ ତାଙ୍କ ସଫଳତା ଫର୍ଦ୍ଦ ବେଶ୍ ଲମ୍ବା। ୨୦୧୯ ନଭେମ୍ବରରେ ଜଳନ୍ଧରରେ ଅନୁଷ୍ଠିତ ଏଆଇଟିଏ ଚାମ୍ପିୟନସିପ୍ ସିରିଜ ଟେନିସ ଟୁର୍ଣ୍ଣାମେଣ୍ଟରେ ସେ ଉଭୟ ୧୨ ଓ ୧୪ ବର୍ଷରୁ କମ୍ ବର୍ଗର ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ। ୨୦୨୦ ଜାନୁୟାରୀରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏଆଇଟିଏ-ଉତ୍କଳ ଓପନ ଚାମ୍ପିୟନସିପ୍ ସିରିଜ ଟୁର୍ଣ୍ଣାମେଣ୍ଟରେ ସେ ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ରନର୍ସଅପ୍ ହୋଇଥିଲେ। ୨୦୨୧ ଡିସେମ୍ବରରେ ଅହମଦାବାଦରେ ଆୟୋଜିତ ଏଆଇଟିଏ ସୁପର ସିରିଜ ଟୁର୍ଣ୍ଣାମେଣ୍ଟ (୧୪ ବର୍ଷରୁ କମ୍)ରେ ସେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିୟନ ହୋଇଥିଲେ। ୨୦୨୨ ଜାନୁୟାରୀରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍ ଓଡ଼ିଶା ଉତ୍କଳ ଓପନ ଟେନିସର ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ହରିୟାଣାର କର୍ଣ୍ଣାଲସ୍ଥିତ ଚାମ୍ପୁଆ ଟେନିସ ଏକାଡେମୀରେ ଆୟୋଜିତ ଏଆଇଟିଏ ସୁପର ସିରିଜ ଟେନିସ ଟୁର୍ଣ୍ଣାମେଣ୍ଟରେ ସେ ୧୨ ବର୍ଷରୁ କମ୍ ସିଙ୍ଗଲ୍ସ, ଡବଲ୍ସ, ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ଏବଂ ୧୬ ବର୍ଷରୁ କମ୍ ସିଙ୍ଗଲ୍ସରେ ଚାମ୍ପିୟନ ହୋଇଥିଲେ। ଫେବୃୟାରୀରେ ମୁମ୍ବାଇରେ ଆୟୋଜିତ ଜାତୀୟ ସିରିଜର ୧୨ ବର୍ଷରୁ କମ୍ ବିଭାଗରେ ସେ ଟାଇଟଲ ବିଜୟୀ ହୋଇଥିଲେ। ଏହା ବ୍ୟତୀତ ଗତ ଏପ୍ରିଲରେ କୋଲକାତାର ସାଉଥ କ୍ଲବରେ ଅନୁଷ୍ଠିତ ଏଆଇଟିଏ ୧୪ ବର୍ଷରୁ କମ୍ ଚାମ୍ପିୟନସିପ୍ ସିରିଜ ଟୁର୍ଣ୍ଣାମେଣ୍ଟରେ ସେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିୟନ ହୋଇଥିଲେ। ସେହିପରି କଟକରେ ଅନୁଷ୍ଠିତ ଚାମ୍ପିୟନସିପ୍ ସିରିଜ ୧୪ ବର୍ଷରୁ କମ୍ ସିଙ୍ଗଲ୍ସରେ ମଧ୍ୟ ସେ ଚାମ୍ପିୟନ ହୋଇଥିଲେ।

## ଆର୍ଥିକ ପ୍ରୋତ୍ସାହନ ଆବଶ୍ୟକ



କୋଚ୍ ଅଜୟ ନିଶଙ୍କଙ୍କ ସହ ଆହାନ

ଆହାନ ଜଣେ ଅତ୍ୟନ୍ତ ପ୍ରତିଭାସମ୍ପନ୍ନ ଖେଳାଳି। ୧୨ ବର୍ଷ ବର୍ଗରେ ନମ୍ବର ୱାନ ହୋଇ ଏହାର ପ୍ରମାଣ ସେ ଦେଇ ସାରିଛନ୍ତି। ଆଗକୁ ବଢ଼ିବା ପାଇଁ ତାଙ୍କୁ ଆର୍ଥିକ ପ୍ରୋତ୍ସାହନର ଆବଶ୍ୟକ ହେଉଛି। ଉପଯୁକ୍ତ ସହାୟତା ମିଳିପାରିଲେ ସେ ବହୁ ଉପରକୁ ଯାଇ ପାରିବେ ବୋଲି ତାଙ୍କ କୋଚ୍ ଅଜୟ ନିଶଙ୍କ ଅନୁଭବ କରୁଛନ୍ତି। ତାଙ୍କ ମା' କିରଣ ନାୟକ ବହୁ କଷ୍ଟ ସ୍ୱୀକାର କରି ତାଙ୍କୁ ଖେଳାଉଛନ୍ତି। ଟେନିସ ଏକ ବ୍ୟୟ ବହୁଳ କ୍ରୀଡ଼ା। ଏହାର ପ୍ରତିଟି ସରଞ୍ଜାମ ଦାମୀ। ଏହା ବ୍ୟତୀତ କୌଣସି ଟୁରରେ ଖେଳିବାପାଇଁ ବାହାରକୁ ଗଲେ ତାହା ମଧ୍ୟ ବ୍ୟୟ ବହୁଳ ହୋଇଥାଏ। ରାଜ୍ୟରେ ଏପରି ପ୍ରତିଭା ସମ୍ପନ୍ନ ଖେଳାଳି ଖୁବ୍ କମ୍ ଅଛନ୍ତି। ରାଜ୍ୟ ସରକାର ଖେଳ ଓ ଖେଳାଳିଙ୍କୁ ଅନେକ ପ୍ରୋତ୍ସାହନ ଦେଉଛନ୍ତି। ତେଣୁ ସରକାର କିମ୍ବା ବେସରକାରୀ କିମ୍ବା ଆସୋସିଏଶନ ପକ୍ଷରୁ ଆହାନଙ୍କୁ ଆର୍ଥିକ ପ୍ରୋତ୍ସାହନ ମିଳିଲେ ସେ ନିଶ୍ଚିତ ରାଜ୍ୟ ଓ ଦେଶକୁ ଅଧିକ ଗର୍ବିତ କରିପାରିବେ ବୋଲି ଅଜୟ ପ୍ରକାଶ କରିଛନ୍ତି।

### ସର୍ଭିସ ଶଟ୍ ଉପରେ ଧ୍ୟାନ ଦେବାକୁ ହେବ

ଆହାନ ସାଢ଼େ ୩ ବର୍ଷର ହୋଇଥିବାବେଳେ ମୋ ନିକଟକୁ ଆସିଥିଲେ। ଛୋଟ ବେଳରୁ ମୁଁ ତାଙ୍କ ପ୍ରତିଭା ଚିହ୍ନି ପାରିଥିଲି। ପ୍ରଥମେ ସେ ବିଶ୍ୱଙ୍କ ସହିତ ଖେଳିଥିଲେ। ମାତ୍ର ପ୍ରଦର୍ଶନ ଦେଖା ଆରମ୍ଭ କରିବାରୁ ମୁଁ ଆଗ୍ରହୀ ହୋଇଥିଲି ଏବଂ ସ୍ୱତନ୍ତ୍ର ଧ୍ୟାନ ଦେଇଥିଲି। ତାଙ୍କର ବ୍ୟାକହ୍ୟାଣ୍ଡ, ଫୋରହ୍ୟାଣ୍ଡ ଶଟ୍ ଭଲ ଅଛି ବହୁତ ଭଲ। ସର୍ଭିସ ଶଟ୍ ଖେଳିବାରେ ଟିକେ ଦୁର୍ବଳତା ଅଛି। ତା' ଉପରେ ମୋତେ କାମ କରିବାକୁ ପଡ଼ିବ। ଏହା ବ୍ୟତୀତ ତାଙ୍କ ଶକ୍ତି ବଢ଼ାଇବା ଉପରେ ମଧ୍ୟ ଧ୍ୟାନ ଦେବାକୁ ହେବ ବୋଲି କହିଛନ୍ତି ଏହି ଦୂରଦ୍ରଷ୍ଟା କୋଚ୍।

### ଆଇଟିଏଫରେ ଖେଳିବେ


୧୨ ବର୍ଷରୁ କମ୍ ବର୍ଗରେ ଆହାନ ଚଳିତ ବର୍ଷ ଶେଷଥର ପାଇଁ ଖେଳିବେ। ୧୩ ବର୍ଷର ହୋଇଗଲେ ନିୟମ ଅନୁସାରେ ଆଇଟିଏଫ୍ ଟୁର୍ଣ୍ଣାମେଣ୍ଟଗୁଡ଼ିକରେ ଭାଗନେବେ। ଟେନିସପ୍ରତି ତାଙ୍କର ଉତ୍ସର୍ଗୀକୃତ ମନୋଭାବ ରହିଛି। ସବୁଠାରୁ ବଡ଼କଥା ହେଲା ଜିତିବା ପାଇଁ ମନରେ ପ୍ରବଳ ଭୋକ ରହିଛି। ଏହା ତାଙ୍କୁ ବହୁ ଆଗକୁ ନେଇପାରିବ। ଯାହା ପରାମର୍ଶ ଦେଲେ ଧ୍ୟାନଦେଇ ଶୁଣନ୍ତି ଏବଂ ଶୀଘ୍ର ତାହାକୁ ଗ୍ରହଣ କରିପାରନ୍ତି। ଏହା ଆହାନଙ୍କର ଏକ ଭଲ ଗୁଣ। ତାଙ୍କ ଭବିଷ୍ୟତ ନିଶ୍ଚିତ ଉଜ୍ଜ୍ୱଳ ବୋଲି ଅଜୟ ପ୍ରକାଶ କରିଛନ୍ତି।

### ସଂକ୍ଷେପରେ...

**ନାମ:** ଆହାନ
**ଜନ୍ମ:** ୨୪ ଏପ୍ରିଲ ୨୦୧୦ (ସର୍ବ ଭାରତୀୟ ଟେନିସ ଆସୋସିଏଶନ ଅନୁସାରେ)
**ଜନ୍ମସ୍ଥାନ:** ଭୁବନେଶ୍ୱର, ଓଡ଼ିଶା
**ଶିକ୍ଷାଗତ ଯୋଗ୍ୟତା:** ୭ମ ଷ୍ଟାଣ୍ଡାର୍ଡ, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, କେଦାରଗୌରୀ, ପୁରୁଣା ଭୁବନେଶ୍ୱର
**ପସନ୍ଦ:** ଟେନିସ ଗେମ୍ ଦେଖିବା ଏବଂ ପରିବାର ସହ ସମୟ କଟାଇବା
**ଘରୋଇ ଏକାଡେମୀ/କ୍ଲବ:** ଏସ୍ ବେସ୍ ଟେନିସ ଏକାଡେମୀ, ନହରକଣ୍ଟା, ଭୁବନେଶ୍ୱର
**କୋଚ୍:** ଅଜୟ କୁମାର ନିଶଙ୍କ
**ଏଆଇଟିଏ ରେଜିଷ୍ଟ୍ରେଶନ ନମ୍ବର:** ୪୩୪୫୭୯
**ଏଆଇଟିଏ ର୍ୟାଙ୍କିଙ୍ଗ:** ୧୨ ବର୍ଷରୁ କମ୍ ବାଳିକା ବର୍ଗରେ ନମ୍ବର-୧ (୨୦୨୨ ମାର୍ଚ୍ଚ ୨୮)

# ଖଲିଙ୍କ ପାଇଁ ବରଦାନ

ସ୍ୱାଗତ ସମ୍ପଦ



କେବେକେବେ ରୋଗ ବି ବରଦାନ୍ ସଦୃଶ ହୋଇଥାଏ। ଏହି ପ୍ରସଙ୍ଗରେ ଜଣେ ବାସ୍ତବ ଉଦାହରଣ ହେଲେ ଦି ଗ୍ରେଟ୍ ଖଲି ଓରଫ ଦଲିପ ସିଂ ରାଣା। ଜଟିଳ ରୋଗଟିଏ ତାଙ୍କୁ ଆଜି ଯେଉଁ ସୋପାନକୁ ନେଇଯାଇଛି ତାହା କେବେ ସେ ସ୍ୱପ୍ନରେ ବି ଭାବି ନ ଥିବେ। ଦଲିପ ଜନ୍ମରୁ ହରମନ୍ କ୍ଷରଣଜନିତ 'ଆକ୍ରୋମେଗାଲୀ' ନାମକ ଏକ ରୋଗରେ ପୀଡ଼ିତ ଥିଲେ। ଫଳରେ ତାଙ୍କ ଶରୀରର କାୟା ଅସ୍ୱାଭାବିକ ଭାବେ ବୃଦ୍ଧି ଘଟିଥିଲା। ଏହା କିନ୍ତୁ ତାଙ୍କ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଥିଲା। ଆଜି ସେ ବିଶ୍ୱ କୁସ୍ତି ମହାସଂଘ(ଡବ୍ଲ୍ୟୁଡବ୍ଲ୍ୟୁଏଫ୍)ର ବିଶ୍ୱ ହେଭିୱେଟ୍ ଚାମ୍ପିୟନ, ବିଶ୍ୱ କୁସ୍ତି ମନୋରଞ୍ଜନ କମ୍ପାନୀ (ଡବ୍ଲ୍ୟୁଡବ୍ଲ୍ୟୁଇ)ର ବିଶ୍ୱ ହେଭିୱେଟ୍ ଟାଇଟଲଧାରୀ ସହ ଜଣେ ଧନଶାଳୀ ବ୍ୟକ୍ତି ହୋଇପାରିଛନ୍ତି।

ଦଲିପଙ୍କ ଜୀବନ ଯାତ୍ରା ନିହାତି ଘଟଣା ବହୁଳ, ଯାହା ଲୋକଙ୍କ ଦୃଷ୍ଟି ଆକର୍ଷଣ କରେ। ମଣିଷ ଦେହରେ ନିର୍ଦ୍ଦିଷ୍ଟ ଏକ ହରମନ୍ କ୍ଷରଣ ବୃଦ୍ଧି ଘଟିଲେ 'ଆକ୍ରୋମେଗାଲୀ' ନାମକ ରୋଗ ସୃଷ୍ଟି ହୁଏ। ରୋଗଟି ଜନ୍ମରୁ ଶିଶୁ ଦେହରେ ଥାଇପାରେ ଅଥବା ଶିଶୁ ବଡ଼ ହେଲା ପରେ ଆକ୍ରାନ୍ତ ହୋଇପାରେ। ଏହି ରୋଗ ରୋଗୀର ଅସ୍ଥି କଙ୍କାଳକୁ ସଂପ୍ରସାରଣ କରେ ଏବଂ ସେହି ଅନୁପାତରେ ମାଂସ ପେଶୀ ବୃଦ୍ଧି ହୋଇଚାଲେ। ଏହା ଏକ ଅସ୍ୱାଭାବିକ ରୋଗ, ଏଣୁ କ୍ୱଚିତ୍ ଲୋକଙ୍କ କ୍ଷେତ୍ରରେ ଦେଖାଯାଏ। ହିମାଚଳପ୍ରଦେଶର ଧ୍ରେରିନା ସହରର ବାସିନ୍ଦା ହେଲେ ଜ୍ୱାଲାରାମ ରାଣା ଓ ତାଙ୍କ ପତ୍ନୀ ତାଣ୍ଡିଦେବୀ। ଦମ୍ପତିଙ୍କର ୬ ପୁଅ, ଜଣେ ଝିଅ। ପୁଅମାନଙ୍କ ମଧ୍ୟରେ ଦଲିପ ସିଂ ଅନ୍ୟତମ। ୧୯୭୨, ଅଗଷ୍ଟ ୨୭ରେ ଦଲିପ ଜନ୍ମ ଗ୍ରହଣ କରିଥିଲେ। ଶିଶୁଟି ଆକ୍ରୋମେଗାଲୀରେ ପୀଡ଼ିତ ଥିବାରୁ ତା' ଶରୀର ଅସ୍ୱାଭାବିକ ଭାବେ ବଢ଼ି ଥିଲା। ଜ୍ୱାଲାରାମଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିଲା। ପରିବାରର ସମସ୍ତଙ୍କ ତୁଳନାରେ ଦଲିପର ଖାଦ୍ୟ ପରିମାଣ ସର୍ବାଧିକ ଥିଲା। ସେ ସମସ୍ତଙ୍କଠାରୁ ଲମ୍ବା ଏବଂ ବଳିଷ୍ଠ ହେଉଥିଲେ। ଦୈନିକ ଖୋରାକ ଯୋଗାଡ଼ କରିବା ପାଇଁ ଦଲିପ ନିଜ ଶକ୍ତି ସାମର୍ଥ୍ୟକୁ ପୁଞ୍ଜି କରି ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଲାଗିଲେ। ଧ୍ରେରିନା ସହରର ସଡ଼କ ନିର୍ମାଣ କାମରେ ଲାଗି ପଥର ଭାଙ୍ଗିଲେ। ସେଥିରୁ ଯାହା ଆୟ କଲେ ସବୁତକ ଖାଦ୍ୟ ପଛରେ ଖର୍ଚ୍ଚ କଲେ। ରୋଗ ନିୟନ୍ତ୍ରଣ ପାଇଁ ଔଷଧ ବି କିଣି ସେବନ କରୁଥିଲେ। ଦିନ ଗଡ଼ି ଚାଲିବା ସହ ବଢ଼ିଚାଲିଥିଲା ତାଙ୍କ ଶରୀର। ଉତ୍ତର ଭାରତରେ କୁସ୍ତି ଏକ ଜନପ୍ରିୟ କ୍ରୀଡ଼ା। ତେଣୁ ଦଲିପ ଫ୍ରିଷ୍ଟାଇଲ କୁସ୍ତିରେ ମନ ଦେଉଥିଲେ। ଏଥିରେ ସଫଳତା ଲାଭ କଲେ। ସେ ନିଜ ପରିଚୟ ପ୍ରତିଷ୍ଠା କଲେ। ହିମାଚଳ ପ୍ରଦେଶ ଛାଡ଼ି ପଞ୍ଜାବରେ ଆସି ରହିଲେ। ଉତ୍ତର ଭାରତର ବଡ଼ ବଡ଼ ସହରକୁ ଯାଇ ସୁପର ବଜାର, ଜିମ୍ନାଜିୟମ, କଲେଜ ଓ ସ୍କୁଲରେ କୁସ୍ତି ପ୍ରଦର୍ଶନ କରି ଲୋକଙ୍କୁ ମନୋରଞ୍ଜନ ଯୋଗାଇଲେ। ୧୯୯୭ରେ ଜଳନ୍ଧର ସହରକୁ କାମ ଅନ୍ବେଷଣରେ ଆସିଥିଲାବେଳେ ଦଲିପର ବିଶାଳ ଶରୀର ଦେଖି ତାଙ୍କୁ ଜଣେ ପୋଲିସ ଅଫିସର ଚଣ୍ଡିଗଡ଼ ନେଇଗଲେ। ଦଲିପ ପୋଲିସ ବାହିନୀରେ ଏଏସଆଇ ନିଯୁକ୍ତି ପାଇଲେ।

ସେ ସମୟରେ ତାଙ୍କ ଉଚ୍ଚତା ୭ଫୁଟ୍ ୧ ଇଞ୍ଚ, ଓଜନ ୧୫୦ କେଜିରୁ ଅଧିକ ଏବଂ ଜୋତାର ସାଇଜ୍ ୨୦ ନମ୍ବର ହୋଇସାରିଥିଲା। ଏତେ ବଡ଼ ଶରୀର ପାଇଁ ପ୍ରଚୁର ଖାଦ୍ୟ ଦରକାର ପଡୁଥିଲା। କେବଳ ଦରମାରେ ଖାଦ୍ୟ କ୍ରୟ ସମ୍ଭବ ନ ହେବାରୁ ଚାକିରି ଛାଡ଼ିଦେଲେ। କୁସ୍ତି ତାଙ୍କ ପାଇଁ ଅଧିକ ଆୟକାରୀ ହେବ ଜାଣି ସେଥିରେ ଧ୍ୟାନ ଦେଲେ। ପଞ୍ଜାବ, ୟୁପି ଓ ମହାରାଷ୍ଟ୍ରର ପ୍ରମୁଖ ସହରକୁ ଯାଇ ଫ୍ରିଷ୍ଟାଇଲ କୁସ୍ତି ପ୍ରଦର୍ଶନ କରିବାକୁ ଲାଗିଲେ। ସଫଳତାରେ ଉତ୍ସାହିତ ହୋଇ ସେ ବିଭିନ୍ନ ଦେଶକୁ ଗଲେ ଏବଂ ପେସାଦାର କୁସ୍ତି ମଞ୍ଚରେ ଚାଲେଞ୍ଜ ବାଉଟ୍ ଲଢ଼ିଲେ।

୧୯୯୮ରେ ଦଲିପଙ୍କର ଈପ୍ସିତ ଆମେରିକା ଯାତ୍ରା ହୋଇଥିଲା। ଲକ୍ଷ୍ୟ ଥିଲା ବିଶ୍ୱ କୁସ୍ତି ମହାସଂଘ ପକ୍ଷରୁ ଚାମ୍ପିୟନସିପ୍ ମ୍ୟାଚ୍ ଖେଳିବା। ଦଲିପ ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ଦ୍ୱାରା ଆୟୋଜିତ ମ୍ୟାଚରେ ଭାଗ ନେଲେ ଏବଂ ସଫଳ ବି ହେଲେ। ଏହି ପର୍ଯ୍ୟାୟରେ ସେ ହେଭିୱେଟ୍ ଚାମ୍ପିୟନ୍ ଆଖ୍ୟା ଅର୍ଜନ କଲେ। ଆମେରିକାରେ ପ୍ରଥମ ପେସାଦାର ଲଢ଼େଇରେ ସେ ଜଣେ ଅଣ୍ଡରଟେକରକୁ ମାତ୍ ଦେଇଥିଲେ। ବିଶ୍ୱରେ ସାମରିକ କ୍ରୀଡ଼ାର ପେଣ୍ଠସ୍ଥଳୀ ହେଉଛି ଆମେରିକା। ଲସ୍ ଭେଗାସ ନଗରୀରେ ଦୁନିଆ ଯାକର ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଏଠାରେ ବିଶ୍ୱ କୁସ୍ତି ମନୋରଞ୍ଜନ କମ୍ପାନୀ (ଡବ୍ଲ୍ୟୁଡବ୍ଲ୍ୟୁଇ) ପ୍ରତିଷ୍ଠିତ। ବିଶ୍ୱର ବଡ଼ ବଡ଼ ପେସାଦାର କୁସ୍ତିଯୋଦ୍ଧାଙ୍କ ପାଇଁ ଏଠାରେ ରେସଲ୍ ମାନିଆ ଓ ସ୍ମେକ୍ ଡାଉନ୍ ନାମକ ଦୁଇଟି ମଞ୍ଚ ସକ୍ରିୟ ରହିଛି। କମ୍ପାନୀର କାର୍ଯ୍ୟକ୍ରମ ସାରା ବିଶ୍ୱରେ ପ୍ରସାରିତ। ଦଲିପଙ୍କର ପ୍ରାରମ୍ଭିକ ସମସ୍ୟା ଥିଲା କଥିତ ଭାଷା। ଏଣୁ ତାଙ୍କ ପାଇଁ ମଧ୍ୟସ୍ଥମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିଲେ। କ୍ରମେ ଦଲିପ କୃତିତ୍ୱ ହାସଲ କରି ଆମେରିକାରେ ନିଜ ଉପସ୍ଥିତି ବଢ଼ାଇବା ସହ ଡବ୍ଲ୍ୟୁଡବ୍ଲ୍ୟୁଇ କମ୍ପାନୀରେ ଯୋଡ଼ି ହେବାକୁ ଲକ୍ଷ୍ୟ ରଖିଲେ। ଡବ୍ଲ୍ୟୁଡବ୍ଲ୍ୟୁଇ ପ୍ରାୟୋଜିତ କୁସ୍ତି ମ୍ୟାଚଗୁଡ଼ିକ ବୈଧ ନୁହେଁ। ଏହା କେବଳ ଏକ ମନୋରଞ୍ଜନ ଧର୍ମୀ ସଂଘର୍ଷ। ତେବେ ଏହି ମ୍ୟାଚଗୁଡ଼ିକରେ ଏଭଳି ଦାଓପେଞ୍ଚ ରହିଛି, ଯାହାକୁ ଯୋଦ୍ଧା ପ୍ରୟୋଗ ନ କଲେ ଗୁରୁତର ଆହତ ହେବା କିମ୍ବା ମୃତ୍ୟୁ ଘଟିବା ଆଶଙ୍କା ଥାଏ। ଡବ୍ଲ୍ୟୁଡବ୍ଲ୍ୟୁଇର କଣ୍ଟିନେଣ୍ଟାଲ ରେସଲିଂ ଏଣ୍ଟରଟେନ୍‌ମେଣ୍ଟ ନାମକ ଏକ ଶାଖା କମ୍ପାନୀ ରହିଛି। ଦଲିପ ଏହି କମ୍ପାନୀର କୁସ୍ତି ମଞ୍ଚରେ ଫାଇଟ୍ ଲଢ଼ି ନିଜକୁ ପ୍ରସ୍ତୁତ ରଖିଥିଲେ। ଦଲିପଙ୍କ ବିଶାଳ ଶରୀରକୁ ହଲିଉଡ୍ ଫିଲ୍ମ ନିର୍ମାତାମାନେ ଉପଯୋଗ କରିଥିଲେ। ଏଭଳି ଧାରା ଚାଲିଲା ୨୦୦୬ ଯାଏ। ଏହି ବର୍ଷ ଡବ୍ଲ୍ୟୁଡବ୍ଲ୍ୟୁଇ କମ୍ପାନୀର ଦ୍ୱାର ଦଲିପଙ୍କ ପାଇଁ ଖୋଲିଯାଇଥିଲା। ସେ ଜଣେ ଚାଲେଞ୍ଜର ଭାବେ କମ୍ପାନୀରେ ନିଯୁକ୍ତି ପାଇଲେ। ଏହାପୂର୍ବରୁ ଏସିଆ ମହାଦେଶର କୌଣସି ରେସଲର୍ ଏଥିରେ ନିଯୁକ୍ତି ପାଇ ନ ଥିଲେ। ଦଲିପଙ୍କ ଅପରାଜେୟ କୁସ୍ତି ଲଢ଼େଇ ଯୋଗୁ ତାଙ୍କ ଷ୍ଟେଜ୍ ନାମ 'ଦି ଗ୍ରେଟ୍ ଖଲି'କୁ ବଦଳାଯାଇଥିଲା। ସେହି ସମୟର ଚାମ୍ପିୟନ୍ ରେସଲର ସନ୍ ମିଚେଲ୍, ଜନସେନା, ବଟିସ୍ତା ପ୍ରମୁଖ ଖଲିଙ୍କ ହାତରେ ପରାଜିତ ହୋଇଥିଲେ। ଖଲି ଡବ୍ଲ୍ୟୁଡବ୍ଲ୍ୟୁଇ କମ୍ପାନୀରେ ୯ ବର୍ଷ କଟାଇଥିଲେ। ୨୦୧୪ରେ ତାଙ୍କ ଚୁକ୍ତି ମିଆଦ ସରିଯାଇଥିଲା। ଏହି ସମୟରେ ଖଲି କମ୍ପାନୀରୁ ଦରମା ବାବଦକୁ ୮୫୪, ୦୦୦ଯୁ.ଏସ୍ ଡଲାର ଏବଂ ବର୍ଷକୁ ୬ ନିୟୁତ ଡଲାର ଲେଖା ଆୟ କରୁଥିଲେ। ବର୍ଷକୁ ବୋନସ ବାବଦରେ ୩ଲକ୍ଷ ଡଲାର ପାଉଥିଲେ।

ଖଲିଙ୍କର ହାର୍ ଜିତ୍ ସଂଖ୍ୟା ଦେଖିଲେ ସେ ଅର୍ଜନ କରିଥିବା ଦି ଗ୍ରେଟ୍ ଆଖ୍ୟାର ଯଥାର୍ଥତା ପ୍ରମାଣିତ ହୋଇଥାଏ। ଡବ୍ଲ୍ୟୁଡବ୍ଲ୍ୟୁଇରେ ସେ ରେକର୍ଡ ୭୦୫ଟି ମ୍ୟାଚ ଖେଳିଥିଲେ। ସେଥିରୁ ୪୫୬ଟି ମ୍ୟାଚରେ ବିଜୟୀ ହୋଇଥିଲେ ଓ ୨୪୯ଟିରେ ପରାଜୟ ଭୋଗିଥିଲେ। ଡବ୍ଲ୍ୟୁଡବ୍ଲ୍ୟୁଇ ପକ୍ଷରୁ ୨୦୨୧ମସିହାରେ ତାଙ୍କୁ ହେଭିୱେଟ୍ ଟାଇଟଲ ପ୍ରଦାନ କରାଯାଇଥିଲା। ଏସିଆରେ ଏହି ମର୍ଯ୍ୟାଦା ହାସଲରେ ଖଲି ପ୍ରଥମ। ଡବ୍ଲ୍ୟୁଡବ୍ଲ୍ୟୁଇ ହଲ୍ ଅଫ୍ ଫେମ୍‌ରେ ତାଙ୍କୁ ସାମିଲ କରାଯାଇଛି। ୨୦୧୭, ଜୁଲାଇ ୩୧ରେ ଡବ୍ଲ୍ୟୁଡବ୍ଲ୍ୟୁଇ ପକ୍ଷରୁ ଇଣ୍ଟର କଣ୍ଟିନେଣ୍ଟାଲ ଟେବଲ ରୟାଲ ଚାମ୍ପିୟନସିପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଲି ଭାଗ ନେଇଥିଲେ। ସେହିପରି ଅକ୍ଟୋବରରେ ସ୍ମେକ୍ ଡାଉନ୍ ମଞ୍ଚରେ ଆୟୋଜିତ ଏକ ବାଉଟ୍‌ରେ ସେ ଲଢ଼ିଥିଲେ। ଖଲିଙ୍କର ଏହା ଥିଲା ଡବ୍ଲ୍ୟୁଡବ୍ଲ୍ୟୁଇ ମଞ୍ଚରେ ଶେଷ ଲଢ଼େଇ। ୨୦୧୭, ନଭେମ୍ବରରେ ଡବ୍ଲ୍ୟୁଡବ୍ଲ୍ୟୁଇ ସହିତ ଖଲିଙ୍କର ଚୁକ୍ତି ମିଆଦ ସରିଯାଇଥିଲା। ଉକ୍ତ ବର୍ଷ ଖଲି ଭାରତ ଫେରିଆସି ସାମାଜିକ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ। ଜଳନ୍ଧର ନିକଟବର୍ତ୍ତୀ କଙ୍ଗନିୱାଲ ଗାଁରେ କୁସ୍ତି ତାଲିମ କେନ୍ଦ୍ର ପ୍ରତିଷ୍ଠା ସହ ଉତ୍ସାହୀ କୁସ୍ତିଖେଳାଳିମାନଙ୍କୁ ତାଲିମ ଦେବା ଆରମ୍ଭ କଲେ। ୫୦ବର୍ଷୀୟ ଖଲିଙ୍କର ଏବେ ଓଜନ ୧୫୭କେଜିରୁ ଅଧିକ। ହରମିନ୍ଦର କୌର ନାମ୍ନୀ ଜଣେ ମହିଳାଙ୍କୁ ସେ ବିବାହ କରିଥିଲେ।



ସ୍ତ୍ରୀ ହରମିନ୍ଦର କୌରଙ୍କ ସହ ଖଲି

## ହିରୋ ଜିରୋ

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଟାଇଟଲ
ଅଧୁରା ରହିଲା ଆଶା
ଶୁଟ୍ ଆଉଟ୍‌ରେ ମୀମାଂସା ମ୍ୟାଚରେ
ଦେଶ ହେଲା ଲୋକହସା
ଉଭୟଙ୍କୁ ସମବଣ
ଇଣ୍ଡିଆନ ଲେଡି ଜେଣ୍ଟ ହକି ଦଳ
ତୃତୀୟ ସ୍ଥାନରେ ଖୁସୀ।
ଏକ କି.ମି. ଟାଇମ୍ ଟ୍ରାଏଲ୍ ଟ୍ରିଣ୍ଟ
ଇଭେଣ୍ଟରେ ମାରି ତାର
ଏସିଆନ ସାଇକ୍ଲିଂ ଚାମ୍ପିୟନସିପ୍‌ରେ
ସାଇକ୍ଲିଷ୍ଟ ରୋନାଲ୍ଡୋ ହିରୋ
ରୁପା ଏଠି ଜୁନା ଦର
ଫାଷ୍ଟ ଇଣ୍ଡିଆନ ଭାବେ ପ୍ରଥମ ଏ
ଦେଶ ପାଇଁ ଉପହାର।
କାନାଡ଼ିଆନ ଗ୍ରାଁ ପ୍ରି ମୋଟର ରେସ୍‌ରେ
ହିରୋ ଭର୍ଷ୍ଟାପେନ ନାଲି
ଆମ ଏଠି ଲୋକ ପେଟ୍ରୋଲ ପୋଡ଼ନ୍ତି
ହାତେ ନ ପାରନ୍ତି ଚାଲି
ମୋବାଇଲ, ମଦ ପାଲି
ଯୁବ ସମାଜକୁ ଭିରୋ କରିଛନ୍ତି
ସ୍ୱପ୍ନରେ ଖାଏ ଗୁଲି।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
ଶୁକ୍ରବାର,୨୪ ଜୁନ୍, ୨୦୨୨



## ସଂକ୍ଷେପରେ

### ସମ୍ପର୍କୀୟ ଭାଇଙ୍କ ଅଭିଯୋଗ ଉପରେ ତଦନ୍ତ
### ନାବାଳକଙ୍କ ମୃତଦେହ ଉଦ୍ଧାର ଘଟଣା

**କଣିହାଁ,୨୩।୬(ଡି.ଏନ.ଏ.):** କଣିହାଁ ଥାନା ପୋଲିସ ହରିଚନ୍ଦନପୁର ଗ୍ରାମର ନାବାଳକ ରାଜେଶ ସାହୁଙ୍କ ମୃତଦେହ ଜବତ ଘଟଣାର ତଦନ୍ତ ଜାରି ରଖିଛି। ରାଜେଶଙ୍କ ସମ୍ପର୍କୀୟ ଭାଇ ଦୁଷ୍ମନ୍ତ ସାହୁ ଏ ନେଇ ଥାନାରେ ହତ୍ୟା ଅଭିଯୋଗ କରିଥିବାରୁ ପୋଲିସ ସେହି ଆଧାରରେ ତଦନ୍ତ ଚଳାଇଛି। ପୋଲିସ ହାତରେ ଏ ନେଇ କିଛି ପ୍ରାମଣ ଲାଗିଥିବା ସୂଚନା ମିଳିଛି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଥିବା ବେଳେ ମୃତ ରାଜେଶଙ୍କ ମୋବାଇଲରୁ ହତ୍ୟାକାଣ୍ଡ ସମ୍ପର୍କରେ ଜଣାପଡ଼ିବା ପରେ ପୋଲିସ ଗତ ବୁଧବାର ୨ ଅଭିଯୁକ୍ତ ମନୋରଞ୍ଜନ ଡାକୁଆ ଓ ବାପୁଜୀ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ଏହି ହତ୍ୟା ଘଟଣାରେ ଅନ୍ୟ କେତେଜଣଙ୍କ ସମ୍ପୃକ୍ତି ଥିବା ଚର୍ଚ୍ଚା ହେଉଥିବାରୁ ପୋଲିସ ତଦନ୍ତକୁ ଜୋରଦାର କରିଥିବା ଆଇଆଇସି କିଶୋର କୁମାର ସାମଲ ପ୍ରକାଶ କରିଛନ୍ତି।

### 'ରଞ୍ଜିତଙ୍କ ଅବଦାନ ଅତୁଳନୀୟ'



**ଆଠମଲ୍ଲିକ,୨୩।୬(ଡି.ଏନ.ଏ.):** ଆଠମଲ୍ଲିକ ପଇଁଅକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ କଲେଜର ପୂର୍ବତନ ଅଧକ୍ଷ ସ୍ୱର୍ଗତ ରଞ୍ଜିତ କୁମାର କର୍ଣ୍ଣଙ୍କ ୬ଷ୍ଠ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବ୍ଲକର ପୂର୍ବତନ ଅଧକ୍ଷ ଚିତ୍ତରଞ୍ଜନ କର୍ଣ୍ଣ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଦଶରଥ ପ୍ରଧାନ, ପୂର୍ବତନ ସମିତିସଭ୍ୟ ସୁଶାନ୍ତ ନାଏକ, ଅନ୍ୟତମ ଅତିଥି ଭାବେ ପରିଚାଳନା କମିଟି ସମ୍ପାଦକ ମାଧବ ଚନ୍ଦ୍ର ସାହୁ ଯୋଗଦେଇ ସ୍ୱର୍ଗତ କର୍ଣ୍ଣଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ଅଏଡ଼ା କଲେଜ ପ୍ରତିଷ୍ଠା ଓ ପରବର୍ତ୍ତୀ ସମୟରେ +୨ କଲେଜର ଉନ୍ନତି ପାଇଁ ସ୍ୱର୍ଗତ କର୍ଣ୍ଣଙ୍କ ଅବଦାନ ଅତୁଳନୀୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ସଭାରେ ପରିଚାଳନା କମିଟିର ସମସ୍ତ ସଭ୍ୟା, ସଭ୍ୟ ତଥା ବିଦ୍ୟାଳୟର ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧାପକ ବିଶ୍ୱରଞ୍ଜନ ବିଶ୍ୱାଳ ସଭା ପରିଚାଳନା କରିଥିଲେ।

### ଟ୍ରାନ୍ସଫର୍ମର ପୋଡି, ଗ୍ରାମବାସୀ ହନ୍ତସନ୍ତ

**ଛେଣ୍ଡିପଦା,୨୩।୬(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ପାଟକମୁଣ୍ଡା ପଞ୍ଚାୟତ ସୁନ୍ଦରପାଳ ଗ୍ରାମର ଦଳିତସାହିରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଦୁଇ ଦିନ ହେବ ପୋଡିଯାଇଥିବାରୁ ଜନସାଧାରଣ ଅସୁବିଧାରେ ଅଛନ୍ତି। ଏ ନେଇ ସାହିର ଜନସାଧାରଣଙ୍କ ପକ୍ଷରୁ ବିଦ୍ୟୁତ୍ ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି। ସେଥିରେ ଦର୍ଶାଯାଇଛି, ଉକ୍ତ ଟ୍ରାନ୍ସଫର୍ମର ଉପରେ ସାହିର ୩୦ରୁ ଉର୍ଦ୍ଧ୍ୱ ପରିବାର ନିର୍ଭର କରିଥାନ୍ତି। ଟ୍ରାନ୍ସଫର୍ମର ପୋଡିଯିବା ଯୋଗୁ ସାହିବାସିନ୍ଦା ରାତିରେ ଅନ୍ଧାରରେ ରହିବା ସହ ପିଲାମାନଙ୍କ ପଢ଼ାରେ ସମସ୍ୟା ସୃଷ୍ଟି ହେଉଛି। ପାନୀୟ ଜଳ ଯୋଗାଣ ହୋଇପାରୁ ନାହିଁ। ତୁରନ୍ତ ବିଦ୍ୟୁତ ସଂଯୋଗ କରିବାକୁ ଉପଭୋକ୍ତାମାନେ ଦାବି କରିଛନ୍ତି।

# ଶିଖର ଛୁଇଁବ ଶୋଭା



- ଅନୁଗୋଳ ସୌନ୍ଦର୍ଯ୍ୟକରଣରେ ଯୋଡ଼ି ହେବ ଆଉ ଏକ ଫର୍ଦ୍ଦ
- ଅମଲାପଡ଼ା ପୋଖରୀରେ ସ୍ଥାନିତ ହେବ ରାମଲିଙ୍ଗେଶ୍ୱରମ୍ ମୂର୍ତ୍ତି
- ଆଖି ଝଲସାଇଦେବ ଲେଜର ଲାଇଟ୍ ଶୋ, ୱାଟର ଡ୍ୟାନ୍ସ

ସଚିତ୍ରମୟ ହୋଇଛି ସହରର ପ୍ରାଚୀର। ପଠନ ମନସ୍କ କରୁଛି ଥାନା ଛକର ଖୋଲା ପୁସ୍ତକ। କୋର୍ଟ ସମ୍ମୁଖରେ ଥିବା ନ୍ୟାୟ ଦେବୀଙ୍କ ନିକିତି ସମାନତା ଓ ନ୍ୟାୟର ବାର୍ତ୍ତା ଦେଉଥିବାବେଳେ ଷ୍ଟାଡିୟମ ଗେଟ୍ ପାର୍ଶ୍ୱସ୍ଥ ହକିଷ୍ଟିକ୍ କ୍ରୀଡ଼ାବିତ୍‌ଙ୍କ ମଧରେ ଉତ୍ସାହ ଭରୁଛି। ବିଇଡି ଛକରେ ନିର୍ମାଣ ହୋଇଥିବା ତବଲା ସଂସ୍କୃତି ପ୍ରତି ସ୍ପୃହା ଆଣୁଥିବାବେଳେ ଶିଶୁ ଉଦ୍ୟାନର ରୋବଟ୍ ବିଜ୍ଞାନ ଦିଗରେ ପିଲାଙ୍କ ପ୍ରେରଣା ସାଜିଛି। ତାମଡା କଲ୍ୟାଣ ମଣ୍ଡପ ସାମ୍ନା ସୂର୍ଯ୍ୟ ନମସ୍କାର ହେଉ କି ସ୍ୱାସ୍ଥ୍ୟପ୍ରତି ସଚେତନ କରୁଥିବା ହେଲ୍‌ଥ କରିଡର, ଅନୁଗୋଳ ସହରର ଶୋଭାକୁ ବହୁଗୁଣରେ ବଢ଼ାଇ ଦେଉଛି।




**ଅନୁଗୋଳ ଅଫିସ, ୨୩।୬**
**(ଅମିତ କୁମାର ସାମଲ)**

ସୌନ୍ଦର୍ଯ୍ୟର ସହର ହେବ ଅନୁଗୋଳ। ଏ ଦିଗରେ ଫର୍ଦ୍ଦ ପରେ ଫର୍ଦ୍ଦ ଯୋଡୁଛି ଜିଲା ଓ ପୌର ପ୍ରଶାସନ। ରାଜ୍ୟ ସରକାରଙ୍କ ଭରପୂର ସହଯୋଗରେ ଆଗେଇ ଚାଲିଥିବା ଏହି କାର୍ଯ୍ୟରେ ଏବେ ସାମିଲ ହେବାକୁ ଯାଉଛି ଅମଲାପଡ଼ାସ୍ଥିତ ପୋଖରୀ। ୨.୪୫ ଏକର ବିଶିଷ୍ଟ ଏହି ଜଳଉତ୍ସର ପୁନରୁଦ୍ଧାର ସହ ଏହାକୁ ଆଦର୍ଶ ପୋଖରୀରେ ପରିଣତ କରାଯିବ। ମଝିରେ ରାମଲିଙ୍ଗେଶ୍ୱରମ୍ ମୂର୍ତ୍ତି ସ୍ଥାନିତ ହେବ। ଲେଜର ଲାଇଟ୍ ଶୋ' ସାଙ୍ଗକୁ ୱାଟର ଡ୍ୟାନ୍ସ ସହରବାସୀଙ୍କ ମନରେ ସତେଜତା ଭରିଦେବ। ଆସନ୍ତା ଜୁଲାଇ ମାସରେ ଏହାର ମୂଳଦୁଆ ପଡ଼ିଲେ ସହରର ଶୋଭା ଶିଖର ଛୁଇଁବ।



ସୌନ୍ଦର୍ଯ୍ୟକରଣ ହେବାକୁ ଥିବା ଅମଲାପଡ଼ାସ୍ଥିତ ପୋଖରୀ।

ଅନୁଗୋଳ ସହରରେ ଥିବା ୧୪ଟି ବନ୍ଧ (ବଡ଼ ପୋଖରୀ)ର ପର୍ଯ୍ୟାୟକ୍ରମେ ପୁନରୁଦ୍ଧାର ହେବ। ସେଥିମଧ୍ୟରୁ ଅମଲାପଡ଼ାର ପୋଖରୀକୁ ଆଦର୍ଶ ପୋଖରୀ କରାଯାଇ ପ୍ରଥମେ ସୌନ୍ଦର୍ଯ୍ୟକରଣ କରାଯିବ। ଏଥିପାଇଁ ମୋଟ ୫ କୋଟି ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ସହ ଦୁଇ ଥର ଭିଡିଓ କନଫରେନ୍ସ ଯୋଗେ ଆଲୋଚନା ସରିଛି। ପୌରପାଳିକା ପକ୍ଷରୁ ଡିଟେଲ୍ଡ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କରାଯାଇ ଅନୁମୋଦନ ନିମନ୍ତେ ସରକାରଙ୍କ ନିକଟକୁ ପଠାଯାଇଛି। ରାଜ୍ୟ ସରକାରଙ୍କ ଅନୁମୋଦନ ଲାଭ କରିବା ପରେ କାର୍ଯ୍ୟ ଆରମ୍ଭ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଆଦର୍ଶ ପୋଖରୀକୁ ଯେପରି ସୁନ୍ଦରତାରେ ଭରିଦିଆଯିବ ସେଥିପାଇଁ ନାନା ଯୋଜନା ହୋଇଛି। ବିଶେଷକରି ପୋଖରୀ ଭିତରେ ଶିବଙ୍କର ଏକ ବିରାଟ ମୂର୍ତ୍ତି ସ୍ଥାନିତ କରାଯିବ। ଆଖି ଝଲସାଇଦେବା ଭଳି ଲେଜର ଲାଇଟ୍ ଶୋ ଏବଂ ୱାଟର ଡ୍ୟାନ୍ସ ରହିବ। ସନ୍ଧ୍ୟା ସମୟରେ ଏଠାକାର ଦୃଶ୍ୟ ସହରବାସୀଙ୍କ ସହ ପର୍ଯ୍ୟଟକଙ୍କ ମନ ଜିଣିନେବ। ରଙ୍ଗ ବେରଙ୍ଗର ଆଲୋକ ଓ ମ୍ୟୁଜିକ୍ ବ୍ୟବସ୍ଥା ଦର୍ଶକଙ୍କୁ ଝୁମାଇ ଦେବ। ଏକସଙ୍ଗରେ ୩ଶହ ଲୋକ ବସି କିପରି ଏହି ଶୋ'ର ମଜା ନେଇପାରିବେ ସେ ନେଇ ବ୍ୟବସ୍ଥା କରାଯିବ। ପୋଖରୀ ପାର୍ଶ୍ୱରେ ଥିବା ବିଭିନ୍ନ ସ୍ଥାନକୁ ବିକଶିତ କରାଯାଇ ନୂଆ ରୂପ ଦିଆଯିବ। ପାର୍କିଂ ଠାରୁ ଆରମ୍ଭ କରି ପାର୍କ, ପିଲାଙ୍କ ମନୋରଞ୍ଜନ ପାଇଁ କିଟ୍ ଜୋନ୍ ରହିବ। ଶିଶୁମାନଙ୍କ ଖେଳିବା ପାଇଁ ବିଭିନ୍ନ ଉପକରଣ ରଖାଯିବ। ପାୱାର ଗାର୍ଡେନ୍, ଫୁଡ୍ କୋର୍ଟ ମଧ୍ୟ କରାଯିବ। ସହରର ଶୋଭା ବୃଦ୍ଧିରେ ସହାୟ ହେବାକୁ ଥିବା ଏହି ଆଦର୍ଶ ପୋଖରୀକୁ କିଭଳି ରାଜ୍ୟରେ ପ୍ରଥମ ସ୍ଥାନ ଦିଆଯାଇପାରିବ ସେଥିପାଇଁ ଉନ୍ନତମାନର ସରଞ୍ଜାମ ଖଞ୍ଜିବାକୁ ଅନୁଗୋଳ ଜିଲା ଓ ପୌର ପ୍ରଶାସନ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି।

#### ଆଦର୍ଶ ପୋଖରୀ କରାଯିବ



"ଅମଲାପଡ଼ାର ପୋଖରୀକୁ ଆଦର୍ଶ ପୋଖରୀ ଭାବେ ଗଢ଼ାଯିବ। ରାଜ୍ୟ ସରକାରଙ୍କ ଅମୃତ ୨.୦ ଯୋଜନାରେ ଏହା ନିର୍ମାଣ ହେବ। ଏଠାରେ ରାମଲିଙ୍ଗମ୍ ଭଳି ବ୍ୟବସ୍ଥା କରାଯିବ। ଲେଜର ଲାଇଟ୍ ସହ ୱାଟର ଡ୍ୟାନ୍ସ ଲୋକଙ୍କୁ ମନ୍ତ୍ରମୁଗ୍ଧ କରିବ।

-ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ

#### ସୌନ୍ଦର୍ଯ୍ୟରେ ଅନୁଗୋଳ ଏକ ନମ୍ବର ହେବ



"ଅନୁଗୋଳର ଚିତ୍ର ଏବେ ଧୀରେ ଧୀରେ ବଦଳିବାରେ ଲାଗିଛି। ଦିନକୁ ଦିନ ସହର ନବବଧୂ ଭଳି ସଜେଇ ହେଉଛି। ଏବେ ପୁଣି ପୌର ପ୍ରଶାସନ କରିଥିବା ନୂତନ ଯୋଜନାକୁ ସ୍ୱାଗତ କରୁଛୁ। ସୌନ୍ଦର୍ଯ୍ୟକରଣରେ ଆଗାମୀ ଦିନରେ ଅନୁଗୋଳ ରାଜ୍ୟରେ ଏକ ନମ୍ବର ହେବ।

-ଟ୍ୱିଙ୍କିଲ ସାହୁ, ଅନୁଗୋଳ

#### ମ୍ୟୁଜିକାଲ ଫାଉଣ୍ଟେନ ବଡ଼ ପଦକ୍ଷେପ



"ଅନୁଗୋଳରେ ମ୍ୟୁଜିକାଲ ଫାଉଣ୍ଟେନ ହେବ ଶୁଣି ଖୁସି ଲାଗୁଛି। ଏହା ଅନୁଗୋଳର ସୌନ୍ଦର୍ଯ୍ୟ ବଢ଼ାଇବା ଦିଗରେ ଏକ ବଡ଼ ପଦକ୍ଷେପ ହେବ। ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ଯାଏ ସମସ୍ତଙ୍କୁ ଏହା ମନୋରଞ୍ଜନର ଖୋରାକ ଯୋଗାଇବ। ଲୋକେ ଏହା ଦେଖିବାକୁ ନିଶ୍ଚିତ ଆଗ୍ରହ ପ୍ରକାଶ କରିବେ।

-ଆଶୁତୋଷ ବିଶ୍ୱାଳ, ଅନୁଗୋଳ

#### ବ୍ୟବସ୍ଥିତ କରାଯାଇ ସୌନ୍ଦର୍ଯ୍ୟ ବଢ଼ାଯାଉ



"ଅମଲାପଡ଼ା ପୋଖରୀକୁ ସୌନ୍ଦର୍ଯ୍ୟକରଣରେ ସାମିଲ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଏଠାରେ ଏକ ସମସ୍ୟା ରହିଛି। ବିଭିନ୍ନ ସ୍ଥାନରୁ ଆସୁଥିବା ଆବର୍ଜନା ପାଣି ଉକ୍ତ ପୋଖରୀରେ ମିଶୁଥିବାରୁ ପାଣି ଖରାପ ହେଉଛି। ତେଣୁ ଉକ୍ତ ଆବର୍ଜନା ପାଣି କିଭଳି ଆଦର୍ଶ ପୋଖରୀରେ ନ ମିଶିବ, ସେ ନେଇ ବ୍ୟବସ୍ଥା କରାଯିବା ପରେ ସୌନ୍ଦର୍ଯ୍ୟକରଣ କଲେ ଭଲ ହେବ। ସହରର ଜଳଉତ୍ସ ସୁରକ୍ଷିତ ରହିବା ସହ ଜବରଦଖଲକୁ ଯିବନାହିଁ।

-ଭକ୍ତି ପ୍ରସାଦ ଦାସ, ପୂର୍ବତନ ନଗରପାଳ, ଅନୁଗୋଳ

## ଋଣ ଟଙ୍କା ହଡ଼ପ ଅଭିଯୋଗର ତଦନ୍ତ

**ଛେଣ୍ଡିପଦା,୨୩।୬(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଟାଙ୍ଗୁଡିଆ ପଞ୍ଚାୟତ ସନ୍ତରାବନ୍ଧ ଗ୍ରାମର ମା'ଦୁର୍ଗାବାହିନୀ ସ୍ୱୟଂ ସହାୟକ ଗୋଷ୍ଠୀର କୁକୁଡ଼ା ଫାର୍ମ ଋଣ ଟଙ୍କା ହଡପ ହୋଇଥିବା ଅଭିଯୋଗ ହୋଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ଏହି ଘଟଣାର ତଦନ୍ତ କରାଯାଇଛି। ଅଭିଯୋଗରୁ ପ୍ରକାଶ ଯେ, ଉକ୍ତ ଗୋଷ୍ଠୀର ସଦସ୍ୟାମାନେ ଏକ କୁକୁଡ଼ା ଫାର୍ମ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଏପରି କି ଗୋଷ୍ଠୀର ସଦସ୍ୟ ତଇ ସାହୁଙ୍କ ସ୍ୱାମୀ ହୃଷୀକେଶ ସାହୁଙ୍କ ନାମରେ ଥିବା ଖାତା ନଂ. ୬୫୭, ପ୍ଲଟ ନଂ. ୧୨୯୩ରେ କୁକୁଡା ଫାର୍ମ କରିବା ନିମନ୍ତେ ଚୁକ୍ତି ପତ୍ର କରାଯାଇଥିଲା। କିନ୍ତୁ ଗୋଷ୍ଠୀର ସମ୍ପାଦିକା ଗୀତାଞ୍ଜଳି ବେହେରା ଅନ୍ୟ ଏକ କୁକୁଡା ଫାର୍ମ ଦେଖାଇ ବ୍ୟାଙ୍କରୁ ୧ ଲକ୍ଷ ୪୪ ହଜାର ଟଙ୍କା ଉଠାଇ ନେଇଯାଇଥିବା ଗୋଷ୍ଠୀ ସଦସ୍ୟାମାନେ ଜାଣିବାକୁ ପାଇଥିଲେ। ଏ ନେଇ ସେମାନେ ସମ୍ପାଦିକାଙ୍କୁ ପଚାରିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ତେଣୁ ଏ ନେଇ ସେମାନେ ଗତ ସୋମବାର ବିଡିଓ ଏବଂ ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଗୁରୁବାର ପୂର୍ବାହ୍ନ ୧୧ଟାରେ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ କରାଯାଇଥିଲା। ଟାଙ୍ଗୁଡିଆ ପଞ୍ଚାୟତ କାର୍ଯ୍ୟାଳୟରେ ବୈଠକ ବେଳେ ସଂଘର ସଭାବହି ଓ ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଏଥିରେ ତ୍ରୁଟି ଥିବାରୁ ତଦନ୍ତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି। ଏହି ତଦନ୍ତକାରୀ ଟିମ୍‌ରେ ବିଡିଓଙ୍କ ସମେତ ଟାଙ୍ଗୁଡିଆ ସରପଞ୍ଚ, ବ୍ଲକ ପ୍ରାଣୀଧନ ଅଧିକାରୀ, ମିଶନ ଶକ୍ତିର ଅଧିକାରୀ ଓ ବିପିଏମ୍ ପ୍ରମୁଖ ସାମିଲ ଥିଲେ।



ବିଡିଓଙ୍କ ନେତୃତ୍ୱରେ ଗଠିତ ଟିମ୍ ତଦନ୍ତ କରୁଛନ୍ତି।

## ଘରପୋଡ଼ି ଅଭିଯୋଗରେ ଜଣେ ଗିରଫ

**ଛେଣ୍ଡିପଦା,୨୩।୬(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପୋଲିସ ପାଟକମୁଣ୍ଡା ପଞ୍ଚାୟତ ବାଘୁଆବୋଲ ଗ୍ରାମରେ ଘରପୋଡ଼ି ଅଭିଯୋଗରେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଘୁଆବୋଲ ଗ୍ରାମର ଜମ୍ମେଶ୍ୱର ଦେହୁରୀ। ପୋଲିସ କହିଛି, ବାଘୁଆବୋଲ ଗ୍ରାମ ନିକଟରେ ଏକ ପାଣଟାଙ୍କି ନିର୍ମାଣ ହେଉଛି। ଉକ୍ତ ପାଣିଟାଙ୍କିରେ ଜମ୍ମେଶ୍ୱର ଜଗୁଆଳି ଭାବେ କାର୍ଯ୍ୟ କରିବା ସହିତ ଏକ ଅସ୍ଥାୟୀ ଜରିପାଲ ଟଣା ଘର କରିଥିଲେ। ଜରପାଲଟି ଚୋରି ହୋଇଯିବାରୁ ଏ ନେଇ ଜମ୍ମେଶ୍ୱର ସେହି ଗ୍ରାମର ଅଶୋକ କୁମାର ନାଏକଙ୍କୁ ସନ୍ଦେହ କରିଥିଲେ। ତାଙ୍କ ଘରକୁ ଯାଇ ଜାତିଆଣ ମନ୍ତବ୍ୟ ଦେବା ସହିତ ଗାଳିଗୁଲଜ କରି ପଳାଇଯାଇଥିଲେ। ତେବେ ସମବାୟ ନିର୍ବାଚନର ପୂର୍ବଦିନ ଅଶୋକ ନାଏକଙ୍କ ପରିବାର ଲୋକେ ଅଗଣାରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଜମ୍ମେଶ୍ୱର ଘରେ ନିଆଁଲଗାଇ ଦେଇ ପଳାଇଯାଇଥିଲେ। ଏ ନେଇ ଅଶୋକ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୯୯/୨୨ରେ ଏକ ମାମଲା ରୁଜୁ କରିଥିଲା। ଅନୁଗୋଳ ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା ଓ ବାଗଡିଆ ଫାଣ୍ଡି ଅଧିକାରୀ ଆଶିଷ କୁମାର ଦାଶ ଘଟଣାର ତଦନ୍ତ କରିବା ସହିତ ଜମ୍ମେଶ୍ୱର ଦେହୁରୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛନ୍ତି।

## ଦିନରେ ଚୁଡ଼ି ବ୍ୟବସାୟ, ରାତିରେ ଚୋରି

**ଅନୁଗୋଳ ଅଫିସ, ୨୩।୬**

ଅନୁଗୋଳ ଥାନା ଅଞ୍ଚଳରେ ରହୁଥିବା ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ଡ. ସାର୍ଥକ ଷଡ଼ଙ୍ଗୀଙ୍କ ବାସଭବନରୁ ଚନ୍ଦନ ଗଛ ଚୋରି ହୋଇଥିଲା। ସେହିଭଳି ମହୀଧରପୁର ଫାଣ୍ଡି ଅଞ୍ଚଳର ଦିଲୀପ କୁମାର ନାଥଙ୍କ ବିଲ ହୁଡ଼ାରୁ ମଧ୍ୟ ଗୋଟିଏ ଚନ୍ଦନ ଗଛ ଚୋରି ହୋଇଥିଲା। ଏହି ୨ଟି ଘଟଣାରେ ଅନୁଗୋଳ ପୋଲିସକୁ ସଫଳତା ମିଳିଛି। ଏଥିରେ ମଧ୍ୟପ୍ରଦେଶ ରାଜ୍ୟର ୨ ଅଭିଯୁକ୍ତ ଭିଦେ ପରଧୀ(୨୨) ଓ ଶେଖର ପରଧୀ(୨୦)ଙ୍କ ସମ୍ପୃକ୍ତି ଥିବାର ପ୍ରମାଣ ପାଇବା ପରେ ପୋଲିସ ଉଭୟଙ୍କୁ ନଂ. ୩୩୯/୨୨ ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ୧୧ ଖଣ୍ଡ କାଠ ଓ ୩ଟି ମୋଟରସାଇକେଲ (ନଂ. ଓଡି୧୯ୟୁ-୩୫୭୨, ଓଡି୧୯ୟୁ-୩୧୯୭, ଏମ୍‌ପି୩୪ ଏମ୍‌ଏନ-୭୯୮୬)କୁ ଜବତ କରାଯାଇଥିବା ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୧୭ ତାରିଖ ବିଳମ୍ବିତ ରାତିରେ ମହୀଧରପୁର ଫାଣ୍ଡି ଅଞ୍ଚଳର ଦିଲୀପ କୁମାର ନାଥଙ୍କ ବିଲ ହୁଡ଼ାରୁ ଚନ୍ଦନ ଗଛ ଦୁର୍ବୃତ୍ତମାନେ କାଟି ନେଇଥିଲେ। ଏହାପରେ ଡିଆଇଜି ଡ. ସାର୍ଥକ ଷଡ଼ଙ୍ଗୀ କ୍ୱାର୍ଟର୍ସ ପରିସରରୁ ଗତ ସୋମବାର ରାତିରେ ଚନ୍ଦନ ଗଛ କାଟି ଥିବାବେଳେ ସୁରକ୍ଷାକର୍ମୀ ଉଠି ପଡ଼ିବାରୁ ଦୁଇ ଖଣ୍ଡ କାଠ ଧରି ଚମ୍ପଟ ମାରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏବେ ୨ ଅଭିଯୁକ୍ତ ଧରାପଡ଼ିବା ପରେ ପୋଲିସ ହାତରେ ଚାଞ୍ଚଲ୍ୟକର ତଥ୍ୟ ଲାଗିଛି। ଗିରଫ ଅଭିଯୁକ୍ତ ପରିବାର ସହ ଅନୁଗୋଳ ସଦର ଥାନା ପଞ୍ଚମହଲାରେ ରହିଥିଲେ। ଦିନରେ ସେମାନେ ଚୁଡ଼ି ବ୍ୟବସାୟ କରୁଥିବାବେଳେ ରାତିରେ ଚୋରି କରୁଥିଲେ। ସକାଳେ ବେପାର ବାହାନାରେ ଆସି ଜାଗା ଚିହ୍ନଟ କରି ରାତିରେ ସୁବିଧା ଦେଖି ଚନ୍ଦନ ଗଛକୁ କାଟି ନେଉଥିଲେ। ଏଭଳି ଘଟଣା ଅନୁଗୋଳ ପୋଲିସ ପାଇଁ ନୂଆ ହୋଇଥିବାରୁ ଏହାକୁ ଗୁରୁତ୍ୱର ସହ ନିଆଯାଇଛି। ଡିଆଇଜିଙ୍କ କ୍ୱାର୍ଟର୍ସରୁ ଚନ୍ଦନ ଗଛ ଚୋରି ଘଟଣାରେ ଅନୁଗୋଳ ଥାନା ଏସ୍‌ଆଇ ଅବଦୁଲ ୱାସିମ୍ ଖାନ୍ ତଦନ୍ତ କରି ଏହି ଆନ୍ତଃରାଜ୍ୟ ଦୁର୍ବୃତ୍ତଙ୍କ ସନ୍ଧାନ ପାଇଥିଲେ। ଏହାପରେ ଗୁରୁବାର ସକାଳେ ପଞ୍ଚମହଲାରେ ଚଢ଼ାଉ କରି ୨ ଜଣଙ୍କୁ କାବୁ କରି ଥାନାକୁ ଆଣି ପଚରା ଉଚରା କରି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ।




ଅନୁଗୋଳ ପୋଲିସ ୨ ଅଭିଯୁକ୍ତଙ୍କୁ ହାଜର କରାଇଛି।

**ଧରାହେଲେ ୨ ଅଭିଯୁକ୍ତ, ୧୧ ଖଣ୍ଡ କାଠ ଜବତ**

## ଗୌରବ ଆଣିଲେ ତାଳଚେର ଝିଅ

**ତାଳଚେର,୨୩।୬(ନି.ପ୍ର.)**

**ଅନ୍ତଃରାଷ୍ଟ୍ରୀୟ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ**

ନେପାଳର କାଠମାଣ୍ଡୁଠାରେ ଅନୁଷ୍ଠିତ ହୋଇଯାଇଥିବା ଅଷ୍ଟମ ଅନ୍ତଃରାଷ୍ଟ୍ରୀୟ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ ହୋଇ ଦେଶ ପାଇଁ ଗୌରବ ଆଣିଛନ୍ତି ଅନୁଗୋଳ ଜିଲା ତାଳଚେରର ଝିଅ ଶ୍ରୀୟା ଶୁଭଦର୍ଶିନୀ ପଣ୍ଡା। ଏହି ଖବର ଜଣାପଡ଼ିବା ପରେ ଏବେ ଶ୍ରୀୟାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି। ଏମ୍‌ସିଏଲ୍‌ର ଅନନ୍ତ ଡିସପେନ୍ସରିର ଡାକ୍ତର ତ୍ରିନାଥ ପଣ୍ଡା ଓ ମିନତି ପଣ୍ଡାଙ୍କ ଝିଅ ଶ୍ରୀୟା ଏବେ ଭୁବନେଶ୍ୱରର ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲରେ ଦଶମ ଶ୍ରେଣୀର ଛାତ୍ରୀ। ପିଲାବେଳୁ ସେ ପାଠରେ ଯେମିତି ପାରଙ୍ଗମ, ନୃତ୍ୟ କଳାରେ ମଧ ସେତିକି ନିପୁଣ। ମାତାପିତାଙ୍କଠାରୁ ଆବଶ୍ୟକ ପ୍ରୋତ୍ସାହନ ପାଇଥିବା ଶ୍ରୀୟା ବିଭିନ୍ନ ନୃତ୍ୟ ପ୍ରତିଯୋଗିତାରେ ପାରଦର୍ଶିତା ଦେଖାଇବା ପରେ ଜିଲା ଓ ରାଜ୍ୟରେ ତାଙ୍କର ପ୍ରତିଭା ପ୍ରଦର୍ଶନ କରି ବହୁ ପୁରସ୍କାର ହାସଲ କରିଛନ୍ତି। ତେବେ ଗତମାସ ୨୮ ଓ ୨୯ ତାରିଖରେ ମିଳିଥିବା ଅନ୍ତଃରାଷ୍ଟ୍ରୀୟ ସଫଳତା ତାଙ୍କୁ ସମସ୍ତଙ୍କ ନିକଟରେ ପରିଚିତ କରାଇଦେଇଛି। ଆଗାମୀ ଦିନରେ ନୃତ୍ୟରୁ ଅନେକ କିଛି ଶିଖିବେ ବୋଲି ଶ୍ରୀୟା ସୂଚନା ଦେଇଛନ୍ତି।



ଶ୍ରୀୟା ଶୁଭଦର୍ଶିନୀ ପଣ୍ଡା।

## ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ, ପରଷା

- ଖାଦ୍ୟରେ ଅବ୍ୟବସ୍ଥା ଦେଖି ଜନସ୍ୱାସ୍ଥ୍ୟ ଅଧିକାରୀ ଖପ୍ପା
- ଅନୁଗୋଳ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ
- ଜରିମାନା ଆଦାୟ କଲେ, ସୁଧାରିବାକୁ ଚେତାବନୀ ଦେଲେ

**ଅନୁଗୋଳ ଅଫିସ, ୨୩।୬**

ଅନୁଗୋଳ ସହରର ବିଭିନ୍ନ ସ୍ଥାନରେ ଅସ୍ୱାସ୍ଥ୍ୟକର ପରିବେଶ ସହ ନର୍ଦ୍ଦମା ଓ ଡ୍ରେନ୍ ଉପରେ ଖାଦ୍ୟ ପ୍ରସ୍ତୁତ ହେଉଛି। ହୋଟେଲ ଓ ଦୋକାନକୁ ଆସୁଥିବା ଗ୍ରାହକଙ୍କୁ ଏହା ପରଷା ଯାଉଛି। ଏଭଳି ଦୃଶ୍ୟ ଗୁରୁବାର ମଧ୍ୟାହ୍ନରେ ଅନୁଗୋଳ ଜିଲା ଜନସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ଚଢ଼ାଉ ସମୟରେ ଦେଖିବାକୁ ପାଇଛନ୍ତି। ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସ୍ୱରୂପ ବିଭିନ୍ନ ଦୋକାନରୁ ଜରିମାନା ଆଦାୟ କରିଛନ୍ତି। କେତେଜଣ ଦୋକାନୀଙ୍କୁ ପରିଷ୍କାର ପରିଚ୍ଛନ୍ନ ପରିବେଶରେ ଖାଦ୍ୟ ପ୍ରସ୍ତୁତ ଓ ପରଷିବାକୁ ତାଗିଦ୍ କରିଛନ୍ତି।

ଅନୁଗୋଳ ସହରର ବିଭିନ୍ନ ହୋଟେଲ, ଦୋକାନ ଉପରେ ଜିଲା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନଞ୍ଜୟ ବେହେରା, ଖାଦ୍ୟ ନିରାପତ୍ତା ଅଧିକାରୀ ହରପ୍ରିୟା ବେହେରା, ନୀଳାମ୍ବର ପ୍ରଧାନ ପ୍ରମୁଖ ଏହି ଯାଞ୍ଚ କରିଥିଲେ। ପ୍ରଥମେ ଅମଲାପଡ଼ାର ଏକ ବେକେରିରେ ଚଢ଼ାଉ କରିଥିଲେ। ସେଠାରେ ଖାଦ୍ୟ ନିରାପତ୍ତା ପ୍ରମାଣପତ୍ର ନ ଥିବାରୁ ୨ ହଜାର ଟଙ୍କା ଜରିମାନା କରିଥିଲେ। ସେହିପରି ଅମଲାପଡ଼ାରେ ଥିବା ଏକ କ୍ୟାଟରିଙ୍ଗରେ ଚଢ଼ାଉ ବେଳେ ମୁକୁଳା ଡ୍ରେନ୍ ଉପରେ ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ଦେଖିବାକୁ ପାଇଥିଲେ। ଏହି ସମୟରେ କ୍ୟାଟରିଂ ମାଲିକ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନାଲି ଆଖି ଦେଖାଇଥିଲେ। ତେବେ ଜନସ୍ୱାସ୍ଥ୍ୟ ଅଧିକାରୀ ତାହାକୁ ଖାତିର ନ କରି ବ୍ୟବସାୟୀଙ୍କୁ ତାଗିଦ କରିବା ସହ ଲାଇସେନ୍ସ ରଦ୍ଦ କରାଯିବ ବୋଲି କହିଥିଲେ। ପରେ ବସ୍‌ଷ୍ଟାଣ୍ଡରେ ଥିବା ଏକ ହୋଟେଲରେ ଚଢ଼ାଉ ହୋଇଥିଲା। ନର୍ଦ୍ଦମା ଉପରେ ଖାଇବା ଥାଳି ଧୁଆ ହେଉଥିବାବେଳେ ଡ୍ରେନ୍ ପାଖରେ ଖାଦ୍ୟ ପ୍ରସ୍ତୁତ ହେଉଥିଲା। ଏଭଳି ଅସ୍ୱାସ୍ଥ୍ୟକର ପରିବେଶ ଦେଖି ଚଢ଼ାଉ ଟିମ୍ ଖପ୍ପା ହୋଇଥିଲେ। ରଥଯାତ୍ରା ପୂର୍ବରୁ ଅସ୍ୱାସ୍ଥ୍ୟକର ପରିବେଶ ନ ସୁଧୁରିଲେ ଦୋକାନକୁ ସିଲ୍ କରାଯିବ ବୋଲି ବିଭାଗୀୟ ଅଧିକାରୀ ଚେତାବନୀ ଦେଇଥିଲେ। ଏଥିସହ ୨ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ସେହିପରି ଗାନ୍ଧୀ ମାର୍ଗରେ ଥିବା ଏକ କାଫେରେ ମଧ୍ୟ ଚଢ଼ାଉ ହୋଇଥିଲା। ଏଠାରେ ଖାଦ୍ୟର ମାନ ଓ ପରିବେଶ ଠିକ୍ ନ ଥିବା ଦେଖି ଯାଞ୍ଚକାରୀ ଟିମ୍ ଚେତାବନୀ ଦେଇ ମହିଳା ମହାବିଦ୍ୟାଳୟ ନିକଟରେ ଥିବା ଏକ ବେକେରିରେ ଚଢ଼ାଉ କରିଥିଲେ। ସେଠାରେ ମଧ୍ୟ ସମାନ ଅବସ୍ଥା ଦେଖି ତାଗିଦ୍ କରାଯାଇଥିଲା। ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନଞ୍ଜୟ ବେହେରା କହିଛନ୍ତି, ବିଭିନ୍ନ ସ୍ଥାନରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଥିବା ଦେଖିବାକୁ ମିଳିଛି। ସେଥିପାଇଁ ବ୍ୟବସାୟୀମାନଙ୍କୁ ତାଗିଦ୍ ସହ ଜରିମାନା ଆଦାୟ କରାଯାଇଛି। ଆଗକୁ ରଥଯାତ୍ରା ଆସୁଥିବାରୁ ପୁଣି ଯାଞ୍ଚ ହେବ। ଯଦି ବ୍ୟବସ୍ଥାରେ ସୁଧାର ଆଣି ନ ଥିବେ, ତେବେ ଦୋକାନଗୁଡ଼ିକୁ ସିଲ୍ କରାଯାଇ ଲାଇସେନ୍ସ ରଦ୍ଦ କରାଯିବ ବୋଲି ବେହେରା ପ୍ରକାଶ କରିଛନ୍ତି।



ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରର ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଉଛି।

## ସଂକ୍ଷେପରେ

### ଜେସିବି, ୨ ଟ୍ରାକ୍ଟର ଜବତ

ପାଲଲହଡା,୨୩।୬(ଡି.ଏନ.ଏ.): ପାଲଲହଡା ଉପଖଣ୍ଡ ବଧମୁଣ୍ଡା ଗ୍ରାମ ନିକଟରେ ତହସିଲ ବିଭାଗ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇ ୨ଟି ଟ୍ରାକ୍ଟର ଏବଂ ଗୋଟିଏ ଜେସିବି ମେସିନ ଜବତ କରାଯାଇଛି। ସୂଚନା ଅନୁସାରେ, ମୋରମ ଚୋରାଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବରପାଇ ପାଲଲହଡା ଆଡିସନାଲ ତହସିଲଦାର ଦାମୋଦର ପ୍ରଧାନ ସନ୍ଧ୍ୟାବେଳେ ବଧମୁଣ୍ଡା ଅଞ୍ଚଳରେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ଗୋଟିଏ ଜେସିବି ମେସିନ, ମୋରମ ଭର୍ତ୍ତି ଦୁଇଟି ଟ୍ରାକ୍ଟର ଜବତ କରି ପାଲଲହଡା ଥାନାରେ ଜିମା ଦେଇଥିଲେ। ଗାଡି ମାଲିକଙ୍କ ପରିଚୟ ମିଳି ପାରିନାହିଁ। ଶୁକ୍ରବାର ତହସିଲଦାରଙ୍କ ଅଦାଲତରେ ଏହାର ବିଚାର ହେବ। ସରକାରୀ ନିୟମ ମୁତାବକ ଏପରି ବେଆଇନ କାରବାରରେ ସମ୍ପୃକ୍ତ ଟ୍ରାକ୍ଟର ପାଇଁ ୨୫ ହଜାର ଟଙ୍କା ଏବଂ ଜେସିବି ମେସିନ ପାଇଁ ୫୦ ହଜାର ଟଙ୍କାର ଜରିମାନା ନିୟମ ଥିବା ଆଡିସନାଲ ତହସିଲଦାର ପ୍ରଧାନ ପ୍ରକାଶ କରିଛନ୍ତି।

# ୪ର୍ଥ ଦିନରେ ଜମିହରାଙ୍କ ଧାରଣା

**କଣିହାଁ,୨୩।୬(ଡି.ଏନ.ଏ.)**

କଣିହାଁ ଖୋଲାମୁହଁ କୋଇଲା ଖଣି ଦ୍ୱାରା ଜମି ଓ ଭିଟାମାଟି ହରାଇଥିବା କଂସମୁଣ୍ଡା ଗ୍ରାମର ଅଧିବାସୀଙ୍କ ଆନ୍ଦୋଳନ ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଛି। ଜଗଡ଼ା ସାଇଡ୍ ଟାଇମ ଅଫିସ ପାଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ସେମାନେ ବସି ଥିବାବେଳେ ଅଧିକାର ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଜମିହରା ପ୍ରଜା କହିଛନ୍ତି। ଏହି ଆନ୍ଦୋଳନର ତୃତୀୟ ଦିନରେ ଧାରଣାରେ ବସିଥିବା ମହିଳା ଇନ୍ଦୁମତୀ ପ୍ରଧାନ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଦ୍ୱାରା କଣିହାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ଗୁରୁବାର ସେ ପୁଣି ଧାରଣା ସ୍ଥଳରେ ସାମିଲ ହୋଇଥିଲେ। ୯ନଂ ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ ଏହି ଆନ୍ଦୋଳନକୁ ସମର୍ଥନ କରି ଏଥିରେ ସାମିଲ ହୋଇଥିଲେ। ଯେ ପର୍ଯ୍ୟନ୍ତ ଜମିହରା ପ୍ରଜାଙ୍କୁ ନ୍ୟାର୍ଯ୍ୟ ଅଧିକାର ନ ମିଳିଛି, ସେ ପର୍ଯ୍ୟନ୍ତ ସମର୍ଥନ ଜାରି ରହିବ ବୋଲି ଜିଲା ପରିଷଦ ସଦସ୍ୟ ସାହୁ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଜମିହରା ପ୍ରଜାଙ୍କ ପକ୍ଷରୁ ଏକ ସତ୍ୟପାଠ ଦାଖଲ ପରେ କଟ୍ ଅଫ୍ ତାରିଖ ଘୋଷଣା କରାଯିବ ବୋଲି ଜିଲା ପ୍ରଶାସନ ଓ ଏମ୍‌ସିଏଲ୍ ମହାପ୍ରବନ୍ଧକ କିଶୋର କୁମାର ରାଉଳ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ କଟ୍ ଅଫ ତାରିଖ ଘୋଷଣା ପରେ ଧାରଣାରୁ ଓହରିବେ ବୋଲି ଆନ୍ଦୋଳନକାରୀ ଚେତାଇ ଦେଇଥିଲେ। ଏହି ଧାରଣାରେ ଗ୍ରାମ ସଭାପତି ନନ୍ଦ କିଶୋର ପ୍ରଧାନ, କଣିହାଁ ସରପଞ୍ଚ ରଞ୍ଜିତା ବେହେରା, କୋଲ ମାଇନ୍ସ କ୍ଷତିଗ୍ରସ୍ତ ପବ୍ଲିକ ଟ୍ରଷ୍ଟ ସମ୍ପାଦକ ଦେବେନ୍ଦ୍ର ବାରିକ, ଅମର ନାଏକ, ଗିଲି ବେହେରା, ମହେଶ୍ୱର ପ୍ରଧାନଙ୍କ ସମେତ ଶତାଧିକ ମହିଳା ପୁରୁଷ ସାମିଲ ହୋଇଛନ୍ତି।


ଜମିହରାମାନେ ଆନ୍ଦୋଳନରେ ବସିଛନ୍ତି।


ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ନିର୍ମାଣାଧୀନ ରଥ। (ଫଟୋ– ବୁଲୁ)

# ଷ୍ଟ୍ରଙ୍ଗ୍ ରୁମ୍ ସିଲ୍ ଖୋଲା ନେଇ ଅଭିଯୋଗ

**ଖୁଣ୍ଟା,୨୩।୬(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଚିଁଚିଆ ପଞ୍ଚାୟତରେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମାତ୍ର ୫ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିବା ଜନୈକା ସରପଞ୍ଚ ପ୍ରାର୍ଥିନୀ ପୁନଃଗଣତି ପାଇଁ ଉଚ୍ଚ ନ୍ୟାୟଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ପ୍ରାର୍ଥୀ ଏବଂ ବିଡିଓଙ୍କ ଉପସ୍ଥିତିରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଷ୍ଟ୍ରଙ୍ଗ ରୁମ୍‌ରେ ଭୋଟ ବାକ୍ସ ଗୁଡ଼ିକ ରଖାଯାଇ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଥିଲା। ତେବେ ସରପଞ୍ଚ ପ୍ରାର୍ଥିନୀ ଜଣକ ଉକ୍ତ ଷ୍ଟ୍ରଙ୍ଗ ରୁମର ସିଲ୍ ଖୋଲା ଯାଇଥିବା କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲେ। ଭୋଟବାକ୍ସଗୁଡ଼ିକୁ ପ୍ରଶାସନ ପକ୍ଷରୁ ହେରଫେର କରାଯାଇଥିବା ସେ ଅଭିଯୋଗ ଆଣିଛନ୍ତି। ଏହି ଘଟଣା ସମ୍ପର୍କରେ ଅଭିଯୋଗକାରୀ ତଥା ପରାଜିତ ସରପଞ୍ଚ ପ୍ରାର୍ଥୀ ସୁକାନ୍ତି ବାସ୍କେ ଓ ତାଙ୍କର ସମର୍ଥକମାନେ ବିଡିଓଙ୍କୁ ଦାୟୀ କରି ୨୨ ତାରିଖରେ ଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗକୁ ନେଇ ଥାନା ପକ୍ଷରୁ ତଦନ୍ତ ଜାରି ରହିଥିବା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ପ୍ରକାଶ କରିଛନ୍ତି। ତେବେ ଏ ସମ୍ପର୍କରେ ବିଡିଓ ସଂଗ୍ରାମ କେଶରୀ ଭୋଳଙ୍କୁ ପଚାରିବାରୁ ଉକ୍ତ କୋଠାରେ ୨ଟି କୋଠରୀ ଅଛି। ଗୋଟିଏରେ ଆଧାର କେନ୍ଦ୍ର ଚାଲୁ ରହିଛି ଏବଂ ଅନ୍ୟଟି ଷ୍ଟ୍ରଙ୍ଗ ରୁମ ଭାବେ ବ୍ୟବହାର ହୋଇଛି। ଆଧାର କେନ୍ଦ୍ରକୁ ଆସୁଥିବା କେହି ବ୍ୟକ୍ତି ଷ୍ଟ୍ରଙ୍ଗରୁମର ତାଲାରେ ଲଗାଯାଇଥିବା ଜଉମୁଦକୁ ଉଠାଇ ଦେଇଥିବା ଅନୁମାନ କରାଯାଉଛି। ଏହା ଜଣାପଡ଼ିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ମଧ୍ୟ ଏ ସମ୍ପର୍କରେ ଖୁଣ୍ଟା ଥାନାରେ ଏତଲା ଦିଆଯାଇଥିବା ବିଡିଓ କହିଛନ୍ତି।

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି

ପାଲଲହଡା, ୨୩।୬(ଡି.ଏନ.ଏ.) ପାଲଲହଡ଼ା ଭାଜପା ପକ୍ଷରୁ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଛି। ମଣ୍ଡଳ ସଭାପତି ପଞ୍ଚାନନ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଯୋଗଦେଇ ଫଟୋଚିତ୍ରରେ ପୁଷ୍ପମାଲ୍ୟା ଅର୍ପଣ କରି ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ଲିଙ୍ଗରାଜ ଦାଶ, ବରିଷ୍ଠ ନେତା ତନ୍ମୟ ସାହୁ, ମଧୁସୂଦନ ସାହୁ, ଗୌରୀ ହଇବୁରୁ, ଅନୁସୂୟା ନାୟକ, ହେମ୍ବ୍ରମ ଇଶର ପିଙ୍ଗୁଆ, ଭୀମସେନ ମାଝି, ଦେବାନ ମାଝି, ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ଛାତ୍ର ମୃତ

ପଦ୍ମପୁର, ୨୩।୬(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଲୁଙ୍ଗା ପଞ୍ଚାୟତ ଉରୁଣିଆ ଗ୍ରାମର ଦଶମ ଶ୍ରେଣୀ ଛାତ୍ର ଇନ୍ଦ୍ରଜିତ ବେହେରାଙ୍କର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ଲକ୍ଷ୍ମୀକାନ୍ତ ବେହେରାଙ୍କ ପୁଅ ଇନ୍ଦ୍ରଜିତ ଗୁରୁବାର ପୂର୍ବାହ୍ନରେ ଶୌଚ ହେବାକୁ ବାଡ଼ିକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ନିକଟସ୍ଥ ଏକ ପୋଖରୀରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବାସୁଦେବପୁର ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୮/୨୨) ରୁଜୁ କରିଛି।


**ZILLA SWASTHYA SAMITI (ZSS),Kandhamal**
**Office of the CDM & PHO-cum-District Mission Director, NHM, Kandhamal**
Advt. No.7544/NHM/HR-Out House/2021/039 Date:22.06.2022

**NOTICE**

**No.E-249:**With reference to this office Adv. No.3893, Dated 29.03.2022, the selection process for the Post of Malaria Technical Supervisor (VBDTS) & DPC, RNTCP held on dated. 04.05.2022 & 06.05.2022 respectively is hereby cancelled due to administrative ground.

Sd./- Dr.M.K. Upadhayaya
CDM&PHO-cum-District Mission Director
NHM, Kandhamal
OIPR-10015/11/0001/2223

Advt. No. 1090/ Dt. 21.06.2022

**TENDER CALL NOTICE**

**No.E-248:-** Sealed tenders are invited from the intending reputed firms/ organizations to offer their rated for operation and management of E-Rickshaw for CDM&PHO, Sundargarh. The willing bidders are requested to submit their sealed tender (Technical & financial bid) to the office of the undersigned by speed post/Regd. post on or before Dt.07.07.2022 till 02.00 P.M. The details terms & conditions can be downloaded from the district website- www.sundergarh.nic.in. Any bid submitted after the above schedule date will not be entertained by the undersigned.
The authority reserved the right to accept or reject any or all tenders without assigning any reason thereof.

Sd./- Dr. Saroj Kumar Mishra
CDM & PHO, Sundargarh
OIPR-10100/11/0011/2223

**GOVERNMENT COLLEGE OF ENGINEERING, KEONJHAR**
At: Jamunalia, P.O.: Old Town, Dist.- Keonjhar, Pin: 758002 (Odisha)
Web: www.gcekjr.ac.in / Mail id- principal@gcekjr.ac.in
No.764 Date: 23.06.2022

**WALK-IN INTERVIEW FOR ENGAGEMENT AS GUEST FACULTY**

No.KK-67:- The walk-in interview for engagement of guest faculty (Purely temporary for 2nd, 4th & 6th Semester) will be conducted from 02.07.2022 to 07.07.2022 for different departments and disciplines at Government College of Engineering, Keonjhar. The applicants are required to fill up the Google Form after depositing an application fee online of Rs.500 in the college account. A/C Name- Government College of Engineering, Kronjhar, A/C No. 37140179346, IFS Code. SBIN0000113 by Dt.30.06.2022 positively. For more details and Google Form Link visit the college website: www.gcekjr.ac.in

Sd./- Principal
Government College of Engineering, Keonjhar
OIPR-14088/11/0004/2223

**COMMISSIONERATE OF CT AND GST, ODISHA (AT: CUTTACK)**
**(FINANCE DEPARTMENT, GOVERNMENT OF ODISHA)**
**QUOTATION CALL NOTICE FOR PROCUREMENT OF WINDOWS SERVER OPERATING SYSTEM (CORE BASED LICENSING MODEL) FOR 32 CORES (16 CORES FOR EACH SERVER) FOR CT & GST ORGANISATION**

No. S-07: Details can be seen in our website **https://odishatax.gov.in**.

Sd./- Commissionerate of CT & GST
Odisha (At: Cuttack)
OIPR-05032/11/0003/2223

**ZILLA SWASTHYA SAMITI, KEONJHAR**
**CHIEF DISTRICT MEDICAL & PUBLIC HEALTH OFFICER , KEONJHAR**
**(DISTRICT PROGRAMME MANAGEMENT UNIT, NHM)**
Advt No.: 10076 Date:- 23/06/2022

**TENDER CALL NOTICE**

**No. E-247:-** Sealed tenders are invited from registered suppliers or agencies for supply of IEC materials on health programmes. Details regarding the terms and conditions of tender may be downloaded from the District NIC website i.e. **www.kendujhar.nic.in** up to dt.12/07/2022. The tender document should reach to the office of the undersigned by **12/07/2022 till 05.00 P.M.** through Post/Courier service only along with all the relevant documents, paper cost and E.M.D. The tenders will be opened on dated **13/07/2022 at 11.00 A.M. at Mini Conference Hall, Keonjhar** in presence of the bidders/their authorized representatives. The envelope should be superscribed as "**Tender for supply of IEC Materials on Health Programme**".
The undersigned has reserves the right to reject or cancel any or all the tenders without assigning any reason thereof.

Sd./- Chief District Medical & Public Health Officer, Keonjhar
OIPR-10033/11/0007/2223

**OFFICE OF THE VYASANAGAR MUNICIPALITY VYASANAGAR, JAJPUR**
Email:- vyasanagarmunicipality@gmail.com
Website:-www.ulbodisha.gov.in, Ph.No-06726-220207
No.2201/Dated 22.06.2022

**QUOTATION CALL NOTICE**

**No.C-617:**Sealed quotations are invited from the intending registers firms / advertisement agency towards fixing of hoardings/kiosk boards/ illuminated advertisement boards/ Non-illuminated advertisement boards and other advertising boards on street light poles on road divider from Railway Station to Gopabandhu chhaka, Gopabandhu chhaka to Kanaklata Appartment, Kusunpur and Chorda by-pass chhaka to Dalachhaka for one financial year i.e 2022-23,(March-2023).The quotation must reach on or before Dt. 30.06. 2022 up to 05.30pm. The quotation will be opened on dt.02.07.2022 at 12.30pm in the presence of quotationers or their authorized agent if any .The rate has been fixed per sqft for different category & size, which is given below. The highest quoted rate of the bidder shall be accepted & eligible for this job.Each quotation should accompany with (1) paper cost of Rs.2000/-(Non-Refundable) should be deposit by the bidders in shape of demand draft in favour of the Executive Officer, Vyasanagar Municipality, (2) EMD of Rs. 5000/- (Five thousand) in shape of demand draft in favour of the Executive Officer,Vyasanagar Municipality, (3) Valid copy of GST clearance certificate, (4) Copy of PAN, (5) Copy of Trade License 2022-23.The details specification has given below.
The undersigned reserves the right to reject any or all the quotations without assigning any reason thereof. Sealed quotation shall be sent through Regd. Post/Speed Post/courier services only.

Sd./- Executive Officer, Vyasanagar Municipality
OIPR-13092/11/0007/2223

**ମତ୍ସ୍ୟଚାଷୀମାନେ ଧ୍ୟାନ ଦିଅନ୍ତୁ** DSPL-84



ଓଡ଼ିଶାର ସରକାରୀ ମାଛଫାର୍ମ (ନିମ୍ନରେ ପ୍ରଦତ୍ତ)ଗୁଡ଼ିକରେ ରୋହି, ଭାକୁର, ମିରିକାଳୀ, ଗ୍ରାସକାର୍ପ ଓ ସିଲଭର କାର୍ପ ଆଦି ଉନ୍ନତ ମାଛର ଗୁଣ୍ଡଯାଆଁଳ ଏବେ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ । ନିକଟସ୍ଥ ସରକାରୀ ମାଛଫାର୍ମରୁ ସୁଲଭ ମୂଲ୍ୟରେ ମାଛର ଗୁଣ୍ଡଯାଆଁଳ ନେଇ ଚାଷ କରନ୍ତୁ ଓ ଅଧିକ ଅମଳ କରି ଲାଭବାନ ହୁଅନ୍ତୁ ।

**ଯୋଗାଯୋଗ:**
ହ୍ୟାଚେରୀ ପରିଚାଳକ, କୌଶଲ୍ୟାଗଙ୍ଗ ଫିସଫାର୍ମ, ମୋ- ୯୯୩୭୪୩୭୪୯୫
ହ୍ୟାଚେରୀ ପରିଚାଳକ, ଭଞ୍ଜନଗର ଫିସଫାର୍ମ, ମୋ- ୮୨୭୦୫୭୯୩୮୩
ହ୍ୟାଚେରୀ ପରିଚାଳକ, ସରମଙ୍ଗା ଫିସଫାର୍ମ, ମୋ- ୯୫୮୩୨୬୯୯୧୧
ହ୍ୟାଚେରୀ ପରିଚାଳକ, ଚିପିଲିମା ଫିସଫାର୍ମ, ମୋ- ୮୨୪୯୩୪୫୫୯୦

ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
ଫୋନ- ୦୬୭୧-୨୪୧୪୦୬୧, ଫ୍ୟାକ୍ସ - ୦୬୭୧-୨୪୧୦୫୨୧, ଇମେଲ୍ – director.odifish@gmail.com
OIPR-06015/13/0009/2223

**OFFICE OF THE COLLECTOR AND DISTRICT MAGISTRATE: KEONJHAR**
**(Civil Supplies Section)**
No. 494/CSK (XXX-18/2022) Dated. 22.06.2022

**ADVERTISEMENT**

**No.F-107:** Applications are invited for contractual engagement of the post of Technical Support Staff for District Project Management Unit (DPMU), Keonjhar for the period till 31.03.2023 which may extend further subject to requirement and performance of the incumbent. The details of the advertisement including Job Description, Eligibility Criteria & General instructions for submission of application can be accessed in **www.kendujhar.nic.in.** The application along with the requisite documents shall be sent to The Chief Civil Supplies Officer, Collectorate, Keonjhar, PIN:- 758001 by Registered / Speed Post only.
**The closing date of receipt of application is 06.07.2022 (5.30 PM)**

Sd/-Collector, Keonjhar
OIPR-07048/11/0001/2223

**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**
No. 8160 Dated: 21.06.2022
**Bid Identification No. MC/RMC/47/2022**

No. C-613: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double Cover on online mode. Bid Identification No. MC/RMC/47/2022 for 01 No. Civil work with value of Rs.65.38 lakh.
1. Bid documents will be available in website **www.tendersorissa.gov.in** from 22.06.2022.
2. Bids must be submitted on "Online" on or before 04.07.2022 by 17.00 hours.
3. Bids shall be opened at 11.00 hours on 05.07.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

Sd./- Municipal Commissioner
Rourkela Municipal Corporation
OIPR-13131/11/0055/2223

**OFFICE OF THE MUNICIPAL COUNCIL, GUNUPUR**
Letter No. 2219 Date: 22.06.2022

**QUOTATION CALL NOTICE**

No. C-621: Quotations in plain paper are invited from the intending registered firms/shop/dealers to supply of Computer systems, Laptop, Printers, UPS and antivirus software to Gunupur Municipality. The specification of the items are as detailed below. The quotations along with valid PAN and GST should reach the under signed by Registered Post/Speed Post/by Hand in sealed cover on or before 01.00 P.M. on 30.06.2022. All the quotations shall be opened on the same day i.e. at 4.00 P.M. in the presence of the quotationer or their authorized agents. The office is not responsible for absence of any quotationer or their authorized agent during the opening of quotations. The quotation paper received beyond the date and time mentioned above shall not be taken into consideration. The rate should be inclusive of all taxes and transportaion. The authority reserves the right to reject any or all the quotations without assigning any reason thereof.

| Sl. No. | Items | Description of Item | Total Quantity Required |
|---|---|---|---|
| 01 | Desktop Computer (DELL) | 1. Intel Core i5 Processor 2. 11th/Latest Generation Processor 3. 8 GB Ram 4. 1 TB Hard Disk Drive (SSD) 7200 RPM 5. 21.5" Monitor 6. OS Preloaded Windows10 Professional 7. 10/100/1000 on Board Integrated Gigabit Port 8. 3 years Warranty | 06 Nos |
| 02 | Laptop Computer (DELL) | 1. Intel Core i5 Processor 2. 11th/Latest Generation Processor 3. 8 GB Ram 4. 15.6" Display 5. 256 SSD & 1TB Hard Disk Drive (HDD) 6. OS Preloaded Windows10 Professional 7. 3 years Warranty | 01 No. |
| 03 | HP LASERJET Multi Function Printer | HP LASERJET M1005 MFP Multi Function Print Scan Copy Printer | 01 No. |
| 04 | Quick Heal Antivirus | Quick Heal Total Security Antivirus (6 User) | 06 Nos. |
| 05 | UPS (Luminous/Microtek/APC) | UPS (Luminous/Microtek/APC) | 06 Nos. |

**Terms and Conditions:**
1. The agencies/firm have to submit the GST Clearance with the quotation.
2. The attested copies of Dealership Certificate if any of the item to be supplied.
3. The quotation should be submitted indicating the unit cost & price separately both in figure & words inclusive of all taxes, transportation costs and fitting and fixings.
4. The quantities mentioned in the above specification are approximate and may vary up word or down word during issue of supply order.
5. Tender paper and submitted documents should be signed in each paper by the tenderer.

OIPR-13104/11/0003/2223 Sd./- Executive Officer, Gunupur Municipality

NANDANKANAN
**NANDANKANAN ZOOLOGICAL PARK**
**TENDER NOTICE No. 32 of 2022**
**Date: 22.06.2022**

**No.MM-77:**Deputy Director, Nandankanan Zoological Park invites sealed tender in prescribed,form from interested individuals/ firms / entrepreneurs for following tender of Nandankanan Zoological Park for the year, 2022-23.

| Sl No | Name of the Tender | Las date for submission of sealed tender | Opening of the sealed tender | Paper Cost inclusive of GST-18% |
|---|---|---|---|---|
| 1 | SINKING OF 03 NOS. OF 200 MM X 150 MM DIA X 200MTR DEEP BOREWELLS, AT NANDANKANAN ZOOLOGICAL PARK AND STATE BOTANICAL GARDEN | 3.30 PM of 30.06.2022 | 4.00 PM of 30.06.2022 | Rs.2,360/- |

Detailed terms and conditions along with the tender papers will be available in the website of Nandankanan Zoological Park (www.nandankanan.org) from 23.06.2022. The downloaded tender papers must be accompanied with a Bank Draft/Demand draft as mentioned against the above tender drawn in favour of "Deputy Director, Nandankanan Zoological Park" in any scheduled Bank payable at Bhubaneswar.

Sd./-Deputy Director
Nandankanan Zoological Park
OIPR-08070/11/0012/2223

**NATIONAL HYDROLOGY PROJECT (NHP)**
**STATE PROJECT MANAGEMENT UNIT (SPMU), NHP-ODISHA**
HP Administrative Building, Delta Square, Unit - 8, Bhubaneswar, Odisha - 751012, Email: odishagwhp3@gmail.com

**INVITATION FOR BIDS (IFB)**
**Two-Envelope Bidding Process with e-Procurement**
**IFB No. ODISHA(SW)/NHP/RTDAS(AMC)/IFB/18/2022-23 Date: 23.06.2022**
**'e'-Procurement Notice**

No. A-348: The Chief Engineer & Director, GWD and Nodal Officer, NHP-Odisha invites tenders through e-Procurement platform online from eligible bidders for the work: - "AMC of 104 No. RTDAS Station Installed Under HP-II" (Under NCB). Bidding documents are available online on **www.tendersodisha.gov.in** which is free of cost. Bidders are advised to participate in the bidding process as per the instruction given in the bidding document.

| | |
|---|---|
| Name of the Work | AMC of 104 No. RTDAS Station Installed Under HP-II |
| Bid Reference No., Procurement Plan Ref. No. | ODISHA (SW) / NHP /RTDAS (AMC) / IFB /18/2022-23 Package No. NHP-2022-2023-OD-269026 |
| Bid documents | Can be downloaded from Website **https://tendersodisha.gov.in**. |
| Price of Bid Document | Free of Cost |
| Bid Document Publish Date | 27.06.2022 at 11.00 Hrs. |
| Bid document download starting date & time | 27.06.2022 at 11.00 Hrs. |
| Document download closing date & time | 28.07.2022 at 15.00 Hrs. |
| Bid Clarification Starting date & time | 28.06.2022 at 11.00 Hrs. |
| Bid clarification closing date & time | 11.07.2022 at 15.00 Hrs. |
| Pre Bid Meeting date & time | 12.07.2022 at 11.00 Hrs. |
| Start date of e-Bid submission | 18.07.2022 at 11.00 Hrs. |
| Last date of e-Bid submission | 28.07.2022 at 15.00 Hrs. |
| Time & date of Online opening (Technical Part) of bids in the portal | 28.07.2022 at 15.30 Hrs. |

Further details can be seen in the website **www.tendersodisha.gov.in**.

Sd./- CED, GWD & Nodal Officer, SPMU
NHP-Odisha, Bhubaneswar
OIPR-32407/11/0011/2223

See Career Appointment on every Wednesday & Saturday

## କାର୍ ବିକ୍ରି ୨୫% ବଢ଼ିପାରେ

ନୂଆଦିଲ୍ଲୀ: ଜୁନ୍ ମାସରେ ଭାରତୀୟ ବଜାରରେ ଯାତ୍ରୀବାହୀ ଯାନ ବିକ୍ରିରେ ଆଖିଦୃଶିଆ ବୃଦ୍ଧି ଘଟିପାରେ। ଇଣ୍ଡଷ୍ଟ୍ରି ଇନ୍‌ସାଇଡର୍ସମାନଙ୍କର ଆଶା ମୁତାବକ, କାରଖାନାଗୁଡ଼ିକରୁ ଡିଲରଶିପ ପର୍ଯ୍ୟନ୍ତ ୩,୨୧,୦୦୦-୩,୨୫,୦୦୦ ଯାତ୍ରୀବାହୀ ଯାନ ବିକ୍ରି ହେବ। ପୂର୍ବ ବର୍ଷ ଅର୍ଥାତ୍ ୨୦୨୧ରେ ଜୁନ୍ ଅବଧି ମଧ୍ୟରେ ବିକ୍ରି ହୋଇଥିବା ୨,୫୫,୭୪୩ ୟୁନିଟ୍ ଯାତ୍ରୀବାହୀ ଯାନ ତୁଳନାରେ ଚଳିତ ବର୍ଷ ବିକ୍ରିରେ ୨୫% ବୃଦ୍ଧି ଘଟିବ। ଏହା ପୂର୍ବରୁ ୨୦୨୦ ଅକ୍ଟୋବରରେ ଯାତ୍ରୀବାହୀ କାର୍, ସେଡାନ୍, ୟୁଟିଲିଟି ଭେହିକିଲ୍ ବିକ୍ରି ୩,୩୪,୩୧୧ ୟୁନିଟ୍ ହୋଇଥିଲା। ଏହା ପରେ ଚଳିତ ବର୍ଷ ମାର୍ଚ୍ଚରେ ୨ୟ ସର୍ବାଧିକ ପରିମାଣର ୩,୨୧,୭୯୪ ୟୁନିଟ୍ ବିକ୍ରି ହୋଇଥିଲା।

### ସଂକ୍ଷେପରେ

## ୪୫୦ ଅଙ୍କ ବଢ଼ିଲା ସେନ୍‌ସେକ୍ସ

**ମୁମ୍ବାଇ, ୨୩।୬:** ଚଳିତ ସପ୍ତାହର ପ୍ରଥମ ୨ଦିନର ବୃଦ୍ଧି ପରେ ୩ୟ ଦିନର ହ୍ରାସ ପରେ ୪ର୍ଥ କାରବାର ଦିବସ ଅର୍ଥାତ୍ ଗୁରୁବାର ଭାରତୀୟ ପୁଞ୍ଜିବଜାରରେ ରିକଭରି ଦେଖିବାକୁ ମିଳିଛି। ସେନ୍‌ସେକ୍ସରେ ୪୪୩ (୦.୮୬%) ଏବଂ ନିଫ୍ଟିରେ ୧୪୩ (୦.୯୩%) ପଏଣ୍ଟ ବୃଦ୍ଧି ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୫୨,୨୬୬ ଏବଂ ନିଫ୍ଟି ୧୫,୫୫୬ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନର ଟ୍ରେଡିଂ ସେସନରେ ୨୦୯୭ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୧୨୦୮ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି। ବୁଧବାରର ଟପ୍ ଗେନର୍ସ ତାଲିକାରେ କେମ୍‌ପ୍ଲାଷ୍ଟ ସନ୍‌ମାର, କେଇସି ଇଣ୍ଟରନ୍ୟାଶନାଲ୍, ଆଇଆର୍‌ବି ଇନ୍‌ଫ୍ରା, ଅଏଲ୍ ଇଣ୍ଡିଆ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ଷ୍ଟାର୍ ହେଲ୍‌ଥ, ଏମ୍‌ଆର୍‌ପିଏଲ୍, ଇଦ୍ ପେରି, ଗୁଜରାଟ ଅମ୍ବୁଜା ରହିଛନ୍ତି।

## ସୁନା, ରୁପା ଦର ହ୍ରାସ

**ନୂଆଦିଲ୍ଲୀ, ୨୩।୬:** ବୈଶ୍ୱିକ ସ୍ତରରେ ସୁନା ଏବଂ ରୁପା ଦର ହ୍ରାସର ପ୍ରଭାବ ଭାରତୀୟ ବଜାର ଉପରେ ଦେଖାଦେଇଛି।



ଗୁରୁବାର ଭାରତୀୟ ବଜାରରେ ୧୦ ଗ୍ରାମ୍ ପିଛା ସୁନା ଦରରେ ୧୩୩ ଟଙ୍କା ହ୍ରାସ ଘଟିଥିବା ବେଳେ ରୁପା ଦର କିଲୋଗ୍ରାମ୍ ପିଛା ୬୬୪ ଟଙ୍କା ହ୍ରାସ ହୋଇଛି। ଫଳରେ ଦିଲ୍ଲୀର ସରାଫ ବଜାରରେ ସୁନା ଦର ୧୦ ଗ୍ରାମ୍ ପିଛା ୫୦,୭୧୯ ଟଙ୍କାରେ ବନ୍ଦ ହୋଇଛି। ସେହିପରି ରୁପା କିଲୋଗ୍ରାମ୍ ପିଛା ୫୯,୭୮୧ ଟଙ୍କା ରହିଛି। ପୂର୍ବ କାରବାର ଦିବସରେ ସୁନା ୧୦ ଗ୍ରାମ୍ ପିଛା ଏବଂ ରୁପା କିଲୋଗ୍ରାମ୍ ପିଛା ଦର ଯଥାକ୍ରମେ ୫୦,୮୫୨ ଟଙ୍କା ଏବଂ ୬୦,୪୪୫ ଟଙ୍କାରେ ବନ୍ଦ ହୋଇଥିଲା। ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜ୍‌ର ସିନିୟର ଆନାଲିଷ୍ଟ ତପନ ପଟେଲ୍ କହିଛନ୍ତି, କମେକ୍ସ ସୁନା ଦର ହ୍ରାସ କାରଣରୁ ଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ଦର ହ୍ରାସ ହୋଇଛି। ଅନ୍ତର୍ଜାତୀୟ ବଜାରରେ ସୁନା ଆଉନ୍ସ ପିଛା ଦର ୧୮୩୩ ଡଲାର ଥିବା ବେଳେ ରୁପା ଦର ପିଛା ୨୧.୨୪ ଡଲାରରେ ସ୍ଥିର ରହିଛି।

# ବୃଦ୍ଧି ହୋଇପାରେ ଭାରତୀୟ ଅର୍ଥବ୍ୟବସ୍ଥା

## ଉତ୍ତମ କୃଷି ଉତ୍ପାଦନ, ଗ୍ରାମୀଣ ଅର୍ଥବ୍ୟବସ୍ଥାରେ ଅଭିବୃଦ୍ଧିର ପ୍ରଭାବ

**ନୂଆଦିଲ୍ଲୀ, ୨୩।୬**

ସାରା ବିଶ୍ୱ ବିଭିନ୍ନ ଅର୍ଥନୈତିକ ଚ୍ୟାଲେଞ୍ଜ ମଧ୍ୟ ଦେଇ ଗତି କରୁଥିଲେ ମଧ୍ୟ ଭାରତୀୟ ଅର୍ଥବ୍ୟବସ୍ଥାରେ ବୃଦ୍ଧି ଘଟିବ। ଚଳିତ ଆର୍ଥିକ ବର୍ଷରେ ଉତ୍ତମ କୃଷି ଉତ୍ପାଦନ କାରଣରୁ ଗ୍ରାମୀଣ ଅର୍ଥବ୍ୟବସ୍ଥାରେ ବୃଦ୍ଧି ପରିଲକ୍ଷିତ ହେବ। ଏହାଦ୍ୱାରା ଦେଶର ଆର୍ଥିକ ଅଭିବୃଦ୍ଧି ହାର ୭-୭.୮% ରହିବ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ପିଟିଆଇର ଗୁରୁବାର ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ କାରଣରୁ ବୈଶ୍ୱିକ ଅର୍ଥବ୍ୟବସ୍ଥା ସାଂଘାତିକ ଭାବରେ ପ୍ରଭାବିତ ହୋଇଥିବା ସହିତ ସାରା ବିଶ୍ୱରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ପିଟିଆଇ ତଥ୍ୟ ଅନୁସାରେ ଦେଶର ବିଶିଷ୍ଟ ଅର୍ଥନୀତିଜ୍ଞ





ଏବଂ ବି.ଆର୍. ଆମ୍ବେଦ୍‌କର ସ୍କୁଲ ଅଫ୍ ଇକୋନୋମିକ୍ସର କୁଳପତି ଏନ୍.ଆର୍. ଭାନୁମୂର୍ତ୍ତି କହିଛନ୍ତି, ବର୍ତ୍ତମାନ ସମୟରେ ଭାରତୀୟ ଅର୍ଥବ୍ୟବସ୍ଥା ବୈଶ୍ୱିକ ଭୂ-ରାଜନୈତିକ ପରିସ୍ଥିତି କାରଣରୁ ଅନେକ ଚ୍ୟାଲେଞ୍ଜର ସାମ୍ନା କରୁଛି। ବୈଶ୍ୱିକ ମୁଦ୍ରାସ୍ଫୀତି ଚାପ ଏବଂ ରୁଷିଆ-ୟୁକ୍ରେନ୍ ଯୁଦ୍ଧ କାରଣରୁ ଅର୍ଥବ୍ୟବସ୍ଥା ଅଭିବୃଦ୍ଧିରେ ଅନେକ ସମସ୍ୟା ଦେଖାଦେଇଛି। ତେବେ ଘରୋଇ ସ୍ତରରେ ବୃହତ୍ ଆର୍ଥିକ ଭିତ୍ତିଭୂମି ଦୃଢ଼ କହିଛି। ଭାନୁମୂର୍ତ୍ତିଙ୍କ କହିବା ଅନୁସାରେ, ଉତ୍ତମ କୃଷି ଉତ୍ପାଦନ ଏବଂ ଗ୍ରାମୀଣ ଅର୍ଥବ୍ୟବସ୍ଥାରେ ଅଭିବୃଦ୍ଧି ଦ୍ୱାରା ଚଳିତ ଆର୍ଥିକ ବର୍ଷରେ ଅନେକ ବୈଶ୍ୱିକ ବାଧା ସତ୍ତ୍ୱେ ଭାରତୀୟ ଇକୋନୋମି ୭% ଅଭିବୃଦ୍ଧି ହାସଲ କରିବ। ଔଦ୍ୟୋଗିକ ବିକାଶ ସଂସ୍ଥାନ (ଆଇଏସ୍‌ଆଇଡି) ନିର୍ଦ୍ଦେଶକ ନାଗେଶ କୁମାର ଏ ସମ୍ପର୍କରେ କହିଛନ୍ତି ଜିଏସ୍‌ଟି ସଂଗ୍ରହ, ରପ୍ତାନି ଏବଂ ପିଏମ୍‌ଆଇ ଆଦି ମହତ୍ତ୍ୱପୂର୍ଣ୍ଣ ତଥ୍ୟ ଅନୁସାରେ ଆର୍ଥିକ ବର୍ଷ ୨୦୨୨-୨୩ର ସମଗ୍ର ଘରୋଇ ଉତ୍ପାଦ (ଜିଡିପି)ରେ ଅଭିବୃଦ୍ଧି ୭-୭.୮%ର ମଜଭୁତ ସ୍ତରରେ ରହିବ।

## ଅଭିବୃଦ୍ଧି ପଥରେ ୟୁକୋ ବ୍ୟାଙ୍କ

**ଭୁବନେଶ୍ୱର, ୨୩।୬**





ସୋମା ଶଙ୍କର ପ୍ରସାଦ

ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ସୋମା ଶଙ୍କର ପ୍ରସାଦ ଦିନିକିଆ ଭୁବନେଶ୍ୱର ଗସ୍ତରେ ଆସିଥିଲେ। ଏହି ପରିପ୍ରେକ୍ଷୀରେ ସେ ୧୬୭ତମ ଏସ୍‌ଏଲ୍‌ବିସି ବୈଠକରେ ମଧ୍ୟ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଅତିରିକ୍ତ ଶାସନ ସଚିବ ତଥା ଡେଭେଲପମେଣ୍ଟ କମିଶନରଙ୍କ ସମେତ ଅନ୍ୟାନ୍ୟ ସଚିବ ଓ ବ୍ୟାଙ୍କର ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ବିଶେଷକରି ଗତ ଆର୍ଥିକ ବର୍ଷର ବାର୍ଷିକ କ୍ରେଡିଟ୍ ଯୋଜନା ଲକ୍ଷ୍ୟର ୯୩.୦୬% ହାସଲ ଉପରେ ଓଡ଼ିଶାର ସମସ୍ତ ବ୍ୟାଙ୍କର ପ୍ରଦର୍ଶନକୁ ବୈଠକରେ ପ୍ରଶଂସା କରାଯାଇଥିଲା। ଚଳିତ ଆର୍ଥିକ ବର୍ଷର ଲକ୍ଷ୍ୟ ହାସଲ କରିବା ଉପରେ ମଧ୍ୟ ବୈଠକରେ ପ୍ରାଧାନ୍ୟ ଦିଆଯାଇଥିଲା। ଏପରିକି ରାଜ୍ୟର ସିଡି ଅନୁପାତରେ ୭୨.୨୨% ଅଭିବୃଦ୍ଧିକୁ ନେଇ ସେ ପ୍ରଶଂସା କରିଥିଲେ। ଅପରପକ୍ଷରେ ଗୁରୁବାର ଅପରାହ୍ନରେ ସ୍ଥାନୀୟ ଅଶୋକ ନଗରସ୍ଥିତ ୟୁକୋ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ଯୋଗଦେଇ ଗସ୍ତ ଓ ବ୍ୟାଙ୍କର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଦେଶରେ ସମସ୍ତ ବ୍ୟାଙ୍କ ଦ୍ୱାରା ଖୋଲାଯାଉଥିବା ୭୫ଟି ଡିଜିଟାଲ ବ୍ୟାଙ୍କିଙ୍ଗ୍ ୟୁନିଟ୍ ମଧ୍ୟରୁ ୟୁକୋ ବ୍ୟାଙ୍କ ଓଡ଼ିଶାର ପୁରୀ ଓ ସାଲେପୁରଠାରେ ୨ଟି ଡିଜିଟାଲ ବ୍ୟାଙ୍କିଙ୍ଗ୍ ୟୁନିଟ୍ ଖୋଲିବ ବୋଲି ସେ ସୂଚନା ପ୍ରଦାନ କରିଥିଲେ।

# ନାଲ୍‌କୋ ପକ୍ଷରୁ ରାଜଭାଷା ସମ୍ପର୍କିତ ପ୍ରତିଯୋଗିତା





**ଭୁବନେଶ୍ୱର, ୨୩।୬**

ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନ ରାଜଭାଷା ବିଭାଗର ନିର୍ଦ୍ଦେଶାନୁସାରେ ଗଠିତ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ଭୁବନେଶ୍ୱର ଦ୍ୱାରା ରାଜଭାଷା ହିନ୍ଦୀର ପ୍ରଚାର ଏବଂ ପ୍ରସାର ପାଇଁ ଏକ ସ୍ୱତନ୍ତ୍ର ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ନାଲ୍‌କୋ ଅଧ୍ୟକ୍ଷତାରେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅପରପକ୍ଷରେ ଉକ୍ତ ପ୍ରତିଯୋଗିତାର ଆଇଓସିଏଲ୍, ବିପିସିଏଲ୍, ଏଫ୍‌ସିଆଇ, ଏଏଆଇ, ନାଲ୍‌କୋ, ବିଏସ୍‌ଏନ୍‌ଏଲ୍ ଓ ଆଇଟିଡିସି ସମେତ ୧୫ଟି କେନ୍ଦ୍ରୀୟ ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ଏ ସମ୍ପର୍କରେ ନରାକାସ୍ ଭୁବନେଶ୍ୱରର ଅଧ୍ୟକ୍ଷ ତଥା ନାଲ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର କହିଛନ୍ତି, ଭାଷା ଆମର ସାଂସ୍କୃତିକ ଐତିହ୍ୟର ପରିଚାୟକ। ଆମେ ଆମର ଦୈନନ୍ଦିନ କାର୍ଯ୍ୟରୁ ସମୟ ବାହାର କରି ରାଜଭାଷାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା। ରାଜଭାଷାର ପ୍ରୟୋଗ ବୃଦ୍ଧି ପାଇଁ ସବୁ ସ୍ତରରେ ପ୍ରୟାସ କରିବା ଆମ ସମସ୍ତଙ୍କର ନୈତିକ ଏବଂ ସାମ୍ବିଧାନିକ କର୍ତ୍ତବ୍ୟ। ଉକ୍ତ କାର୍ଯ୍ୟକ୍ରମରେ ନରାକାସ ଉପାଧ୍ୟକ୍ଷ ତଥା ନାଲ୍‌କୋର ନିର୍ଦ୍ଦେଶକ (ମାନବ ସମ୍ବଳ) ରାଧାଶ୍ୟାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ନାଲ୍‌କୋର ମହାପ୍ରବନ୍ଧକ ଆଶୁତୋଷ ରଥ ସଂଯୋଜନା କରିଥିବା ବେଳେ ନରାକାସ ସଦସ୍ୟ ସଚିବ ରୋଶନ ପାଣ୍ଡେ କୁଇଜ୍ ମାଷ୍ଟର ଭାବେ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କ୍ରିପ୍ଟୋରେ ଲାଗିପାରେ ଟ୍ୟାକ୍ସ

**ନୂଆଦିଲ୍ଲୀ, ୨୩।୬:** ଆସନ୍ତା ସପ୍ତାହରେ ହେବାକୁ ଥିବା ଜିଏସ୍‌ଟି କାଉନ୍‌ସିଲ୍ ବୈଠକରେ କ୍ରିପ୍ଟୋ କରେନ୍ସି ଉପରେ ଗୁଡ୍ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ (ଜିଏସ୍‌ଟି) ଲଗାଇବା ଉପରେ ବିଚାର କରାଯାଇପାରେ। ବିଭିନ୍ନ ଗଣମାଧ୍ୟମ ତଥ୍ୟ ମୁତାବକ, ବୈଠକରେ କ୍ରିପ୍ଟୋ କରେନ୍ସିକୁ ୨୮% ବିଶିଷ୍ଟ ସର୍ବୋଚ୍ଚ ସ୍ତରର ଟ୍ୟାକ୍ସ ସ୍ଲାବ୍‌ରେ ରଖାଯିବା ସମ୍ଭାବନା ରହିଛି। ବୈଠକରେ ଡିଜିଟାଲ କରେନ୍ସିକୁ ଏହି ଟ୍ୟାକ୍ସ ଅନ୍ତର୍ଭୁକ୍ତ କରାଯିବା ସମ୍ପର୍କରେ ବିଚାର କରାଯିବ। ସୂଚନାଯୋଗ୍ୟ, ଜିଏସ୍‌ଟି କାଉନ୍‌ସିଲ୍‌ର ୪୮ତମ ବୈଠକ ଜୁନ୍ ୨୭ ଏବଂ ୨୮ରେ ଚଣ୍ଡିଗଡ଼ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହାପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଗତ ଫେବୃୟାରୀରେ ଅନୁଷ୍ଠିତ ବଜେଟ ଅଧିବେଶନରେ କ୍ରିପ୍ଟୋ କରେନ୍ସିରୁ ହେଉଥିବା ଉପାର୍ଜନ ଉପରେ ୩୦% ଟ୍ୟାକ୍ସ ଏବଂ ପ୍ରତ୍ୟେକ ଟ୍ରାଞ୍ଜାକ୍ସନ ଉପରେ ୧% ଟିଡିଏସ୍ ଲଗାଇବା ପାଇଁ ଘୋଷଣା କରିଥିଲେ। ୩୦% ଟ୍ୟାକ୍ସ ଲାଗୁ ହେଇସାରିଥିବା ବେଳେ ୧% ଟିଡିଏସ୍ ନିୟମ ଜୁଲାଇ ୧ରୁ ଲାଗୁ ହେବ।

## ୭୫,୦୦୦ ନିଯୁକ୍ତି ଦେବ ସାଡୋଫାକ୍ସ

**ନୂଆଦିଲ୍ଲୀ, ୨୩।୬**

ଭାରତର ବୃହତ୍ତମ ହାଇପରଲୋକାଲ କ୍ରାଉଡ୍ ସୋର୍ସେସ ଲଜିଷ୍ଟିକ ପ୍ଲାଟ୍‌ଫର୍ମ 'ସାଡୋଫାକ୍ସ' ନିକଟରେ ତାମିଲନାଡୁରେ ୫୦୦୦ ଡେଲିଭରି ପାର୍ଟନର ନିଯୁକ୍ତି ସୃଷ୍ଟି ସମ୍ପର୍କରେ ଘୋଷଣା କରିବାର କିଛି ସମୟ ପରେ ଆଉ ଏକ ବଡ ଘୋଷଣା କରିଥିଲା। ଏପରିକି କମ୍ପାନୀ ସାରା ଦେଶରେ ୨୦୨୨ ଶେଷ ସୁଦ୍ଧା ୭୫,୦୦୦ ଡେଲିଭରି ପାର୍ଟନର ନିଯୁକ୍ତ କରିବ ବୋଲି ଘୋଷଣା କରିଛି। ବିଗ୍ ଇକୋନୋମି ବୁମ୍ ସାଡୋଫାକ୍ସ ଏହାର ବିତରଣ ନେଟ୍‌ୱାର୍କ ବିସ୍ତାର କରୁଥିବାବେଳେ ଅଧିକ ଚାକିରି ସୁଯୋଗ ସୃଷ୍ଟି କରାଉଛି। ବିଗ୍ ୱାକଫୋର୍ସର ଏକ ଗଭୀର ବୁଝାମଣା ସହ ଉକ୍ତ ପ୍ଲାଟ୍‌ଫର୍ମ ଏକ ଆରୋହୀ ପାର୍ଟନରଙ୍କ ପାଇଁ ଦୃଢ଼ ସୁଯୋଗ ସୃଷ୍ଟି କରିଛି। ଆରୋହୀମାନେ ପ୍ରତିମାସରେ ୩୫,୦୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବେ ଓ ଏକ ଦୁର୍ଘଟଣାଜନିତ ମାଗଣା ଚିକିତ୍ସା ସହ ୭.୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ମଧ୍ୟ ପାଇପାରିବେ। ଏକ ସରଳ ଅନ୍‌ବୋର୍ଡିଂ ପ୍ରକ୍ରିୟା ସହିତ ଆରୋହୀମାନେ ନିଜ ବାଇକ କିମ୍ବା ଗାଡ଼ିରେ ବିଚରଣ ସମ୍ପୂର୍ଣ୍ଣ କରିପାରିବେ। ଯେଉଁମାନଙ୍କର ଗାଡ଼ି ନାହିଁ ସେମାନଙ୍କ ପାଇଁ କମ୍ପାନୀ ପକ୍ଷରୁ ଇଲେକ୍‌ଟ୍ରୋନିକ ଗାଡ଼ି ବ୍ୟବସ୍ଥା କରାଯାଉଛି। ଆଗ୍ରହୀ ପ୍ରାର୍ଥୀମାନେ ନିଜ ସହର ଚୟନ କରି ସାଡୋଫାକ୍ସ ଆପ୍ ଡାଉନ୍‌ଲୋଡ୍ କରି ଏଥିରୁ ବିବରଣୀ ଯାଞ୍ଚ କରନ୍ତୁ ଓ ଏଥିରେ ପାନ୍ ଓ ଆଧାର ଅପ୍‌ଲୋଡ୍ କରି ନିକଟସ୍ଥ କେନ୍ଦ୍ର ପରିଦର୍ଶନ କରନ୍ତୁ। ଥରେ ଆନୁଷଙ୍ଗିକ ଯୋଗ୍ୟତା ପୂରଣ ହୋଇଗଲା ପରେ ଆରୋହୀମାନେ ଯାତ୍ରା ଆରମ୍ଭ କରିପାରିବେ।

ସାଡୋଫାକ୍ସର ମୁଖପାତ୍ର କହିଛନ୍ତି, ଗତ କିଛି ବର୍ଷ ମଧ୍ୟରେ ଭାରତରେ ବିଗ୍ ଇକୋନୋମି ଦ୍ରୁତ ଭାବରେ ଦେଶର ଯୁବକମାନଙ୍କ ପାଇଁ ସବୁଠାରୁ ପସନ୍ଦଯୋଗ୍ୟ ବିକଳ୍ପ ହୋଇପାରିଛି। ଦେଶରେ ଅଧିକ ଚାକିରି ସୃଷ୍ଟି କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୨,୦୦୦+ ବିତରଣ ସହଭାଗୀ ଗର୍ବର ସହିତ ସଂସ୍ଥା ସହିତ କାର୍ଯ୍ୟ ଜାରି ରଖିଛନ୍ତି।

### ଫୁରସତ୍



ଅକ୍ଷୟ କୁମାର

## ବିବାଦରେ 'ରକ୍ଷାବନ୍ଧନ'

**ମୁମ୍ବାଇ:** ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ଚଳଚ୍ଚିତ୍ର 'ରକ୍ଷାବନ୍ଧନ'ର ଟ୍ରେଲର ରିଲିଜ୍ ହୋଇସାରିଛି। ଏହି ଟ୍ରେଲରକୁ ଦେଖିବା ପରେ ତାଙ୍କ ଫ୍ୟାନ୍‌ମାନେ ଅକ୍ଷୟଙ୍କୁ ବହୁ ପ୍ରଶଂସା କରିବାରେ ଲାଗିଛନ୍ତି। ଏହି ଫିଲ୍ମଟି ଭଉଣୀଭାଇ ମଧ୍ୟରେ ଥିବା ଅନାବିଳ ସ୍ନେହ ଉପରେ ଆଧାରିତ। ସିନେମାରେ ଅକ୍ଷୟ ତାଙ୍କ ଭଉଣୀମାନଙ୍କୁ ଖୁବ୍ ଭଲପାଉଥିବା ଦେଖିବାକୁ ମିଳିଛି। ଏପରିକି ଭଉଣୀଙ୍କୁ ମାତ୍ରାଧିକ ଗୁରୁତ୍ୱ ଦେଉଥିବା କାରଣରୁ ତାହାର ପ୍ରଭାବ ତାଙ୍କ ଲଭ୍ ଲାଇଫ୍ ଉପରେ ପଡୁଛି। ଫଳରେ ସେ ବିବାହ କରିପାରୁନାହାନ୍ତି। ଅକ୍ଷୟଙ୍କ ଏହି କାହାଣୀଟି ଅନେକ ଭାରତୀୟଙ୍କ ପସନ୍ଦ ଆସିଥିଲେ ମଧ୍ୟ ଏହାକୁ ନେଇ ଏକ ଅଭିଯୋଗ ଆସିଛି। ଅକ୍ଷୟଙ୍କ ଅଭିନୀତ ଏହି ଚଳଚ୍ଚିତ୍ରଟି ମୌଳିକ ନୁହେଁ। ବରଂ ଏହା ପାକିସ୍ତାନୀ ଚଳଚ୍ଚିତ୍ର 'ଲୋଡ୍ ୱେଡିଂ'ର ନକଲ ବୋଲି ସୋସିଆଲ ମିଡିଆରେ ୟୁଜର୍ସମାନେ କମେଣ୍ଟ କରିଛନ୍ତି। ଏପରିକି କେତେଜଣ 'ଲୋଡ୍ ୱେଡିଂ' ଓ 'ରକ୍ଷାବନ୍ଧନ' ଚଳଚ୍ଚିତ୍ରର ଟ୍ରେଲର୍ ଓ ପୋଷ୍ଟର ସହ ତୁଳନା କରି ପୋଷ୍ଟ କରିଛନ୍ତି। ଅକ୍ଷୟଙ୍କ ଏହି ଫିଲ୍ମଟି ଏକ ନକଲ ଚଳଚ୍ଚିତ୍ର ବୋଲି ଅଭିଯୋଗ ଆଣିଛନ୍ତି। ଏ ନେଇ କିଛି ପାକିସ୍ତାନୀ ମଧ୍ୟ ସେମାନଙ୍କ କ୍ଷୋଭ ପ୍ରକାଶ କରିଛନ୍ତି। 'ରକ୍ଷାବନ୍ଧନ' ମୁଭିରେ ଭୂମି ପେଡେନ୍‌କର୍, ସାଦିଆ ଖତିଜା, ଦୀପିକା ଖାନ୍ନା, ସ୍ମୃତି ଶ୍ରୀକାନ୍ତ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଏଥିରେ ଆନନ୍ଦ ଏଲ୍ ରାୟ ନିର୍ଦ୍ଦେଶନା ଦେଇଛନ୍ତି। ଚଳିତବର୍ଷ ଅଗଷ୍ଟ ୧୧ରେ ଏହି ଚଳଚ୍ଚିତ୍ରଟି ରିଲିଜ୍ ହେବାକୁ ସ୍ଥିର ହୋଇଛି।

# ପୁରୁଷତ୍ୱ ପ୍ରମାଣ ପାଇଁ ପିମ୍ପୁଡ଼ି କାମୁଡ଼ା

**ବ୍ରାସିଲିଆ:** ଦୁନିଆର ବିଭିନ୍ନ ଦେଶରେ ଭିନ୍ନ ପ୍ରକାରର ପରମ୍ପରା ରହିଛି। ସେଥିମଧ୍ୟରୁ କିଛି ପରମ୍ପରା ଏପରି ଯାହା ଶୁଣିଲେ ଅନେକେ ଆଶ୍ଚର୍ଯ୍ୟ ହୋଇଥାନ୍ତି। ସେଥିମଧ୍ୟରୁ ଗୋଟିଏ ହେଲା ବ୍ରାଜିଲରେ ବାସ କରୁଥିବା ଏକ ପ୍ରକାର ଜନଜାତିଙ୍କ ପିମ୍ପୁଡ଼ି କାମୁଡ଼ା ପ୍ରଥା। ଆମାଜନ୍ ଫରେଷ୍ଟରେ ବାସ କରୁଥିବା ସଟେରେ-ମାୱେ ଜନଜାତିର ଯୁବକମାନେ ନିଜ ପୁରୁଷପଣିଆ ତଥା ବାହାଦୁରୀ ସାବ୍ୟସ୍ତ ପାଇଁ ଏକ ପ୍ରକାର ପିମ୍ପୁଡ଼ିର କାମୁଡ଼ା ସହିଥାନ୍ତି। ଏହାକୁ ବୁଲେଟ୍ ପିମ୍ପୁଡ଼ି କୁହାଯାଏ। ପ୍ରଥମେ ଶହ ଶହ ପିମ୍ପୁଡ଼ିଙ୍କୁ ଏକ ପାତ୍ରରେ ବନ୍ଦ କରି ରଖାଯାଏ। ପରୀକ୍ଷା ଦେବାକୁ କେହି ଯୁବକ ପ୍ରସ୍ତୁତ ହେବା ପରେ ସେହି ପାତ୍ରଟିକୁ ଖୋଲି ଦିଆଯାଏ।



ଯୁବକ ସେଥିରେ ନିଜ ହାତ ଭର୍ତ୍ତି କରି ପିମ୍ପୁଡ଼ି କାମୁଡ଼ା ସହିଥାନ୍ତି। ଜଣଙ୍କୁ ୨୦ ଥର ସେଭଳି ପାତ୍ରରେ ହାତ ରଖିବାକୁ ପଡ଼ିଥାଏ। ପ୍ରତ୍ୟେକ ଥରରେ ୧୦ ମିନିଟ୍ ପର୍ଯ୍ୟନ୍ତ ପିମ୍ପୁଡ଼ି କାମୁଡ଼ା ସହିବାକୁ ପଡ଼େ। ଏହା ବେଶ୍ ଯନ୍ତ୍ରଣାଦାୟକ ହେଲେ ମଧ୍ୟ ନିଜ ସମ୍ପ୍ରଦାୟର ଲୋକଙ୍କ ସମ୍ମୁଖରେ ସେମାନଙ୍କୁ ଏପରି କରିବାକୁ ପଡ଼ିଥାଏ। ୧୨ ବର୍ଷ ହୋଇଯିବା ପରେ ସମସ୍ତ ଯୁବକଙ୍କୁ ଏହି ପରୀକ୍ଷା ଦେବାକୁ ପଡ଼ିଥାଏ। ଏଥିରେ ବିଫଳ ହେଉଥିବା ଯୁବକଙ୍କୁ କେହି ବିବାହ କରି ନ ଥାନ୍ତି। ଏଥିଯୋଗୁ ଦୀର୍ଘଦିନ ପର୍ଯ୍ୟନ୍ତ ସେମାନଙ୍କ ଶରୀରରେ ଯନ୍ତ୍ରଣା ହୋଇଥାଏ। ଦୁନିଆରେ କୌଣସି କାର୍ଯ୍ୟ ବିନା କଷ୍ଟରେ ହୋଇ ନ ଥାଏ ବୋଲି ବାର୍ତ୍ତା ଦେବା ଏହି ପ୍ରଥାର ଉଦ୍ଦେଶ୍ୟ ବୋଲି ସେମାନେ କହିଥାନ୍ତି।

## 'ଯବାନ'ରେ ଶାହରୁଖ୍-ଦୀପିକା

**ମୁମ୍ବାଇ:** ପୁଣିଥରେ ଏକାଠି ନଜର ଆସିବେ ବଲିଉଡ୍‌ର ନାମକରା ଯୋଡି ଶାହରୁଖ୍ ଖାନ୍ ଏବଂ ଦୀପିକା ପାଦୁକୋନ୍। ଶାହରୁଖ୍‌ଙ୍କ ଆଗାମୀ ଫିଲ୍ମ 'ଯବାନ'ରେ ତାଙ୍କ ଭିନ୍ନ ଲୁକ୍‌କୁ ନେଇ ଚର୍ଚ୍ଚା ଜୋର ଧରିଛି। ତାମିଲ ନିର୍ଦ୍ଦେଶକ ଏଟଲୀ ଏହାର ନିର୍ଦ୍ଦେଶନା ଦେଉଛନ୍ତି। ତେବେ ମିଡିଆ ରିପୋର୍ଟ ଅନୁସାରେ, ଶାହରୁଖ୍‌ଙ୍କ ସିନେମାରେ ଦକ୍ଷିଣୀ ଅଭିନେତା ଥାଲାପତି ବିଜୟ ନଜରକୁ ଆସିବେ। ମୁଭିର ମୁଖ୍ୟ ଚରିତ୍ରରେ ଶାହରୁଖ୍‌ଙ୍କ ସହ ନୟନତାରା ତାଙ୍କ ଝଲକ ଦେଖାଇବେ। ହେଲେ ସେ ପୂର୍ବରୁ ଏହି ଚଳଚ୍ଚିତ୍ରକୁ ମନା କରିଦେଇଥିଲେ। କିନ୍ତୁ ପରେ ଏଥିପାଇଁ ରାଜି ହୋଇଥିଲେ। ଦୀପିକା ପାଦୁକୋନ୍‌ଙ୍କୁ ଫିଲ୍ମରେ ଏକ ଛୋଟ, କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ସିନେମା 'ଓମ୍ ଶାନ୍ତି ଓମ୍' ଜରିଆରେ ୨୦୦୭ରେ ଶାହରୁଖ୍‌ଙ୍କ ସହ ପ୍ରଥମ ଡେବ୍ୟୁ କରିଥିଲେ ଦୀପିକା। ଅନ୍ୟପକ୍ଷରେ ଆଗକୁ ରିଲିଜ୍ ହେବାକୁ ଥିବା 'ଫାଇଟର୍'ରେ ହ୍ରିତିକ୍‌ଙ୍କ ସହ ଏବଂ 'ପଠାନ'ରେ ଶାହରୁଖ୍‌ଙ୍କ ସହ ଦୀପିକା ନଜର ଆସିବେ।



## ମଡେଲଙ୍କ ନାଁରେ ଗୁଜବ ପ୍ରଚାର କରି ହଟହଟା

**ୱେଲିଂଟନ୍:** ନିକଟରେ ଜଣେ ଯୁବକଙ୍କୁ ନ୍ୟୁଜିଲାଣ୍ଡର ମଡେଲ୍‌ଙ୍କ ନାମରେ ଗୁଜବ ପ୍ରଘଟ କରିବା ମହଙ୍ଗା ପଡିଛି। ଯୁବକ ଜଣଙ୍କ ଏକ ଆର୍ଟିକିଲ ଲେଖି ମଡେଲ ଲିସା ଲେୱିସ୍‌ଙ୍କୁ ଏଡ୍‌ସ ହୋଇଥିବା କହିଥିଲେ। ପରେ ଲିସା ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛନ୍ତି। ମଡେଲଙ୍କ ଅଭିଯୋଗ ଅନୁଯାୟୀ, ଏହି ମିଥ୍ୟା ଖବର ତାଙ୍କ ଜୀବନକୁ ପ୍ରଭାବିତ କରିଛି। ଏହି ମାମଲାରେ ସମ୍ପୃକ୍ତ ଯୁବକ କୋର୍ଟରେ ହାଜର ହୋଇଥିଲେ। ସେ ମଡେଲଙ୍କ ସହ ଥଟ୍ଟା କରିବାକୁ ଯାଇ ଏପରି ପ୍ରଚାର କରିଥିବା ତାଙ୍କ ଓକିଲ କହିଥିଲେ। ଏହି ମାମଲା ନ୍ୟୁଜିଲାଣ୍ଡର ଏକ ଜିଲା ଅଦାଲତରେ ବିଚାର କରାଯାଇଛି। ମଡେଲଙ୍କୁ ଦୁର୍ବ୍ୟବହାର ସହ ତାଙ୍କ ନାଁରେ ଗୁଜବ ପ୍ରଚାର କରିଥିବା ସମ୍ପୃକ୍ତ ଯୁବକଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉକ୍ତ ଘଟଣାରେ ଲିସା କହିଛନ୍ତି, ଯୁବକ ଜଣଙ୍କ ଯାହା କହିଛନ୍ତି ତାହା ତାଙ୍କୁ ବଦନାମ କରିବା ପରି କଥା ଓ ଏହା ଖୁବ୍ ନିନ୍ଦନୀୟ। ତାଙ୍କୁ ଲାଗୁଛି କି ଯୁବକ ଜଣଙ୍କ ତାଙ୍କ କ୍ୟାରିୟର ନଷ୍ଟ କରିବାକୁ ଚାହୁଁଥିଲେ।



## ସଂକ୍ଷେପରେ

### ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା



**ସାତମାଇଲ, ୨୩।୬(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ଖଜୁରିଆକଟା ବଜାରରେ ବାବା ସ୍ୱପ୍ନେଶ୍ୱର ମହାଦେବଙ୍କ ନୂତନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଗୁରୁବାର ସମ୍ପନ୍ନ ହୋଇଛି। ମନ୍ଦିର ପରିଚାଳନା କମିଟି ସଭାପତି ବିରଞ୍ଚି ନାରାୟଣ ସାମଲ, ସମ୍ପାଦକ କ୍ଷୀରୋଦ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗଳବାର ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ବୁଧବାର ପ୍ରାତଃ ସମୟରୁ ଠାକୁରଙ୍କ ନୀତିକାନ୍ତି, ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡପ ପ୍ରବେଶ, ଯଜ୍ଞାହୁତି ଆଦି ଅନୁଷ୍ଠିତ ହୋଇଥିଲା। ଗୁରୁବାର ମହାଦେବଙ୍କ ବିଗ୍ରହକୁ ମନ୍ଦିରରେ ସ୍ଥାପନ କରାଯିବା ସହ ପୂର୍ଣ୍ଣାହୁତି ହୋଇଥିଲା। ଆଚାର୍ଯ୍ୟ ପଣ୍ଡିତ ଲକ୍ଷ୍ମୀକାନ୍ତ ଦାଶ, ଶ୍ରୀନିବାସ ମିଶ୍ର, ଲିଟୁ ପାଲ, ଲକ୍ଷ୍ମୀଧର କର ପୂଜାର୍ଚ୍ଚନା କରିଥିବାବେଳେ ନବକିଶୋର ସାହୁ, ରଞ୍ଜିତା ସାହୁ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରୁ ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇଥିଲେ। ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ମନ୍ଦିର କମିଟିର ସମସ୍ତ ସଦସ୍ୟ, ଖଜୁରିଆକଟା ବଜାରବାସୀ ପରିଚାଳନାରେ ସହଯୋଗ କରିଥିଲେ।

### ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

**କାମାକ୍ଷାନଗର, ୨୩।୬(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର କଲେଜ ବାଇପାସ୍ ନିକଟ କାନପୁରା ରାସ୍ତାରେ ଗୁରୁବାର ଏକ ଟ୍ରକ୍ ଧକ୍କାରେ ଦୁଇଜଣ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ତୁମୁସିଙ୍ଗା ଥାନା କୋଟଗରା ଗ୍ରାମର ସୁଜିତ ମଳିକ (୨୫), ରମେଶ ମଳିକ (୨୮)। ଉଭୟେ ବାଇକ୍ (ନଂ. ଓଡ଼ି ୦୬ ଡି ୬୧୬୬)ରେ କାନପୁର ଗ୍ରାମକୁ ସେଣ୍ଟ୍ରିଂ କରିବାକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସରେ ପ୍ରଥମେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ଢେଙ୍କାନାଳ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ଟ୍ରକ୍‌କୁ ବଅଁରପାଳ ଥାନା ଅଞ୍ଚଳରୁ ପୋଲିସ ଜବତ କରିଛି। ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

# ଦେବଭୂମି ବୁଲାଉଛି ଦଣ୍ଡନୃତ୍ୟ କମିଟି



ଆଗ୍ରାର ବିଶ୍ୱପ୍ରସିଦ୍ଧ ତାଜମହଲ ପରିଭ୍ରମଣ ଅବସରରେ ତୀର୍ଥଯାତ୍ରୀ ଦଳର ସଦସ୍ୟମାନେ।

**ଢେଙ୍କାନାଳ ଅଫିସ୍, ୨୩।୬**

- ୮ ବର୍ଷ ହେଲା ଆୟୋଜିତ ହେଉଛି ଅଭିନବ କାର୍ଯ୍ୟକ୍ରମ
- ତୀର୍ଥ ଭ୍ରମଣରେ ସାମିଲ ହେଉଛନ୍ତି ଶତାଧିକ ଗ୍ରାମବାସୀ
- ଅନୁଭୂତି ଅନନ୍ୟ ବୋଲି କହିଲେ ବରିଷ୍ଠ ନାଗରିକ

ବୟସର ସାୟାହ୍ନରେ ତୀର୍ଥସ୍ଥାନ ଭ୍ରମଣ କରି ପୁଣ୍ୟ ଅର୍ଜନ କରିବାକୁ ଲକ୍ଷ୍ୟ ରଖିଥାଆନ୍ତି ଅନେକେ। ହେଲେ ଆର୍ଥିକ ସମସ୍ୟା ଏବଂ ଅନ୍ୟାନ୍ୟ କାରଣରୁ ଅନେକ ସମୟରେ ସେମାନଙ୍କ ଇଚ୍ଛା ଅଧୁରା ରହିଯାଏ। ବରିଷ୍ଠ ନାଗରିକଙ୍କ ଏହି ଅଭିଳାଷ ପୂରଣ କରିବା ପାଇଁ ୮ବର୍ଷ ହେଲା ଏଭଳି ଅଭିବନ କାର୍ଯ୍ୟକ୍ରମ ହାତକୁ ନେଇ ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ହରପାର୍ବତୀ ଦଣ୍ଡନୃତ୍ୟ କମିଟି। ଅଞ୍ଚଳର ଶତାଧିକ ଗ୍ରାମବାସୀଙ୍କୁ ସୁରକ୍ଷିତ ଭାବେ ତୀର୍ଥ ଭ୍ରମଣରେ ନେଇ ଦେବଦର୍ଶନ କରାଉଛନ୍ତି କମିଟି ସଦସ୍ୟ। ଏହା ଏଭଳି ମହତ୍ କାର୍ଯ୍ୟ ଏବେ ପରମ୍ପରାରେ ପରିଣତ ହୋଇଛି। କରୋନା ପାଇଁ ଦୁଇବର୍ଷ ହେଲା ତୀର୍ଥ ଭ୍ରମଣ ବନ୍ଦ ରହିଥିବାବେଳେ ଚଳିତବର୍ଷ ପୁନର୍ବାର ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ, ଯେଉଁଥିରେ ୧୩୩ ଜଣ ବରିଷ୍ଠ ନାଗରିକ ଏବଂ ଯୁବକ ସାମିଲ ହୋଇଥିଲେ।

ହରପାର୍ବତୀ ଦଣ୍ଡନୃତ୍ୟ କମିଟି ମୁଖ୍ୟ ଗୋବିନ୍ଦପୁର ଗ୍ରାମର ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଗୋବିନ୍ଦପୁର, ତାଳବରକୋଟ, ବଳଦିଆବନ୍ଧ ଅଞ୍ଚଳର ୧୩୩ ଜଣଙ୍କୁ ନେଇ ଚଳିତ ବର୍ଷ ତୀର୍ଥ ଭ୍ରମଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସାମିଲ ହୋଇଥିଲେ ୬୫ ବୟସ୍କ ଓ ୬୮ ଯୁବକ। ସମ୍ପୃକ୍ତ ତୀର୍ଥଯାତ୍ରୀମାନେ ଜୁନ୍ ୯ରେ ଟ୍ରେନ୍ ଯୋଗ ଯାତ୍ରା ଆରମ୍ଭ କରି ହରିଦ୍ୱାର, ଋଷିକେଶ, ବୃନ୍ଦାବନ, ମଥୁରା, ତାଜମହଲ ପରିଦର୍ଶନ କରିବା ପରେ ୧୯ ତାରିଖରେ ଘରକୁ ବାହୁଡ଼ିଛନ୍ତି। ସେମାନେ କେବଳ ଟିକେଟ୍ ବାବଦ ଟଙ୍କା ଦେଇ ଥିବାବେଳେ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ କମିଟି ବହନ କରିଥିଲା। ପରିଣତ ବୟସରେ ଦେବଭୂମି ଦର୍ଶନ କରିବାର ଅନୁଭୂତି ଅନନ୍ୟ ବୋଲି ତୀର୍ଥଯାତ୍ରୀମାନେ କହିଛନ୍ତି।

#### ମାନସିକ ଶାନ୍ତି ମିଳୁଛି



“ପରିଣତ ବୟସରେ ଏକାକୀ ତୀର୍ଥସ୍ଥାନ ଭ୍ରମଣ କରିବା କଷ୍ଟକର। ଖର୍ଚ୍ଚ ସାପେକ୍ଷ ମଧ୍ୟ। ଏଭଳି ତୀର୍ଥଯାତ୍ରା କାର୍ଯ୍ୟକ୍ରମ ମାନସିକ ଶାନ୍ତି ପ୍ରଦାନ କରୁଛି। ପୁରାଣ ବର୍ଣ୍ଣିତ ଦେବଭୂମି ପରିଭ୍ରମଣ କରି ଖୁସି ଅନୁଭୂତ ହେଉଛି।

**-ରମେଶ ଚନ୍ଦ୍ର ସାହୁ, ଗୋବିନ୍ଦପୁର ଗ୍ରାମବାସୀ**

#### ମନରେ ଉତ୍ସାହ ଭରିଦେଉଛି



“କୋଭିଡ ପାଇଁ ଦୁଇବର୍ଷ ହେଲା ଏହି ତୀର୍ଥଯାତ୍ରା ବନ୍ଦ ଥିଲା। ଚଳିତ ବର୍ଷ ସଂକ୍ରମଣ କରିବା ପରେ ପୁନର୍ବାର ସୁଯୋଗ ମିଳିଥିଲା। ଯୁବକମାନେ ବୟସ୍କମାନଙ୍କୁ ସୁରକ୍ଷିତ ଭାବେ ତୀର୍ଥ ଭ୍ରମଣ କରାଇଛନ୍ତି। ଏଭଳି କାର୍ଯ୍ୟକ୍ରମ ମନରେ ଉତ୍ସାହ ଭରିଦେଉଛି।

**-ଅନନ୍ତ ବେହେରା, ଗୋବିନ୍ଦପୁର ଗ୍ରାମବାସୀ**

#### ପ୍ରତିବର୍ଷ କାର୍ଯ୍ୟକ୍ରମ ଜାରିରହିବ



“୮ବର୍ଷ ହେଲା ଟ୍ରେନ୍ ଯୋଗେ ଅଞ୍ଚଳର ଶତାଧିକ ଲୋକଙ୍କୁ ଭାରତର ବିଭିନ୍ନ ତୀର୍ଥସ୍ଥଳୀ ବୁଲାଉଛୁ। ଏଥିପୂର୍ବରୁ ଦକ୍ଷିଣ ଭାରତ ପରିକ୍ରମା କାର୍ଯ୍ୟକ୍ରମ ଶେଷ ହୋଇଛି। ପ୍ରତିବର୍ଷ ଏହି ତୀର୍ଥଯାତ୍ରା କାର୍ଯ୍ୟକ୍ରମ ଜାରି ରହିବ।

**-ସନ୍ତୋଷ କୁମାର ସ୍ୱାଇଁ, ହରପାର୍ବତୀ ଦଣ୍ଡନୃତ୍ୟ କମିଟି ଆବାହକ**

### ସୁରପ୍ରତାପପୁର ଗୋଷ୍ଠୀ ସଂଘର୍ଷ ଘଟଣା
## ୨୯ ଜଣଙ୍କ ନାମରେ ମାମଲା

**ଭୁବନ, ୨୩।୬(ଡି.ଏନ୍.ଏ.)**

ରାଜନୈତିକ କନ୍ଦଳ ଏବଂ ସରକାରୀ ଜମିରୁ ମୋରମ ଖନନକୁ ନେଇ ଗତ ବୁଧବାର ଭୁବନ ବ୍ଲକ ସୁରପ୍ରତାପପୁର ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହି ଘଟଣାରେ ଗୁରୁବାର ଭୁବନ ଥାନାରେ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ୨୯ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଗ୍ରାମରେ ୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି। ସରକାରୀ ଜମିରୁ ମୋରମ ଖନନକୁ କେନ୍ଦ୍ରକରି ବୁଧବାର ଗ୍ରାମରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଗୁଳି ଏବଂ ଟେକାପଥର ମାଡ଼ରେ ସମିତିସଭ୍ୟାଙ୍କ ସ୍ୱାମୀ ଜିତେନ୍ଦ୍ର ରାଉତ (୫୫), ତାଙ୍କ ଭାଇ ଜୟପ୍ରକାଶ ରାଉତ (୫୨), ପୁତୁରା ଶୁଭଙ୍କର ରାଉତ (୨୫) ଏବଂ ଅପରପକ୍ଷର ସରପଞ୍ଚଙ୍କ ସ୍ୱାମୀ ଭଜମନ ସାମଲ (୪୦), ଚିତ୍ରସେନ ସାହୁ (୪୪) ଗୁରୁତର ହୋଇଥିଲେ। ଏହି ଘଟଣାରେ ବ୍ରଜମୋହନ ସାମଲଙ୍କ ସ୍ତ୍ରୀ ସୋନିଙ୍କ ଅଭିଯୋଗକ୍ରମେ (ନଂ.୨୫୯/୨୨)ରେ ୧୦ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସେହିପରି ବିଭୂତି ଭୂଷଣ ରାଉତଙ୍କ ଅଭିଯୋଗକ୍ରମେ (ନଂ. ୨୬୦/୨୨)ରେ ୧୯ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଚଳାଇଛି।

# ଥଇଥାନ ଦାବିକଲେ ଉଠାଦୋକାନୀ



ଥଇଥାନ ଦାବିରେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଉଠା ଦୋକାନୀମାନେ।

**ଢେଙ୍କାନାଳ ଅଫିସ, ୨୩।୬**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମ୍ମୁଖ ଫୁଟପାଥ୍‌ର ସୌନ୍ଦର୍ଯ୍ୟକରଣ କାମ ଚାଲିଛି। ଉକ୍ତ ସ୍ଥାନରେ ଷ୍ଟିଲ୍ ରେଲିଂ ଲଗାଯାଉଛି। ଫଳରେ ଦୀର୍ଘଦିନରୁ ସେହି ଜାଗାରେ ବସି ବ୍ୟବସାୟ କରୁଥିବା ଉଠାଦୋକାନୀଙ୍କୁ ଉଠିଯିବା ପାଇଁ ପୌରସଂସ୍ଥା କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଉଚ୍ଛେଦ ପୂର୍ବରୁ ଥଇଥାନ କରିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ସେମାନେ ଗୁରୁବାର ଜିଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।

ଉଠା ଦୋକାନୀ ବସୁଥିବା ସ୍ଥାନରେ ରେଲିଂ ଲଗାଯିବ ନାହିଁ ବୋଲି ପ୍ରଥମେ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ଏହାସତ୍ତ୍ୱେ ପୌରସଂସ୍ଥା ସେମାନଙ୍କୁ ଉଠାଇ ରେଲିଂ ଲଗାଯିବ ବୋଲି କହୁଛି, ଯାହା ସେମାନଙ୍କ ପାଇଁ ବଡ଼ ସମସ୍ୟା ହୋଇଛି। ଏହାର ସମାଧାନ କରିବା ଲାଗି ମାଳବିକା ବେହେରା, ଦେବ କୁମାର ମିଶ୍ର, ସୁଶାନ୍ତ କୁମାର ବାଡ଼ତ୍ୟା, ଚନ୍ଦ୍ରକାନ୍ତ ସାହୁ, ଶ୍ରୀନିବାସ ସାହୁ, ସୁବାସ ଗୁରୁ ପ୍ରମୁଖ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ଚିନ୍ତା ବଢ଼ାଇଛି ଗୋଠଛଡ଼ା ଦନ୍ତା

**ଢେଙ୍କାନାଳ ଅଫିସ, ୨୩।୬**

ଢେଙ୍କାନାଳ ପୌରାଞ୍ଚଳ ଅନ୍ତର୍ଗତ ଭଗବାନପୁର ଅଞ୍ଚଳରେ ଏକ ଗୋଠଛଡ଼ା ଦନ୍ତା ଉପଦ୍ରବ ସୃଷ୍ଟି କରିଛି। ଉକ୍ତ ହାତୀ ଢେଙ୍କାନାଳ-କପିଳାସ ରାସ୍ତା ଉପରେ ଛିଡ଼ା ହୋଇ ରହୁଛି। ଫଳରେ ପଥଚାରୀଙ୍କ ମଧ୍ୟରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଗତ ବୁଧବାର ରାତିରେ ଉକ୍ତ ହାତୀ କୁକୁଡ଼ାଝର ନିକଟରେ ଏକ ସ୍କୁଲ ପାଚେରି ଭାଙ୍ଗି ଦେଇଛି। ସନ୍ଧ୍ୟାରେ ରାସ୍ତାରେ ଛିଡ଼ା ହୋଇଥିବାବେଳେ ଜଣେ ବାଇକ୍ ଆରୋହୀ ହାତୀ ଦେହରେ ପିଟି ହୋଇଯାଇଥିଲେ। ତେବେ ସୌଭାଗ୍ୟବଶତଃ ସେ ବର୍ତ୍ତିଯାଇଛନ୍ତି। ଏ ନେଇ ରେଞ୍ଜର ବିଭୁନନ୍ଦନ ମିଶ୍ର କୁହନ୍ତି, ଉକ୍ତ ଦନ୍ତାହାତୀ ଦୀର୍ଘଦିନ ହେଲା ଉପଦ୍ରବ ଚଳାଇଛି। ଏଲିଫ୍ୟାଣ୍ଟ ସ୍କ୍ୱାଡ୍, ବନ କର୍ମଚାରୀ ଏହାର ଗତିବିଧି ଉପରେ ନଜର ରଖିଛନ୍ତି।

## ବର୍ଷାରେ ବୁଡ଼ିଲା ଜାତୀୟ ରାଜପଥ

**ଢେଙ୍କାନାଳ ଅଫିସ୍, ୨୩।୬**

ଢେଙ୍କାନାଳ ଜିଲାରେ ଗୁରୁବାର ଅପରାହ୍ନରେ ପ୍ରାୟ ୩ଘଣ୍ଟା ଧରି ମୂଷଳଧାରାରେ ବର୍ଷା ହୋଇଛି। ଏଥିରେ ୫୫ନଂ. ଜାତୀୟ ରାଜପଥ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ମୋଟଙ୍ଗା ଥାନା ଅଞ୍ଚଳ ଦେଇଯାଇଥିବା ଏନ୍‌ଏଚ୍ ଉପରେ ଆଣ୍ଠୁଏ ପାଣି ଚାଲିବାରୁ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ବିଭିନ୍ନ କାରଣରୁ ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହେଉନାହିଁ। ନିର୍ମାଣ ଆଳରେ ମରାମତି କରାଯାଉ ନ ଥିବାରୁ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ପାଣି ଭର୍ତ୍ତି ଗର୍ତ୍ତରେ ଖସିପଡ଼ି ବାଇକ୍ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଗର୍ତ୍ତଗୁଡ଼ିକୁ ତୁରନ୍ତ ପୂରଣ କରିବା ସହ ରାସ୍ତାକାମ ଶୀଘ୍ର ସାରିବାରୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।



## ଫରେଷ୍ଟ ବିଟ୍ ହାଉସ୍ ଗୃହ ଉଦ୍‌ଘାଟିତ

**ଭୁବନ, ୨୩।୬(ଡି.ଏନ.ଏ.)**


ଢେଙ୍କାନାଳ ଜିଲା ଭୁବନ ଫରେଷ୍ଟ ବିଟ୍ ହାଉସର ନୂତନ ଗୃହ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଡା. ପ୍ରକାଶ ଚାନ୍ଦ ଗୋଗିନେନି ଏହାର ଲୋକାର୍ପଣ କରିଥିଲେ। ରେଞ୍ଜର ଅନିତା ସେଠୀ, ଫରେଷ୍ଟର କବିତା ବିଶ୍ୱାଳଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


ଭୁବନରେ ରେଞ୍ଜ୍ କାର୍ଯ୍ୟାଳୟ ଏବଂ ବିଟ୍ ହାଉସ୍ କାର୍ଯ୍ୟକ୍ଷମ ରହିଛି। ବିଟ୍ ହାଉସ୍ ଫରେଷ୍ଟର ଏବଂ ଅନ୍ୟ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ। ତେବେ ପୁରାତନ ବିଟ୍‌ହାଉସ୍ ଜରାଜୀର୍ଣ୍ଣ ହୋଇପଡ଼ିଥିଲା। ପରିତ୍ୟକ୍ତ ହୋଇପଡ଼ିଥିବାରୁ କର୍ମଚାରୀମାନେ ସମସ୍ୟାରେ ପଡୁଥିଲେ। ଏବେ ନୂତନ ବିଟ୍ ହାଉସ୍ ନିର୍ମାଣ ଦ୍ୱାରା ଚୋରା କାଠ ବ୍ୟବସାୟୀଙ୍କ ଉପରେ ନଜର ରଖିବା ସହ ଜଙ୍ଗଲରେ ପାଟ୍ରୋଲିଂ କରିବା ସୁବିଧା ହେବ ବୋଲି ଡିଏଫ୍‌ଓ କହିଛନ୍ତି।



ଡିଏଫ୍‌ଓ ବିଟ୍ ହାଉସ୍ ଉଦ୍‌ଘାଟନ କରୁଛନ୍ତି।

# କନ୍ଧରା ଜଙ୍ଗଲରେ କଡ଼ା ପହରା







କନ୍ଧରା ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ଟ୍ରାପ୍ କ୍ୟାମେରାରେ କଏଦ ହୋଇଥିବା ବନ୍ୟଜନ୍ତୁ, ପକ୍ଷୀ ଓ ସରୀସୃପ।

- କଲରାପତରିଆଙ୍କ ପାଇଁ ୨୪ ଘଣ୍ଟିଆ ସୁରକ୍ଷା
- ୱାଚ୍ ଟାୱାର ଉପରୁ ରଖାଯାଇଛି ସତର୍କ ଦୃଷ୍ଟି

**ଢେଙ୍କାନାଳ ଅଫିସ, ୨୩।୬**

ସାତକୋଶିଆ ବ୍ୟାଘ୍ର କରିଡରରେ ସାମିଲ ହୋଇଥିବା ହିନ୍ଦୋଳ ରେଞ୍ଜ ଅଧୀନ କନ୍ଧରା ଏବଂ ନନ୍ଦିନିଆ ସଂରକ୍ଷିତ ଜଙ୍ଗଲରେ କଲରାପତରିଆ ବାଘ ବଂଶ ବୃଦ୍ଧିକୁ ନେଇ ଉତ୍ସାହିତ ଅଛନ୍ତି ପରିବେଶପ୍ରେମୀ। ଜୈବ ବିବିଧତା ସନ୍ତୁଳନ ରକ୍ଷାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଥିବା ଏହି ମାଂସାଶୀ ପ୍ରାଣୀଙ୍କ ସୁରକ୍ଷା ଏବେ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏହାକୁ ନେଇ ସଜାଗ ହୋଇଉଠିଛି ଢେଙ୍କାନାଳ ଜିଲା ବନ ବିଭାଗ। କନ୍ଧରା ସଂରକ୍ଷିତ ଜଙ୍ଗଲରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୱାଚ୍ ଟାୱାରରେ ମୁତୟନ ସୁରକ୍ଷା କର୍ମୀ ଶିକାରୀଙ୍କ ଉପରେ ସତର୍କ ଦୃଷ୍ଟି ରଖିଛନ୍ତି।

ଅନୁଗୋଳ ଜିଲା ସାତକୋଶିଆ, କଟକ ଜିଲାର ବଡ଼ମ୍ବା-ନରସିଂହପୁର ସଂରକ୍ଷିତ ଜଙ୍ଗଲ ସୀମା ସହିତ ସଂଲଗ୍ନ କନ୍ଧରା ରିଜର୍ଭ ଫରେଷ୍ଟ ପ୍ରକୃତିର ବରଦାନ। ୧୧ ହଜାର ୪୮ ହେକ୍ଟରରେ ପରିବ୍ୟାପ୍ତ ଏହି ଜଙ୍ଗଲ କଲରାପତରିଆ, ହାତୀ, ହରିଣ, ସମ୍ବର, ନେପାଳି ମୂଷା, ବିଭିନ୍ନ ପ୍ରଜାତିର ସରୀସୃପ, ପକ୍ଷୀଙ୍କ ପ୍ରାକୃତିକ ଆବାସସ୍ଥଳୀ। ତେବେ ମୁକୁଳା ପଡ଼ିଥିବା ବିସ୍ତୀର୍ଣ୍ଣ ଜଙ୍ଗଲ ସୀମାନ୍ତ ଅଞ୍ଚଳ ଶିକାରୀଙ୍କ ଅନୁପ୍ରବେଶ ପାଇଁ ସୁଯୋଗ ସୃଷ୍ଟି କରୁଥିବାବେଳେ ବନ୍ୟପ୍ରାଣୀଙ୍କ ସୁରକ୍ଷା ମୁଖ୍ୟ ବିଷୟ ହୋଇଛି। ନିକଟରେ ଆଠଗଡ଼ ବନଖଣ୍ଡରେ ହାତୀ ମୃତ୍ୟୁ ଟ୍ରାଜେଡି ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ସେହିପରି ଗତ ମେ ୨୦ରେ ହିନ୍ଦୋଳ ରେଞ୍ଜ୍ ଅନ୍ତର୍ଗତ କର୍ଣ୍ଣପୁର ବିଟ୍ ହାଉସ୍‌ର କୋଇ ସଂରକ୍ଷିତ ଜଙ୍ଗଲରୁ ଏକ କଲରାପତରିଆ ବାଘର ଗଳିତ ମୃତଦେହ ଠାବ କରାଯାଇଥିଲା। ଶିକାରୀ ବିଛାଇଥିବା ବାର୍‌ହା ଫାଶରେ ପଡ଼ି ବାଘଟିର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। କନ୍ଧରା ଜଙ୍ଗଲରେ ଯେପରି ଏହାର ପୁନରାବୃତ୍ତି ନ ହୁଏ ସେଥିଲାଗି ସତର୍କ ହୋଇଉଠିଛି ବନ ବିଭାଗ।

ପଦକ୍ଷେପ ସ୍ୱରୂପ କନ୍ଧରା ଜଙ୍ଗଲରେ ନିର୍ମାଣ କରାଯାଇଛି ସୁଉଚ୍ଚ ଟାୱାର। ଖଞ୍ଜାଯାଇଛି ଟ୍ରାପ୍ କ୍ୟାମେରା। ପାଟ୍ରୋଲିଂ ମଧ୍ୟ କଡ଼ାକଡ଼ି କରାଯାଇଛି। ଶିକାରୀଙ୍କ ମୁକାବିଲା ପାଇଁ ସୁରକ୍ଷାରେ ନିୟୋଜିତ ବନ କର୍ମଚାରୀଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ବନ୍ଧୁକ ମଧ୍ୟ ଦିଆଯାଇଛି। ବନ ବିଭାଗର ପଦସ୍ଥ ଅଧିକାରୀ ନିୟମିତ ବ୍ୟବଧାନରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି। ଟାୱାରରେ ବନ କର୍ମଚାରୀ ୨୪ ଘଣ୍ଟା ପହରା ଦେଉଛନ୍ତି। କନ୍ଧରା ଜଙ୍ଗଲର ସବୁଜିମାମୟ ପରିବେଶ ଏବଂ ସେଠାରେ ବିଚରଣ କରୁଥିବା ବନ୍ୟପ୍ରାଣୀଙ୍କୁ ନେଇ ନିକଟରେ ଉତ୍ତୋଳନ କରାଯାଇଥିବା ଭିଡିଓକୁ ଜିଲା ବନ ବିଭାଗ ସାର୍ବଜନୀନ କରିଛି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଆଠଗଡ ବନଖଣ୍ଡରେ ହାତୀ ମୃତ୍ୟୁ ପରେ କନ୍ଧରା ଜଙ୍ଗଲରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ବ୍ୟକ୍ତିଗତ ଭାବେ ସେ ନିଜେ ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି। କନ୍ଧରା ଜଙ୍ଗଲର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଲୋକଲୋଚନକୁ ଆଣିବା ଲାଗି ଭିଡିଓଗ୍ରାଫି କରାଯାଇଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

# ମାନିଲା ବୈଠକରେ ଯୋଗଦେଲେ ଅଚ୍ୟୁତ



ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନର ବାର୍ଷିକ ସାଧାରଣ ପରିଷଦ ବୈଠକରେ ଅନ୍ୟ କର୍ମକର୍ତ୍ତାଙ୍କ ସହ ଅଚ୍ୟୁତ ସାମନ୍ତ।

**ଭୁବନେଶ୍ୱର, ୨୩।୬ (କ୍ରୀଡ଼ା ପ୍ରତିନିଧି):** ଫେଡେରେଶନ ଇଣ୍ଟରନ୍ୟାଶନାଲ ଭଲିବଲ (ଏଫ୍ଆଇଭିବି)ର ବାର୍ଷିକ ସାଧାରଣ ପରିଷଦ ବୈଠକ ଫିଲିପାଇନ୍ସର ମାନିଲାଠାରେ ଗୁରୁବାର ଆରମ୍ଭ ହୋଇଛି। ଏଫ୍ଆଇଭିବିର ଆମନ୍ତ୍ରଣ କ୍ରମେ ଭାରତୀୟ ଭଲିବଲ ସଂଘ (ଭିଏଫ୍ଆଇ)ର ସଭାପତି ଅଚ୍ୟୁତ ସାମନ୍ତ ଏହି ବୈଠକରେ ଯୋଗ ଦେଇଛନ୍ତି। ପ୍ରଥମଥର ଲାଗି ଭାରତୀୟ ଭଲିବଲ ସଂଘର ସଭାପତି ଭାବେ ଅଚ୍ୟୁତ ଏଥିରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।

### ଭାରତରେ ଭଲିବଲ୍ର ବିକାଶ ପାଇଁ ପ୍ରୟାସ

୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏଫଆଇଭିବିର ବାର୍ଷିକ ସାଧାରଣ ପରିଷଦ ବୈଠକରେ ୨୨୨ ଦେଶର ଭଲିବଲ ସଂଘ ସଭାପତି ଯୋଗ ଦେଇଛନ୍ତି। ଏହି ବୈଠକରେ ଯୋଗଦେବା ଅବସରରେ ଅଚ୍ୟୁତ ଏଫଆଇଭିବିର ସଭାପତି ଆରି ଗ୍ରାକା ଓ ମହାନିର୍ଦ୍ଦେଶକ ଫାବିଓ ଆଜେଭେଦୋଙ୍କୁ ବ୍ୟକ୍ତିଗତ ଭାବେ ଭେଟିଥିଲେ। ଭାରତରେ ଭଲିବଲକୁ ଲୋକପ୍ରିୟ କରାଇବା ସହ ଏହାର ବିକାଶ ଓ ପ୍ରସାର ନେଇ ଆରି ଗ୍ରାକା ଓ ଫାବିଓଙ୍କ ସହ ସେ ଆଲୋଚନା କରିଥିଲେ। ଭାରତରେ ଭଲିବଲର ବିକାଶ ଦିଗରେ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଆର ଗ୍ରାକା ଓ ଫାବିଓ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ଯୋଗ ଦେଇଥିବା ଭଲିବଲ ସଂଘର ସଭାପତିଙ୍କ ସହ ମଧ୍ୟ ଅଚ୍ୟୁତ ସାକ୍ଷାତ ଆଲୋଚନା କରିଥିଲେ। ଅଚ୍ୟୁତଙ୍କ ସହ ଭାରତୀୟ ଭଲିବଲ ସଂଘର ସହ-ସମ୍ପାଦକ ତଥା ଓଡ଼ିଶା ଭଲିବଲ ଆସୋସିଏସନ ସମ୍ପାଦକ ଗଗନେନ୍ଦୁ ଦାଶ ମଧ୍ୟ ମାନିଲା ଯାତ୍ରା କରିଛନ୍ତି।

# ଅଲ୍ଟିମେଟ ଖୋ ଖୋ ଲିଗ୍ରେ ଓଡ଼ିଶାର ପ୍ରବେଶ

ଭୁବନେଶ୍ୱର, ୨୩।୬ (ସ୍ପୋର୍ଟ୍ସ ବ୍ୟୁରୋ)

ଖୋ ଖୋକୁ କ୍ୟାରିୟର କରୁଥିବା ଓଡ଼ିଶା ଖେଳାଳିଙ୍କ ପାଇଁ ଭଲ ଖବର। ନିକଟରେ ହେବାକୁଥିବା ଅଲ୍ଟିମେଟ୍ ଖୋ ଖୋ ଲିଗ୍ (ୟୁକେକେ)କୁ ପ୍ରୋତ୍ସାହିତ କରିବା ଲାଗି ଓଡ଼ିଶା ସରକାର ଆଗ୍ରହ ଦେଖାଇଛନ୍ତି। ଫଳସ୍ୱରୂପ ଏହି ପ୍ରଫେଶନାଲ ଲିଗ୍ରେ ଏକ ଟିମ୍ର ମାଲିକାନା ଗ୍ରହଣ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା ସ୍ପୋର୍ଟ୍ସ ଡେଭଲେପମେଣ୍ଟ ଆଣ୍ଡ୍ ପ୍ରମୋଶନ କମ୍ପାନୀ (ଓଏସ୍ଡିପିସି) ମାଲିକାନାରେ ଏହି ଦଳ ଆଗାମୀ ଲିଗ୍ରେ ୫ମ ଦଳ ଭାବେ ଯୋଗ ଦେବ। ନିକଟରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ରାଜ୍ୟ ବାଳିକା ଓ ବାଳକ ଦଳ ରୌପ୍ୟ ଜିତିବା ପରେ ଆଗାମୀ ଦିନରେ ଟୁର୍ନାମେଣ୍ଟରେ ଓଡ଼ିଶାର ନିଜସ୍ୱ ଏକ ଦଳ ଭାଗ ନେବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଖୋଖୋ ଏକ ପାରମ୍ପରିକ ଖେଳ। ଓଡ଼ିଶାର ବହୁ ଅଞ୍ଚଳରେ ଏହା ଖୁବ୍ ଲୋକପ୍ରିୟତା ଅର୍ଜନ କରିଛି। ଏହି ଖେଳରେ ଆମ ରାଜ୍ୟର ଉଭୟ ବାଳିକା ଓ ବାଳକ ଦଳ ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରୁଛି। ରାଜ୍ୟରେ ଏହି ଖେଳର ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି। ଏହି ଦୃଷ୍ଟିରୁ ଆମେ ଖୋ ଖୋ ଲିଗ୍ରେ ଅଂଶଗ୍ରହଣ ଲାଗି ନିଷ୍ପତ୍ତି ନେଇଛୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ପୋର୍ଟ୍ସ ଇନ୍ ଓଡ଼ିଶାର ଏହା ଏକ ଅଂଶବିଶେଷ ବୋଲି ଓଡ଼ିଶା ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଏକ ଇସ୍ତାହାରରେ ପ୍ରକାଶ କରିଛନ୍ତି।

### ଏକ ଫ୍ରାଞ୍ଚାଇଜ୍ ଟିମ୍ର ମାଲିକ ହେବ

ନବୀନ ପଟ୍ଟନାୟକଙ୍କ ସରକାର ବିଗତ କିଛି ବର୍ଷ ଧରି କେବଳ ଦେଶର ପ୍ରମୁଖ କ୍ରୀଡ଼ା ଇଭେଣ୍ଟଗୁଡ଼ିକର ଆୟୋଜନ କରିନାହାନ୍ତି ବରଂ ବିଶ୍ୱଶ୍ରେଣୀୟ ବହୁବିଧ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରିଛନ୍ତି। ଅଗ୍ରଣୀ ଷ୍ଟିଲ ନିର୍ମାତା କମ୍ପାନୀ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ ଲିମିଟେଡ୍ ସହ ସହବନ୍ଧିତ ହୋଇ ଓଏସ୍ଡିପିସି ଅଲ୍ଟିମେଟ ଖୋ ଖୋରେ କାର୍ଯ୍ୟ କରିବ। ଏହି ପରିପ୍ରେକ୍ଷୀରେ ଅଲ୍ଟିମେଟ ଖୋ ଖୋର ସିଇଓ ତେନ୍ଜିଂ ନିଓଗି କହିଛନ୍ତି, ଭାରତରେ କ୍ରୀଡ଼ା ବିବର୍ତ୍ତନକୁ ମଜଭୁତ କରିବାରେ ସ୍ପୋର୍ଟ୍ସ ଓଡ଼ିଶା ମୁଖ୍ୟ ଭୂମିକା ଗ୍ରହଣ କରିଛି। ଅଲ୍ଟିମେଟ ଖୋ ଖୋ ପୂର୍ବରୁ ୪ଟି ଫ୍ରାଞ୍ଚାଇଜ୍ ଘୋଷଣା କରିସାରିଛି। କର୍ପୋରେଟ ଜାଏଣ୍ଟ ଆଦାନୀ ଗ୍ରୁପ୍ ଓ ଜିଏମ୍ଆର ଗ୍ରୁପ୍ ଗୁଜରାଟ ଓ ତେଲଙ୍ଗାନା ଫ୍ରାଞ୍ଚାଇଜ୍ ନେଇଥିବା ବେଳେ କ୍ୟାପ୍ରି ଗ୍ଲୋବାଲ ଓ କେଏଲ୍ଓ ସ୍ପୋର୍ଟ୍ସ ରାଜସ୍ଥାନ ଏବଂ ଚେନ୍ନାଇ ଟିମ୍ର ମାଲିକ ଅଟନ୍ତି। ପ୍ରକାଶଯୋଗ୍ୟ ଯେ, ଏହା ପୂର୍ବରୁ ୨୦୧୩ରୁ ଓଡ଼ିଶା ମାଲିକାନାରେ ଏକ ଦଳ କଳିଙ୍ଗ ଲାନ୍ସର୍ସ ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ରେ ପ୍ରତିନିଧିତ୍ୱ କରି ଆସୁଛି। ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ୍)ରେ ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍ସି ଖେଳୁଛି।

# ଟି୨୦: ମହିଳା କ୍ରିକେଟ ଦଳର ବିଜୟ



ଜେମିମା ରୋଡ୍ରିଗୁଏଜ

**ଡାମ୍ବୁଲା, ୨୩।୬:** ଏଠାରେ ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚ୍ରେ ଭାରତୀୟ ମହିଳା ଦଳ ୩୪ ରନ୍ରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଏହି ବିଜୟ ସହ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ରେ ୧-୦ରେ ଅଗ୍ରଣୀ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୩୮ ରନ୍ କରିଥିବା ବେଳେ ଘରୋଇ ଶ୍ରୀଲଙ୍କା ୫ ଉଇକେଟ ହରାଇ ୧୦୪ ରନ୍ କରିବାକୁ ସକ୍ଷମ ହୋଇଥିଲା।

ଟସ୍ ଜିତି ବ୍ୟାଟିଂ କରିଥିବା ଭାରତୀୟ ଦଳକୁ ଆରମ୍ଭରୁ ଡବଲ ଝଟକା ଲାଗିଥିଲା। ଚତୁର୍ଥ ଓଭରରେ କ୍ରମାଗତ ବଲରେ ସ୍ମୃତି ମନ୍ଧାନା (୧) ଓ ସାବିନେନି ମେଘନା (୦) ଆଉଟ୍ ହୋଇଥିଲେ। ତାଙ୍କ ପରେ ପ୍ୟାଭିଲିଅନ ଫେରିଥିଲେ ୩୧ ବଲରେ ୩୧(୪ ଚୌକା) ରନ୍ କରିଥିବା ଶେଫାଳୀ ବର୍ମା। ଅଧିନାୟକ ହରମନ(୨୨ ରନ, ୩ ଚୌକା) ମଧ୍ୟ କିଛି ଖାସ କରିପାରି ନ ଥିଲେ। ଭାରତୀୟ ଦଳ ୧୭ ଓଭରରେ ୧୦୬ ରନ୍ରେ ପ୍ରମୁଖ ୬ ବ୍ୟାଟରଙ୍କ ଉଇକେଟ ହରାଇ ସଙ୍କଟରେ ଥିଲା। ଅନ୍ତିମ ୩ ଓଭରରେ ଦଳକୁ ଭଲ ଫିନିସିଂ ପ୍ରଦାନ କରିଥିଲେ ଜେମିମା ରୋଡ୍ରିଗୁଏଜ ଓ ଦୀପ୍ତି ଶର୍ମା। ରୋଡ୍ରିଗୁଏଜ ୨୭ ବଲରେ ୩୬ (୩ ଚୌକା ଓ ୧ ଛକା) ଓ ଦୀପ୍ତି ୮ ବଲରେ ୧୭ (୩ ଚୌକା) ରନ୍ କରି ଅପରାଜିତ ଥିଲେ। ଯାହା ଫଳରେ ଭାରତ ୨୦ ଓଭରରେ ୬ ଉଇକେଟରେ ୧୩୮ ରନ୍ କରିପାରିଥିଲା। ଘରୋଇ ଦଳ ପାଇଁ ରାଣାୱିରା ୩ ଏବଂ ରାଣାସିଂଘେ ୨ ଉଇକେଟ ନେଇଥିଲେ। ଜବାବରେ ପ୍ରାରମ୍ଭିକ ବିପର୍ଯ୍ୟୟ ଏବଂ ଭାରତୀୟ ବୋଲରଙ୍କ ମାପଚୁପ୍ ବୋଲିଂ ଯୋଗୁ ଶ୍ରୀଲଙ୍କା କଦାପି ଆବଶ୍ୟକ ରନ୍ ହାର ପାଖାପାଖି ପହଞ୍ଚି ପାରି ନ ଥିଲା। ଘରୋଇ ଦଳ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୫ ଉଇକେଟ ହରାଇ ୧୦୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଶ୍ରୀଲଙ୍କା ପକ୍ଷରୁ କାବିଶା ଦିଲହାରୀ ୪୭ ରନ୍ କରି ନଟଆଉଟ୍ ଥିଲେ। ବିଜୟୀ ଦଳ ପାଇଁ ରାଧା ଯାଦବ ଦୁଇ ଉଇକେଟ ନେଇଥିବା ବେଳେ ଦୀପ୍ତି, ପୂଜା ଏବଂ ଶେଫାଳୀ ଗୋଟିଏ ଲେଖାଏ ସଫଳତା ଅର୍ଜନ କରିଥିଲେ।

## ମଧ୍ୟପ୍ରଦେଶର ଦୃଢ଼ ବ୍ୟାଟିଂ

**ବେଙ୍ଗାଲୁରୁ, ୨୩।୬:** ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫି ସିଜନର ଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୩୭୪ ରନ୍ରେ ଅଲଆଉଟ୍ ହେବା ପରେ ଦୃଢ଼ ବ୍ୟାଟିଂ କରିଛି ମଧ୍ୟପ୍ରଦେଶ। ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରିଥିବା ମଧ୍ୟପ୍ରଦେଶ ୧ ଉଇକେଟ ହରାଇ ୧୨୩ ରନ୍ କରି ଦୃଢ଼ ଜବାବ ଦେଇଛି। ମୁମ୍ବାଇ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୪୮/୫ରୁ ବ୍ୟାଟିଂ ଆରମ୍ଭ କରିଥିଲା। ଅପରାଜିତ ଥିବା ସାମ୍ସ ମୁଲାନି (୨୪) ପ୍ରଥମ ଓଭରରେ ହିଁ ଆଉଟ୍ ହୋଇଥିଲେ। ସର୍ଫରାଜ ନିମ୍ନକ୍ରମର ବ୍ୟାଟରଙ୍କ ସହ ସ୍କୋରକୁ ୩୭୪ ରନ୍ରେ ପହଞ୍ଚାଇଥିଲେ। ୨୪୩ ବଲର ସମ୍ମୁଖୀନ ହୋଇ ୧୩୪ (୧୩ ଚୌକା ଓ ୨ ଛକା)ରନ୍ କରିଥିବା ସର୍ଫରାଜ ଅନ୍ତିମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଗତ ୪ ମ୍ୟାଚ୍ରେ ଏହା ତାଙ୍କର ଚତୁର୍ଥ ଶତକ। ଏଥିସହିତ ଚଳିତ ରଣଜୀ ସିଜନରେ ସେ ୯୦୦ରୁ ଊର୍ଦ୍ଧ୍ୱ ରନ୍ ସ୍କୋର କରିଛନ୍ତି। ଗୌରବ ଯାଦବ ୪, ଅନୁଭବ ଅଗ୍ରୱାଲ ୩ ଓ ସାରାଂଶ ଜୈନ ୨ ଉଇକେଟ ନେଇଥିଲେ। ଜବାବରେ ଯଶ ଦୁବେ ଓ ହିମାଂଶୁ ମଧ୍ୟପ୍ରଦେଶକୁ ୪୭ ରନ୍ର ଆରମ୍ଭ ଦେଇଥିଲେ। ହିମାଂଶୁ ୩୧ ରନ୍ କରି ପ୍ୟାଭିଲିଅନ ଫେରିବା ପରେ ଯଶଙ୍କ ସହ ପିଚ୍ରେ ଯୋଗ ଦେଇଥିଲେ ଶୁଭମ ଏସ୍ ଶର୍ମା। ଦୁହେଁ ପ୍ରାୟ ୨୫ ଓଭର ଧରି ବ୍ୟାଟିଂ କରିଥିଲେ ମଧ୍ୟ ମୁମ୍ବାଇ ବୋଲରଙ୍କୁ ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଫଳରେ ଷ୍ଟମ୍ପ ଅପସାରଣ ବେଳକୁ ମଧ୍ୟପ୍ରଦେଶ ଏକ ଉଇକେଟ ହରାଇ ୧୨୩ ରନ୍ କରିଛି।

# ଓଡ଼ିଶା ଦଳରେ କିସ୍ର କାହ୍ନୁ, ଟିକେଶ୍ୱର



କାହ୍ନୁ ସୋରେନ ଓ ଟିକେଶ୍ୱର ମାଝି।

**ଭୁବନେଶ୍ୱର, ୨୩।୬ (କ୍ରୀଡ଼ା ପ୍ରତିନିଧି):** ଗୁଜରାଟର ରାଜକୋଟଠାରେ ଶୁକ୍ରବାରଠାରୁ ୨୬ ତାରିଖ ପର୍ଯ୍ୟନ୍ତ ୩୮ତମ ଜାତୀୟ ସବ୍ ଜୁନିୟର ଆକ୍ୱାଟିକ୍/ସନ୍ତରଣ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ କିସ୍ର ୨ ସନ୍ତରଣକାରୀ କାହ୍ନୁ ସୋରେନ ଓ ଟିକେଶ୍ୱର ମାଝି

### ଜାତୀୟ ସବ୍ଜୁନିୟର ସନ୍ତରଣ

ଓଡ଼ିଶା ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବେ। କାହ୍ନୁ ୫୦ ମିଟର ବଟରଫ୍ଲାଏ, ବ୍ରେଷ୍ଟଷ୍ଟ୍ରୋକ୍, ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍, ୨୦୦ ମିଟର ମିଡ୍ଲେ, ୪୦୦ ମିଟର ଫ୍ରିଷ୍ଟାଇଲ ଏବଂ ୪X୫୦ ମିଟର ଫ୍ରିଷ୍ଟାଇଲ୍ ରିଲେରେ ଅଂଶଗ୍ରହଣ କରିବେ। ଟିକେଶ୍ୱର ୫୦ ମିଟର ଫ୍ରିଷ୍ଟାଇଲ, ୧୦୦ ମିଟର ଫ୍ରିଷ୍ଟାଇଲ, ୨୦୦ ମିଟର ଫ୍ରିଷ୍ଟାଇଲ ଏବଂ ୪X୫୦ ମିଟର ଫ୍ରିଷ୍ଟାଇଲ୍ ରିଲେରେ ଭାଗନେବେ। କଳିଙ୍ଗ ଷ୍ଟାଡିୟମରେ ଗତ ମେ'ରେ ଅନୁଷ୍ଠିତ ୬୨ତମ ଓଡ଼ିଶା ରାଜ୍ୟ ସୁଇମିଂ ଚାମ୍ପିୟନଶିପ୍ରେ ପ୍ରଦର୍ଶନ ଭିତ୍ତିରେ ଏ ଦୁଇ ସନ୍ତରଣକାରୀ ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଆଗାମୀ ପ୍ରତିଯୋଗିତା ପାଇଁ ଦୀପଙ୍କର ଦାସ ଓଡ଼ିଶା ଦଳର ପ୍ରଶିକ୍ଷକ ମନୋନୀତ ହୋଇଛନ୍ତି। କିଟ୍ ଓ କିସ୍ର ପ୍ରତଷ୍ଠାତା ତଥା ଏମ୍ପି ଅଚ୍ୟୁତ ସାମନ୍ତ ଉକ୍ତ ଖେଳାଳି ଓ କୋଚ୍ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଇଟାଲୀଠାରୁ ହାରିଲା ଭାରତ

**ଉଡିନେ (ଇଟାଲୀ), ୨୩।୬ (ପି.ଟି.):** ସ୍ଥାନୀୟ ଗ୍ରାଣ୍ଡିସ୍କୋ ଡି'ଲ୍ସୋଞ୍ଜୋ ଷ୍ଟାଡିୟମରେ ଚାଲିଥିବା ୧୭ ବର୍ଷରୁ କମ୍ ମହିଳା ଚତୁଃରାଷ୍ଟ୍ରୀୟ ଫୁଟ୍ବଲ ଟୁର୍ନାମେଣ୍ଟରେ ଭାରତ ଏହାର ଓପନିଂ ମ୍ୟାଚରେ ଇଟାଲୀଠାରୁ ଶୋଚନୀୟ ୦-୭ ଗୋଲରେ ପରାସ୍ତ ହୋଇଛି। ଆସନ୍ତା ଅକ୍ଟୋବର-ନଭେମ୍ବରରେ ଭାରତରେ ହେବାକୁଥିବା ୧୭ବର୍ଷରୁ କମ୍ ମହିଳା ବିଶ୍ୱକପ୍କୁ ଦୃଷ୍ଟିରେ ରଖି ଭାରତୀୟ ଦଳର ଦକ୍ଷତା ବୃଦ୍ଧି ପାଇଁ ବିଦେଶ ଟୁର୍ର ଆୟୋଜନ କରିଛି। ଏହି ଅବସରରେ ଦଳ ଦୁଇଟି ଟୁର୍ନାମେଣ୍ଟରେ ଭାଗ ନେବ।

# ଭାରତୀୟ ମହିଳା ହକି ଦଳ ଘୋଷିତ

ନୂଆଦିଲ୍ଲୀ, ୨୩।୬ (ପି.ଟି.)

ଆସନ୍ତା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଗୁରୁବାର ୧୮ ଜଣିଆ ଭାରତୀୟ ମହିଳା ହକି ଦଳ ଘୋଷିତ ହୋଇଛି। ତାରକା ଷ୍ଟ୍ରାଇକର ରାଣୀ ରାମପାଲ ଆହତ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକୁଳି ନ ଥିବାରୁ ଦଳରେ ସ୍ଥାନ ପାଇ

### ରାଜ୍ୟଗୋଷ୍ଠୀ କ୍ରୀଡ଼ା

### ସବିତା ଅଧିନାୟିକା, ଦୀପ୍ ଗ୍ରେସ୍ ଏକ୍କା ଉପ-ଅଧିନାୟିକା

ନାହାନ୍ତି। ଗୋଲକିପର ସବିତା ପୁନିଆ ଅଧିନାୟିକା ଓ ଓଡ଼ିଶା ଡିଫେଣ୍ଡର ଦୀପ୍ ଗ୍ରେସ୍ ଏକ୍କା ଉପ-ଅଧିନାୟିକା ମନୋନୀତ ହୋଇଛନ୍ତି। ଓଡ଼ିଶାର ଏକମାତ୍ର ଖେଳାଳିଭାବେ ଦୀପ୍ ଗ୍ରେସ୍ ସୁଯୋଗ ପାଇଛନ୍ତି। ବର୍ମିଂହାମଠାରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଜୁଲାଇ ୨୮ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜୁଲାଇ ୧ରୁ ୧୭ ପର୍ଯ୍ୟନ୍ତ ହେବାକୁଥିବା ହକି ବିଶ୍ୱକପ ପାଇଁ ମଧ୍ୟ ସବିତା ଓ ଦୀପ୍ ଗ୍ରେସ୍



ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ମନୋନୀତ ଭାରତୀୟ ମହିଳା ହକି ଦଳ।

ସମାନ ଦାୟିତ୍ୱରେ ଅଛନ୍ତି। ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କ ମଧ୍ୟରେ ୩ ପରିବର୍ତ୍ତନ କରାଯାଇଛି। ୨ ନମ୍ବର ଗୋଲକିପରଭାବେ ବିଚୁ ଦେବୀ ଖାରିବାମ୍ଙ୍କ ସ୍ଥାନରେ ରଜନୀ ଇଟିମାରପୁ ସ୍ଥାନ ପାଇଥିବାବେଳେ ସୋନିକାଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଦଳରୁ ବାଦ୍ ଦିଆଯାଇଛି। ବିଶ୍ୱକପ ପାଇଁ ରିପ୍ଲେସମେଣ୍ଟ ଖେଳାଳି ଦାୟିତ୍ୱରେ ଥିବା ସଙ୍ଗୀତା କୁମାରୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଘୋଷିତ ମୁଖ୍ୟ ଦଳରେ ସ୍ଥାନ ପାଇଛନ୍ତି। ଭାରତୀୟ ଦଳ ପୁଲ୍ 'ଏ'ରେ ଇଂଲଣ୍ଡ, କାନାଡ଼ା, ୱେଲ୍ସ ଓ ଘାନା ସହିତ ସ୍ଥାନ ପାଇଛି। ଜୁଲାଇ ୨୯ରେ ଘାନା ବିପକ୍ଷରେ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। "ରାଜ୍ୟଗୋଷ୍ଠୀ କ୍ରୀଡ଼ାପାଇଁ ଏକ ଅଭିଜ୍ଞ ଦଳ ମନୋନୟକ କରାଯାଇଛି। ଏଥର ପଦକ ଜିତିବା ସମ୍ଭାବନା ଉଜ୍ଜ୍ୱଳ ରହିଥିବା ଖେଳାଳିମାନେ ବିଶ୍ୱାସ କରୁଛନ୍ତି" ବୋଲି ମୁଖ୍ୟ କୋଚ୍ ଜାନେକ ସ୍କୁପମାନ ପ୍ରକାଶ କରିଛନ୍ତି।

**ଭାରତୀୟ ଦଳ**

ଗୋଲକିପର: ସବିତା (ଅଧିନାୟିକା), ରଜନୀ ଇଟିମାରପୁ। **ଡିଫେଣ୍ଡର:** ଦୀପ୍ ଗ୍ରେସ୍ ଏକ୍କା (ଉପ-ଅଧିନାୟିକା), ଗୁରଜିତ କୌର, ନିକ୍କି ପ୍ରଧାନ, ଉଦିତା। **ମିଡ୍ଫିଲ୍ଡର:** ନିଶା, ସୁଶିଳା ଚାନୁ ପୁଖରାମବାମ, ମୋନିକା, ନେହା, ଜ୍ୟୋତି, ନବଜୋତ କୌର, ସାଲିମା ଟେଟେ। **ଫରୱାର୍ଡ:** ବନ୍ଦନା କାଟରିଆ, ଲାଲରେମସିଆମି, ନବନୀତ କୌର, ଶର୍ମିଳା ଦେବୀ, ସଙ୍ଗୀତା କୁମାରୀ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ